Vol.-I, Issue No-19
01- 15- Dec. 2022
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
# Odisha Sanket


ପୁଣି ପ୍ରେମରେ ପଡ଼ିଲେ ରିଆ !

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118

## ସ୍ୱପ୍ନ ପୂରଣ ପାଇଁ କଣ୍ଟା ସାଜିଛି ଅର୍ଥ

ବାଲିଗୁଡ଼ା: କେତେବେଳେ ହାତରେ ଦା’ ଧରି ବିଲରେ ଧାନ କାଟୁଛନ୍ତି ତ କେତେବେଳେ କାନ୍ଧରେ ବୋଝ ବୋହି ମାଇଲ ମାଇଲ ବାଟ ନେଇ ଯାଉଛନ୍ତି । ଆଉ କେତେବେଳେ ପାଠ ପଢ଼ାରେ ମଜ୍ଜି ଯାଉଛନ୍ତି ଆଦିବାସୀ ମୂଳକର ଏହି ଗରିବ ଡାକ୍ତରୀ ଛାତ୍ର ଜଣଙ୍କ। ତାଙ୍କ ମନରେ ଅସୁମାରୀ ସ୍ୱପ୍ନ ବସା ବାନ୍ଧିଛି, ହେଲେ ତାକୁ ପୂରଣ କରିବାକୁ ବାଟ ଖୋଜୁଛନ୍ତି ସେ। କାରଣ ତାଙ୍କ ସ୍ୱପ୍ନ ସମ୍ମୁଖରେ ପ୍ରତିବନ୍ଧକ ସାଜିଛି ଅର୍ଥ।



ଏହି ଡାକ୍ତରୀ ଛାତ୍ରଙ୍କ ନାଁ ଇଫୁ ମଲିକ। ତାଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ମିଡ଼ିଆକିଆ ପଞ୍ଚାୟତର ବାଗ୍ରାମିଲା ଗ୍ରାମରେ। ପରିବାରରେ ବୃଦ୍ଧ ବାପାମା’, ବଡ଼ ଭାଇ ଓ ସାନ ଭଉଣୀ ଅଛନ୍ତି। ହେଲେ କେହି ମଧ୍ୟ ରୋଜଗାରିଆ ନୁହନ୍ତି। ପିଲାଟି ବେଳୁ ଅଭାବ ଅନଟନରେ ବଢ଼ିଥିବା ଇଫୁଙ୍କର ପାଠପଢ଼ା ପ୍ରତି ପ୍ରବଳ ଆଗ୍ରହ ରହିଛି। ବିନା କୌଣସି ସାହାଯ୍ୟ ସହଯୋଗରେ ସେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ବେଶ୍ ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ।

ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇଫୁ କୋରାପୁଟ ସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ମେଡିକାଲ କଲେଜରେ ନାମ ସିନା ଲେଖାଇ ଦେଇଛନ୍ତି, ହେଲେ ଆଗକୁ କିପରି ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ନିଜ ସ୍ୱପ୍ନକୁ ହାସଲ କରିବେ ଏବେ ସେ ଚିନ୍ତା ଘାରିଛି ତାଙ୍କୁ। କାରଣ ଆସନ୍ତା ୫ ବର୍ଷ ପାଇଁ ନିଜର କଲେଜ ଫି, ହଷ୍ଟେଲ ଫି ତଥା ପାଠପଢ଼ା ଖର୍ଚ୍ଚ କେଉଁଠୁ ଯୋଗାଡ଼ କରିବେ ସେ ନେଇ ଶାନ୍ତିରେ ରହି ପାରୁ ନାହାନ୍ତି ଇଫୁ । ଅର୍ଥ ଯୋଗାଡ଼ କରିବାକୁ କେତେବେଳେ ପର ବିଲରେ ମଜୁରୀ ଲାଗୁଛନ୍ତି ତ କେତେବେଳେ ଜିନିଷ ବୋହି ଆଣୁଛନ୍ତି। ଏମିତି କାମଧନ୍ଦା କରି ସେ ନିଜ ପାଠପଢ଼ା ପାଇଁ କିଛି ପଇସା ଯୋଗାଡ଼ କରିପାରିବେ ବୋଲି ଆଶା ରଖିଛନ୍ତି ।

ଇଫୁ କହିଛନ୍ତି, ମେଡିକାଲ କଲେଜରେ ସିଟ୍ ତ ପାଇଗଲି, ହେଲେ ଆଗକୁ କିପରି ପାଠ ପଢ଼ିବି, ମେସ ଫି କେଉଁଠୁ ଯୋଗାଡ଼ କରିବି ସେ ନେଇ କିଛି ଜାଣିନି। କାରଣ ମୋ ପରିବାର ଏହି ଖର୍ଚ୍ଚ ଉଠାଇବାକୁ ସମର୍ଥ ନୁହେଁ। ବହୁ କଷ୍ଟରେ ଆଡମିଶନ କରି ଘରକୁ ଆସିଛି। ନିଜ ଖର୍ଚ୍ଚ ଉଠାଇବାକୁ ବିଭିନ୍ନ କାମ କରୁଛି। ଅନ୍ୟର ଧାନ କାଟି କିଛି କିଛି ପାଉଣା ଯୋଗାଡ଼ କରୁଛି। ପାଠ ପଢ଼ା ସହ କାମ କରିବାକୁ ଚାହୁଁଛି।

ଏଥିସହ ସେ କହିଛନ୍ତି, ମୋ’ ବାପାମା’ ବହୁତ ବୁଢ଼ାବୁଢ଼ୀ ହୋଇ ଯାଇଥିବା ବେଳେ ସେମାନେ କିଛି କାମଧନ୍ଦା କରି ପାରୁ ନାହାନ୍ତି। ତେଣୁ ଆପଣମାନଙ୍କଠାରୁ ସାହାଯ୍ୟ ପାଇଲେ ମୁଁ ମୋ ସ୍ୱପ୍ନକୁ ପୂରଣ କରିବି। ଭଲ ଡାକ୍ତର ହେଲେ ମୋ’ ଭଳି ଗରିବ ମେଧାବୀ ପିଲାଙ୍କୁ ନିହାତି ଭାବେ ସହାୟତାର ହାତ ବଢ଼ାଇବି।

ଇଫୁଙ୍କ ମାଆ ଦେହୁରୀ କହିବା ମୁତାବକ ଆମେ ଆଦିବାସୀ ଲୋକ । ବହୁ କଷ୍ଟରେ ପିଲାକୁ ଏ ପର୍ଯ୍ୟନ୍ତ ପାଠ ପଢ଼ାଇଲୁ। ହେଲେ ଏବେ ଆଉ କିଛି ରୋଜଗାର କରିପାରୁନୁ। ଆମ ରୋଜଗାର କହିଲେ ଭତ୍ତା ୫ଶହ ଟଙ୍କା। ସେଥିରେ ତେଲ, ଲୁଣ ଆଣୁଛୁ। ଆଉ କୋଉଠୁ ଟଙ୍କା ପାଇବୁ ଯେ ପୁଅକୁ ପଢ଼ାଇବୁ। ଇଫୁଙ୍କ ବାପା ସରକାରଙ୍କୁ ନିବେଦନ କରିଛନ୍ତି ଯେ, ଆମର କିଛି ବି ରୋଜଗାର ନାହିଁ। ଲୋକେ କିଛି ସାହାଯ୍ୟ କଲେ ଆମ ପୁଅ ଡାକ୍ତର ହୋଇପାରନ୍ତା।

## ୩ ଗୋଲ୍ଡ ମେଡାଲିଷ୍ଟ: ବାପା-ପୁଅ ଓ ଝିଅ

ଜୟପୁର: ବାପା ଚାମ୍ପିୟନ୍, ପୁଅ ବି ଚାମ୍ପିଅନ ଓ ଝିଅ ସୁପର ଚମ୍ପିଅନ୍। ଗୋଟିଏ ମଞ୍ଚରେ ସମାନ ଅତିଥିଙ୍କ ଠାରୁ ବାପା, ପୁଅ ଓ ଝିଅ ହାତେଇଛନ୍ତି ପଦକ। ଏହି ପଦକ ପୁଣି ରୌପ୍ୟ କି କାଂସ୍ୟ ନୁହେଁ, ୩ ଜଣ ଯାକ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ଜୟପୁରର ବିଶ୍ୱନାଥ ନାୟକଙ୍କ ଘରେ ଏବେ ତିନି ଜଣ ଗୋଲ୍ଡ ମେଡାଲିଷ୍ଟ। ବାପାଙ୍କ ପଥକୁ ଅନୁସରଣ କରି ପୁଅ ଓ ଝିଅ ପାୱାରଲିଫଟିଂକୁ ନିଜର ନିଶା ଭାବେ ଆପଣାଇ ନେଇଛନ୍ତି।

କେବଳ ସେମାନେ ଆପଣାଇ ନାହାନ୍ତି, ବରଂ ବାପାଙ୍କ ଭଳି ପଦକ ପରେ ପଦ ହାତେଇ ଚାଲିଛନ୍ତି। ଗୋଟିଏ ଘରେ ୩ ଜଣ ରହୁଥିଲେ ବି କେହି ବି କାହାଠାରୁ କମ୍ ନୁହନ୍ତି। ଜୟପୁର ସୌରା ସାହିରେ ରୁହନ୍ତି ବିଶ୍ୱନାଥ ନାୟକଙ୍କ ପରିବାର। ପାୱାରଲିଫଟିଂ ବା ଶକ୍ତି ଉତ୍ତୋଳନରେ ମାଷ୍ଟର ହେଉଛନ୍ତି ବାପା, ଝିଅ ଏବଂ ପୁଅ। ନିକଟରେ ରାୟଗଡ଼ାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତିନି ଜଣ ଯାକ ମାରିଛନ୍ତି ବାଜି। ସବୁ ପ୍ରତିଯୋଗୀଙ୍କୁ ପଛରେ ପକାଇ ନିଜ ନିଜ ବିଭାଗରେ ହୋଇଛନ୍ତି ଏକ ନମ୍ବର। ନିଜ ପିଲାଙ୍କ ସହ ଗୋଟିଏ ଷ୍ଟେଜରେ ନିଜର ଦକ୍ଷତା ପ୍ରଦର୍ଶନ କରି ବାପା ବିଶ୍ୱନାଥ ମଧ୍ୟ ବେଶ ଖୁସି ହୋଇଯାଇଛନ୍ତି। ସେ କହିଛନ୍ତି, “କଳିଙ୍ଗ ଷ୍ଟେଟ ପାୱାର ଲିଫଟିଂରେ ଜୟପୁରର ୨୫ ଜଣ ଭାଗ ନେଇଥିଲେ। ସବୁ ପିଲା ଭଲ ପ୍ରଦର୍ଶନ କରିଛନ୍ତି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ମୁଁ, ମୋ ପୁଅ ଓ ମୋ ଝିଅ ଗୋଟିଏ ମଞ୍ଚରେ ନିଜର କଳାକୃତି ଦେଖାଇଥିଲୁ। ମୋ ପୁଅ ୩ଟି ବିଭାଗରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଝିଅ ଗୋଟିଏ ସ୍ୱର୍ଣ୍ଣ ଜିତିଛି। ମୁଁ ମଧ୍ୟ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାତେଇଛି।




+୨ରେ ପଢ଼ିବା ବେଳ ଠାରୁ ମୋର ଏହି ଗେମ୍ ପ୍ରତି ଆଗ୍ରହ ଥିଲା। କିନ୍ତୁ ସଫଳତା ବହୁତ ବିଳମ୍ବରେ ମିଳିଲା। ଏବେ ପୁଅ ଓ ଝିଅଙ୍କ ସହ ଏକାଠି କାମ କରୁଥିବାରୁ ବେଶ ଖୁସି ଲାଗୁଛି। ଜୟପୁରରୁ ପ୍ରତିଯୋଗିତାକୁ ଯାଇଥିବା ୨୫ ଜଣ ଅତିଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ବିଶେଷ କରି ଝିଅଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା। ଜଗା ସାହୁ ଓ ଶ୍ରୀନିବାସ ସେଠୀ ମଧ୍ୟ ଭଲ ପ୍ରଦର୍ଶନ କରି ପଦକ ଜିତିଛନ୍ତି।”

### ମେସିନ କରୁଛି ମନରେଗା କାମ

## ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ

ଦେବଗଡ଼: ଦେବଗଡ଼ ଜିଲାରେ ଶ୍ରମିକ ମାନେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ ହେଁ ମନରେଗା ଅଧିନସ୍ଥ ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାନଯାଇ ମେସିନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଶ୍ରମିକ ମାନେ କାମଧନ୍ଦାରୁ ବଂଚିତ



ହେଉଛନ୍ତି। ଏହି କ୍ରମରେ ମନରେଗା ଯୋଜନାରୁ ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଂଚାୟତ ସଦର ମହକୁମାରେ ଥିବା ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟରେ ମାଟିଖୋଳା ମେସିନ ସାହାଯ୍ୟରେ କରାଯାଉଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁଯାୟୀ ସୁଗୁଡା ମିନି ଷ୍ଟାଡିୟମ୍‌ର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ସରକାର ୨୦୨୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରୁ ୫ ଲକ୍ଷ ଟଙ୍କା ମଂଜୁର କରିଛନ୍ତି। ମାତ୍ର ନିର୍ମାଣ କାର୍ଯ୍ୟରେ କୌଣସି ଶ୍ରମିକଙ୍କୁ ନିୟୋଜିତ କରାନଯାଇ ମେସିନ ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଉଛି। ଫଳରେ କାମ ଧନ୍ଦା ଅଭାବରୁ ହାତ ବାନ୍ଧି ବସିଥିବା ସମ୍ପୃକ୍ତ ଅଂଚଳର ଶ୍ରମିକମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ଏନେଇ ମାନେ ଏନେଇ ଗ୍ରାମ ପଂଚାୟତର ଗ୍ରାମ ରୋଜଗାର ସହାୟକଙ୍କ ଠାରୁ ଆରମ୍ଭ କରି ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଏପରିକି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ନିର୍ବାଚିତ ଲୋକ ପ୍ରତିନିଧି -ପଂଚାୟତ ନିର୍ବାହୀ ଅଧିକାରୀ-ଯନ୍ତ୍ରୀଙ୍କ ଅସାଧୁ ମେଂଟ ଯୋଗୁଁ ସରକାରୀ ନୀତି ନିୟମର ଖୋଲା ଉଲ୍ଲଙ୍ଘନ କରାଯାଉଥିବା ଏବଂ ଏହି କାରଣରୁ ଶ୍ରମିକ ମାନଙ୍କ କଥାକୁ କେହି କର୍ଣ୍ଣପାତ କରୁନଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମନରେଗା ଯୋଜନାରୁ ୫ଲକ୍ଷ ଟଙ୍କା ମଧ୍ୟରେ ଉକ୍ତ ଉନ୍ନତିକରଣ କାର୍ଯ୍ୟ ହେଉଥିବା ସ୍ୱୀକାର କରିବା ସହ ବର୍ତମାନ ପର୍ଯ୍ୟନ୍ତ ଉକ୍ତ ନିର୍ମାଣ କାର୍ଯ୍ୟ ନିମନ୍ତେ କୌଣସି ଅନୁମୋଦନ ମିଳିନଥିବାରୁ ସୂଚନା ଫଳକ ନିର୍ମାଣ କରାଯାଇନାହିଁ ବୋଲି ଶ୍ରୀ ସହକାରୀ ନିର୍ବାହୀ ଯନ୍ତ୍ରୀ ମାହାଲି ମନ୍ତବ୍ୟ ଦେଇଛନ୍ତି। ଏଣୁ ଖୋଦ ଜିଲାପାଳ ଏ ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଜେପି ବିରୋଧରେ ତେଜସ୍ୱୀ ନେବେ ନେତୃତ୍ୱ

ପାଟନା: ୨୦୨୫ ବିହାର ବିଧାନସଭା ନିର୍ବାଚନରେ ମହାଗଠବନ୍ଧନର ନେତୃତ୍ୱ ନେବେ ତେଜସ୍ୱୀ ଯାଦବ। ଏକଥା ନିଜେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଘୋଷଣା କରିଛନ୍ତି। ନୀତୀଶ କୁମାର ୨୦୨୪ରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଇଚ୍ଛା କରିଥିବାରୁ ୨୦୨୫ ବିହାର ବିଧାନସଭା ନିର୍ବାଚନରେ ତେଜସ୍ୱୀଙ୍କୁ ନେତୃତ୍ୱ ନେବେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏହାକୁ ନୀତୀଶ କୁମାର ଖଣ୍ଡନ କରିଛନ୍ତି।

ସେ କହିଛନ୍ତି, “ମୁଁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନୁହେଁ। ମୋର ଗୋଟିଏ ମାତ୍ର ଲକ୍ଷ୍ୟ ହେଲା ବିଜେପିକୁ ହରାଇବା। ତେଜସ୍ୱୀ ଯାଦବଙ୍କୁ ଆମେ ସମସ୍ତେ ସମର୍ଥନ କରି ଉତ୍ସାହିତ କରିବା।”

ଶାସକ ଦଳରେ ଥିବା ବିଧାୟକଙ୍କୁ ସମ୍ବୋଧନ କରିବା ବେଳେ ନୀତୀଶ କୁମାର ଏପରି କହିଛନ୍ତି। ଏହାର ଅର୍ଥ ନୀତୀଶ କୁମାର ଆଉ ବିହାରର ମୁଖ୍ୟମନ୍ତ୍ରୀ ହେବେ ନାହିଁ। ଆଜି ଠାରୁ ହିଁ ଅନଔପଚାରିକ ଭାବେ ସେ ଏକଥା ଘୋଷଣା କରିଛନ୍ତି। ଯଦି ୨୦୨୫ରେ ମହାଗଠବନ୍ଧନ ଜିତିବ,



ତା’ହେଲେ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହେବେ।

ଏହାପୂର୍ବରୁ ସୋମବାର ନାଳନ୍ଦାରେ ଗୋଟିଏ ଡେଣ୍ଟାଲ କଲେଜ ଉଦାଘଟନ କରିବା ବେଳେ ନୀତୀଶ କୁମାର ସର୍ବସମ୍ମୁଖରେ ତେଜସ୍ୱୀ ତାଙ୍କର ଉତ୍ତରାଧିକାରୀ ଭାବେ ଦାୟିତ୍ୱ ନେବେ ବୋଲି ସଙ୍କେତ ଦେଇଥିଲେ।

ସେ କହିଥିଲେ, “ଆମେ ଅନେକ କିଛି କରିଛୁ। ଯଦି କିଛି ରହିଯାଇଛି, ତା’ହେଲେ ଭବିଷ୍ୟତରେ ତେଜସ୍ୱୀ କାମ ଜାରି ରଖିବେ ଓ ସବୁ କିଛି ଶେଷ କରିବେ। ଯେଉଁମାନେ ଆମକୁ ଭାଗଭାଗ କରିବାକୁ ଚାହୁଁଛନ୍ତି, ସେମାନେ ଆଦୌ ଅନ୍ୟ କଥାରେ ପରିଚାଳିତ ହୋଇ ବିଶୃଙ୍ଖଳା କିମ୍ବା ସମସ୍ୟା ସୃଷ୍ଟି କରନ୍ତୁ ନାହିଁ। ଆମ ସମସ୍ତଙ୍କୁ ଏକାଠି ରହିବାକୁ ପଡ଼ିବ ଓ କାମ କରିବାକୁ ହେବ।”

ଏହି ସମୟରେ ଷ୍ଟେଜ ଉପରେ ତେଜସ୍ୱୀ ଯାଦବ ରହିଥିଲେ। ତାଙ୍କ ଉପସ୍ଥିତିରେ ନୀତୀଶ କୁମାର କହିଛନ୍ତି, “ତେଜସ୍ୱୀ ଏଠାରେ ଅଛନ୍ତି। ତାଙ୍କୁ ଆଗକୁ ନେବା ପାଇଁ ମୁଁ ଯାହା କରିବା କଥା କରି ସାରିଛି। ତାଙ୍କୁ ମୁଁ ଆହୁରି ଆଗକୁ ନେବି। ଆପଣମାନେ ସମସ୍ତେ ସବୁ କିଛି ଦେଖିବେ ଓ ସବୁ କିଛି ବୁଝିବେ।

ଆମର ସବୁ ଅଧିକାରୀ ଭଲ କାମ କରୁଛନ୍ତି। ମୁଁ କ’ଣ କହୁଛି ଶୁଣନ୍ତୁ। ଏହା ମୋର ବ୍ୟକ୍ତିଗତ ମତ ନୁହେଁ। ଆମେ ଯାହାବି କରୁଛେ, ସବୁ କିଛି ଗାନ୍ଧିଙ୍କ ପଥ ଅନୁସାରେ କରୁଛେ। ଆଜିର ମନ୍ତବ୍ୟକୁ ନେଇ କେହି ବି ଦ୍ୱନ୍ଦ୍ୱରେ ପଡ଼ନ୍ତୁ ନାହିଁ।” ଏହାପରେ ସେ ତେଜସ୍ୱୀ ତାଙ୍କ ଉତ୍ତରାଧିକାରୀ ହେବେ ବୋଲି ଘୋଷଣା କରିଥିଲେ।

ନୀତୀଶ କୁମାରଙ୍କ ଏପରି ପ୍ରଶଂସା ପରେ ତେଜସ୍ୱୀ ଯାଦବ କହିଛନ୍ତି, “ବର୍ତ୍ତମାନ ସମୟରେ ୨୦୨୪ ସାଧାରଣ ନିର୍ବାଚନ ହିଁ ସମସ୍ତଙ୍କର ଲକ୍ଷ୍ୟ। ସବୁ କିଛି ଏହାପରେ ଆସିବ।”

## ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା, ୪୫ ହଜାର ଶିକ୍ଷକ ପଦ ଖାଲି

ଭୁବନେଶ୍ୱର: ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଶିକ୍ଷକ ଅଭାବ ଏବଂ ଭିତ୍ତିଭୂମି ଭୁଶୁଡ଼ି ପଡ଼ିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ଉପୁଜୁଛି। କେଉଁ ବିଦ୍ୟାଳୟରେ ୫ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଅଛନ୍ତି ତ ଆଉ କେଉଁ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ବାରଣ୍ଡା ଏବଂ ଗଛ ମୂଳରେ ବସି ପଢୁଛନ୍ତି। ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉ ନଥିବାରୁ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଅଭିଭାବକ ପିଲାଙ୍କୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ଘରୋଇ ବିଦ୍ୟାଳୟକୁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ସରକାର ହାଇସ୍କୁଲଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ଏବଂ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଏହାକୁ ସାରା ରାଜ୍ୟ ସ୍ୱାଗତ କରୁଛି। କାରଣ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ବ୍ୟାପକ ସଂସ୍କାର ଆସି ପାରିବ। ହେଲେ ଏଠାରେ ପ୍ରଶ୍ନ ଉଠୁଛି, ଛାତ୍ରଛାତ୍ରୀ ପ୍ରଥମଶ୍ରେଣୀରୁ ଦୁଇ ଅକ୍ଷର ଭଲ ପାଠ ପଢ଼ିଲେ ଯାଇ ହାଇସ୍କୁଲରେ ପଢି ପାରିବେ। ଯଦି ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ‘ଅ’ ଓ ‘ଆ’ ଅକ୍ଷର ପଢ଼ାଇବାକୁ ଭିତ୍ତିଭୂମି ନାହିଁ ତେବେ ପିଲାଟି କିପରି ଭଲ ପାଠ ପଢ଼ିବ। ସେହି ପିଲା ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ହାଇସ୍କୁଲ ଯାଇ କ’ଣ ପଢ଼ିବ। ସରକାର ଯେତେ ହାଇସ୍କୁଲ ରୂପାନ୍ତରଣ କଲେ ମଧ୍ୟ କୌଣସି ସୁଫଳ ମିଳିବ ନାହିଁ ବୋଲି ଶିକ୍ଷାବିତ ମତ ପ୍ରକାଶ କରିଛନ୍ତି।

୨୦୧୬ ଡିସେମ୍ବରରେ ପ୍ରାଥମିକ ବିଦ୍ୟାଳୟରେ ୧୪ ହଜାର ୮୭ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରକାର ୨୦୧୮ଏପ୍ରିଲ ପହିଲାରେ ପ୍ରାୟ ୧୦ ହଜାର ଶିକ୍ଷକ ନିଯୁକ୍ତ କରିଥିଲେ। ନିଯୁକ୍ତିକୁ ୫ବର୍ଷ ବିତି ଯାଇଥିଲେ ମଧ୍ୟ ଏହାରି ଭିତରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଉକ୍ତ ବର୍ଷଗୁଡ଼ିକରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଅବସର ଗ୍ରହଣ କଲେଣି। ଶିକ୍ଷକ ପଦ ପୂରଣ କରାଯାଉ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହେଉଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲିକୁ ଗ୍ରହଣ କରିବାକୁ ନାରାଜ। ବିଭିନ୍ନ ସମୟରେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, ବିଦ୍ୟାଳୟରେ ୩୦:୧ ଅନୁପାତରେ ଆବଶ୍ୟକ ଶିକ୍ଷକ ରହିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ୧୯୯୭ ବେଳକୁ ରାଜ୍ୟରେ ପ୍ରାଥମିକ ଶିକ୍ଷକ ସଂଖ୍ୟା ୧.୩୮ଲକ୍ଷ ଥିଲା। ସମୟାନୁକ୍ରମେ ଜନସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସେହି ଅନୁସାରେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଛି। ଏଠାରେ ପ୍ରଶ୍ନ ଉଠୁଛି, ୨୫ବର୍ଷ ଭିତରେ ଯଦି ଜନସଂଖ୍ୟା, ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ତେବେ କେଉଁ ହାରରେ ଶିକ୍ଷକ ପଦ ବୃଦ୍ଧି ପାଇଲା ନାହିଁ। ଏହି ୨୫ବର୍ଷ ମଧ୍ୟରେ ସରକାର ୧୯୯୭ କ୍ୟାଡର୍ ନିୟମ, ୨୦୧୪ କ୍ୟାଡର୍ ନିୟମ ଏବଂ ୨୦୧୯ କ୍ୟାଡର୍ ନିୟମ ଲାଗୁ କରିଛନ୍ତି। ତିନି କ୍ୟାଡର୍ ନିୟମ କାର୍ଯ୍ୟକାରୀ କରିଥିଲେ ମଧ୍ୟ ଶିକ୍ଷକ ପଦ ସୃଷ୍ଟି ନକରିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରତି ଉପହାସ ସଦୃଶ।




ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମୋଟ ୧ ଲକ୍ଷ ୩୮ ହଜାର ୧୩୨ରୁ ୯୩ ହଜାର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଅବଶିଷ୍ଟ ୪୫ ହଜାର ଶିକ୍ଷକ ପଦ ଖାଲି ପଡ଼ିଛି। ଶିକ୍ଷକ ଅଭାବ ଯୋଗୁଁ କେଉଁଠି ୫ଟି ଶ୍ରେଣୀକୁ ୨ ଶିକ୍ଷକ ଅଛନ୍ତି ତ ଆଉ କେଉଁ ବିଦ୍ୟାଳୟରେ ୧୦୦ ଛାତ୍ରଛାତ୍ରୀଙ୍କ ପାଇଁ ୩ ଶିକ୍ଷକ ନିୟୋଜିତ। ରାଜ୍ୟରେ ଏଭଳି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଚାଲିଥିବାରୁ ଅଭିଭାବକ ପିଲାର ଶିକ୍ଷା ମୂଳଦୁଆ ପକାଇବା ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପସନ୍ଦ କରୁନାହାନ୍ତି। ଫଳସ୍ୱରୂପ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଅଭାବ ଦେଖାଦେବାରୁ ସରକାର ଆବଶ୍ୟକ ଛାତ୍ରଛାତ୍ରୀ ନଥିବା ଦର୍ଶାଇ ବିଦ୍ୟାଳୟ ବନ୍ଦ କରି ଦେଉଛନ୍ତି। ଉଦାହରଣ ସ୍ୱରୂପ, ପୁରୀ ଜିଲା କଣାସର ରୁଢୁପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଦୁଇଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଶିକ୍ଷାନୁଷ୍ଠାନରେ ୫୭ ଛାତ୍ରଛାତ୍ରୀ ଥିବାବେଳେ ୫ଟି ଶ୍ରେଣୀ ସମ୍ଭାଳୁଛନ୍ତି ଦୁଇ ଶିକ୍ଷକ। କେବଳ ଏହି ଗୋଟିଏ ବିଦ୍ୟାଳୟ ନୁହେଁ, ବରଂ ୧୯୦୨ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ଝାରଡ଼ା ରାଧାକୃଷ୍ଣପୁର ନୋଡାଲ ୟୁ.ପି ବିଦ୍ୟାଳୟରେ ସମାନ ପରିସ୍ଥିତି। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟରେ ୪ଟି ଶ୍ରେଣୀଗୃହ ଭଲ ଥିବାବେଳେ ଅବଶିଷ୍ଟ ୪ ଶ୍ରେଣୀଗୃହ ଭଗ୍ନାବସ୍ଥାରେ ରହିଛି। ଛାତ୍ରଛାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ପଢୁଛନ୍ତି। ପୁଣି ୧୩୮ ଛାତ୍ରଛାତ୍ରୀଙ୍କ ପାଇଁ ୫ ଶିକ୍ଷକ ନିୟୋଜିତ। ତେଣୁ ଉକ୍ତ ବିଦ୍ୟାଳୟରେ କିପରି ଶିକ୍ଷାଦାନ ଚାଲିଛି ଏଥିରୁ ଅନୁମାନ କରାଯାଇ ପାରୁଛି। ଯଦି ଉପକୂଳ ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏପରି ତେବେ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଏବଂ ଉପାନ୍ତ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କିପରି ଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ପ୍ରାଥମିକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ କେନ୍ଦ୍ର ସରକାର ୨୦୦୯ରେ ଶିକ୍ଷା ଅଧିକାର ଆଇନ ଆଣିଥିଲେ। ଏହି ଆଇନରେ ଦେଶର ସମସ୍ତ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀକୁ ନେଇ ପ୍ରାଥମିକ ବିଦ୍ୟାଳୟ ଖୋଲିବା କିମ୍ବା ମିଶ୍ରଣ କରିବାକୁ କୁହାଯାଇଥିଲା। ଉକ୍ତ ଆଇନକୁ ଓଡ଼ିଶା ସରକାର ୨୦୧୦ରେ ଲାଗୁ କରିଥିବା ବେଳେ ୧୨ବର୍ଷ ଭିତରେ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ହୋଇ ପାରିଲା ନାହିଁ। ଏବେବି ଅନେକ ବିଦ୍ୟାଳୟ ପ୍ରଥମରୁ ୫ମ, ଷଷ୍ଠରୁ ଅଷ୍ଟମ କିମ୍ବା ପ୍ରଥମରୁ ତୃତୀୟ ଶ୍ରେଣୀ ରହିଛି। ଶିକ୍ଷା ଅଧିକାର ଆଇନର ନିୟମାନୁଯାୟୀ, ପ୍ରାଥମିକ ବିଦ୍ୟାଳୟରେ ଖେଳ ଶିକ୍ଷକ, କଳା ଶିକ୍ଷକ, ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଥିବାବେଳେ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିଲା ନାହିଁ।

ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମି ଚିନ୍ତା କଲା ବେଳକୁ ନଜରକୁ ଆସୁଛି, ଶୌଚାଳୟ, ପାଠାଗାର, ପରୀକ୍ଷାଗାର ଏବଂ ଶ୍ରେଣୀଗୃହ। ସରକାରଙ୍କ ଯୁକ୍ତି ହେଉଛି ସମସ୍ତ ବିଦ୍ୟାଳୟରେ ଶୌଚାଳୟ ରହିଛି; କିନ୍ତୁ ପ୍ରାୟ ବିଦ୍ୟାଳୟରେ ପୁଅ ଓ ଝିଅଙ୍କ ପାଇଁ ଅଲଗା ଶୌଚାଳୟର ବ୍ୟବସ୍ଥା ନାହିଁ। ସେଠାରେ ପାଣି ସଂଯୋଗ ନଥିବାରୁ ଶୌଚାଳୟ ଦୁର୍ଗନ୍ଧରେ ଫାଟି ପଡୁଛି। ଛାତ୍ରଛାତ୍ରୀ ପରିସ୍ରା କରିବା ଦ୍ୱାର ସଂକ୍ରମଣ ରୋଗରେ ପଡୁଛନ୍ତି। ୭୦% ପ୍ରାଥମିକ ବିଦ୍ୟାଳୟରେ ଖେଳ ପଡ଼ିଆ ନଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଗଣିତ ଓ ବିଜ୍ଞାନ ଶିକ୍ଷା ନିମନ୍ତେ ପରୀକ୍ଷାଗାର ନଥିବା ଅଭିଯୋଗ ହୋଇଛି। ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ପାଠାଗାର ରହିବା ନିୟମ ରହିଛି; କିନ୍ତୁ ଶତକଡ଼ା ୭୫% ବିଦ୍ୟାଳୟରେ ପାଠାଗାର ନାହିଁ। ବହି କିଣିବା ପାଇଁ ସରକାର ପ୍ରତି ବିଦ୍ୟାଳୟକୁ ବାର୍ଷିକ ୫ ହଜାର ଟଙ୍କା ଦେଉଛନ୍ତି। ପାଠାଗାର ପାଇଁ କୋଠରି ଅଭାବ ଯୋଗୁଁ ଶିକ୍ଷକ କିଛି ଟଙ୍କାରେ ବହି କିଣି ଆଲମାରିରେ ସାଇତି ରଖିବା ଯୋଗୁଁ ଛାତ୍ରଛାତ୍ରୀ ଏହାର ଉପକାର ପାଉନାହାନ୍ତି। କାର୍ଯ୍ୟାଳୟ କୋଠରି ନଥିବାରୁ ବିଦ୍ୟାଳୟର କାଗଜପତ୍ର ଗୋଟିଏ କୋଣରେ ପଡୁଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସରିବା ପରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯିବ। କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନରେ ଯେଉଁ ଅନୁଦାନ ଦେଉଥିଲେ ତାକୁ ବନ୍ଦ କରିଦେଇଛନ୍ତି।

● ଚାଲ ବୁଲିଯିବା




# ପାପକ୍ଷୟ ଘାଟ

ଆଜି ମଧ୍ୟ ପାପକ୍ଷୟ ଘାଟ ନିକଟରେ 'ରହିଲା' ଗାଁ ଅଛି।

**ପାପକ୍ଷୟ କର ପାପକ୍ଷୟ ଘାଟ,**
**ଶାପମୁକ୍ତ ଯହିଁ ଉତ୍କଳ ସମ୍ରାଟ।**
**ପାପ ଅପସରି ସେ ରାଜ୍ୟ ରହିଲା,**
**ତେଣୁ ସେହି ନାମ ହୋଇଛି 'ରହିଲା'।**

ପାପକ୍ଷୟ ଘାଟ ଦର୍ଶନ ପରେ ଏହି କବିତା ଲେଖିଥିଲେ, ସ୍ୱଭାବକବି ଗଙ୍ଗାଧର ମେହେ ?। ଓଡ଼ିଶା ତଥା ଭାରତର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ପାପକ୍ଷୟ ଘାଟ ହେଉଛି ଏକ ଧାର୍ମିକ ପୀଠ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରୁ ୩ କିଲୋମିଟର ଦୂରରେ ମହାନଦୀ କୂଳରେ ଅବସ୍ଥିତ 'ପାପକ୍ଷୟ ଘାଟ'। ଲୋକଙ୍କ ଧାର୍ମିକ ଭାବନା ସହ ଓତଃପ୍ରୋତ ଭାବେ ଜଡ଼ିତ ଏହି ପବିତ୍ର ସ୍ଥାନ।

● **ଲୋକକଥା**

ଲୋକକଥା ଅନୁସାରେ ପୁରୀ ଗଜପତି ମହାରାଜ ଅନଙ୍ଗଭୀମ ଦେବ ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତ ଥିଲେ। ଯେତେ ଚିକିତ୍ସା କଲେ ମଧ୍ୟ ମହାରାଜାଙ୍କ ରୋଗ ଭଲ ହେଉ ନଥିଲା। ଫଳରେ ସେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ିଲେ। ଏହାପରେ ତାଙ୍କୁ ସ୍ୱପ୍ନାଦେଶ ହେଲା: 'ହେ ଗଜପତି, ମହାନଦୀ କୂଳରେ ଉତ୍ତର ଦିଗକୁ ଯାଅ, ତୁମକୁ ନଦୀ କୂଳରେ ଏକ ସ୍ଥାନ ମିଳିବ, ଯେଉଁଠାରେ କି ଏକ କାଳୀ ଗାଈ ଆସି ସ୍ୱୟଂଭୂ ଶିବ ଲିଙ୍ଗ ଉପରେ କ୍ଷୀର ଦେଉଥିବ। ସେହି ନିକଟରେ ଥିବା ଘାଟରେ ସ୍ନାନ କଲା ପରେ ତୁମ ରୋଗ କ୍ଷୟ ହେବ।'

ମହାପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ ମହାରାଜ ମହାନଦୀ କୂଳେ କୂଳେ ଯାଇ ପ୍ରତି ଯୋଜନ ଅନ୍ତରରେ ଶିବାଳୟ ସ୍ଥାପନ କଲେ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ କଥିତ ଘାଟରେ ସେ ସ୍ନାନ କରିବା ପରେ ଦେଖିଲେ ତାଙ୍କ ଶରୀରରୁ ବ୍ୟାଧିର ଚିହ୍ନ ଲୋପ ପାଇଯାଇଛି। ଆଉ ସେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଛନ୍ତି। ପୁରୀ ଗଜପତି ମହାରାଜା ଅନଙ୍ଗ ଭୀମ ଦେବ ଏହି ଘାଟରେ ସ୍ନାନ କରିବା ପରେ ହିଁ ରୋଗମୁକ୍ତ ହୋଇଥିଲେ। ସେହି ଅନୁସାରେ ଏହି ଘାଟର ନାମ ହେଲା 'ପାପକ୍ଷୟ ଘାଟ'। ସ୍ଥାନୀୟ ଲୋକେ ଏହାକୁ 'ପାପକ୍ଷୟ ଘାଟ' ବୋଲି ମଧ୍ୟ କହିଥା'ନ୍ତି।

ଲୋକକଥା ଅନୁସାରେ ରାଜା ଘାଟ ନିକଟରେ ଯେଉଁ ସ୍ଥାନରେ ଶିବିର ପକାଇ ରହିଥିଲେ, ସେଠାକାର ନାଁ 'ରହିଲା' ହୋଇଥିଲା। ଆଜି ମଧ୍ୟ ପାପକ୍ଷୟ ଘାଟ ନିକଟରେ 'ରହିଲା' ଗାଁ ଅଛି। ସ୍ୱଭାବକବି ଗଙ୍ଗାଧର ମେହେର୍ ନିଜ କବିତାରେ ଏହି 'ରହିଲା' ଗାଁ କଥା ଉଲ୍ଲେଖ କରିଛନ୍ତି।

● **ଧର୍ମୀୟ ବିଶ୍ୱାସ**

ପାପକ୍ଷୟ ଘାଟରେ ରହିଛି ଏକ ପୁରାତନ ବରଗଛ। ଘାଟରେ ସ୍ନାନ କରି ଏହି ବରଗଛ କୋରଡ଼ରେ ଗଳିଲେ ସବୁ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିଦିନ ଏହି ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ପଶ୍ଚିମ ଓଡ଼ିଶା ସହ ପଶ୍ଚିମ ଛତିଶଗଡ଼ରୁ ଅନେକ ଭକ୍ତ ଏଠାକୁ ଆସିଥା'ନ୍ତି। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଦର୍ଶନ କରି ଘାଟରେ ସ୍ନାନ କରିବା ପରେ ବରଗଛ କୋରଡ଼ରେ ଗୋଟିଏ ପଟରୁ ପଶି ଅନ୍ୟ ପଟରେ ବାହାରିଲେ ପାପକ୍ଷୟ ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି। ଏଥିପାଇଁ ଏହି ସମୟରେ ପ୍ରବଳ ଭିଡ଼ ହୋଇଥାଏ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ବେଳେ ଏଠାରେ ମେଳା ମଧ୍ୟ ପଡ଼ିଥାଏ। ସେହିପରି କାର୍ତ୍ତିକ ମାସରେ ମଧ୍ୟ ପାପକ୍ଷୟ ଘାଟକୁ ଭକ୍ତଙ୍କ ସୁଅ ଛୁଟିଥାଏ।

ପାପକ୍ଷୟ ଘାଟଠାରୁ ଅଧ କିଲୋମିଟର ଦୂରରେ ରହିଛି ତାରାପୁର ଗଡ଼। ଐତିହାସିକଙ୍କ ମତରେ ଏହାଥିଲା ଦକ୍ଷିଣ କୋଶଳର ରାଜଧାନୀ। ସେତେବେଳେ ବିନିକା 'ବିନୀତପୁର' ଭାବେ ଜଣାଶୁଣା ଥିଲା। ସେହିପରି ଏହି ଗଡ଼ରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ସୋନପୁରର ନବମ ଚୌହାନ ନରପତି ପୃଥ୍ୱୀ ସିଂହ ମରହଟ୍ଟା ସୈନ୍ୟମାନଙ୍କର ସାମ୍ନା କରିଥିଲେ ବୋଲି ଐତିହାସିକମାନେ କହନ୍ତି।

ସେହିପରି ପାପକ୍ଷୟ ଘାଟଠାରୁ ୪ କିମି ଦୂରରେ ରହିଛି ଚରଦାର ପ୍ରସିଦ୍ଧ କପିଳେଶ୍ୱର ମନ୍ଦିର। ପାପକ୍ଷୟ ଘାଟ ସହ ଏହି ମନ୍ଦିରର ସମ୍ପର୍କ ରହିଛି। ତେଣୁ ଏଠାକୁ ଆସୁଥିବା ଅଧିକାଂଶ ଶ୍ରଦ୍ଧାଳୁମାନେ ଶୈବପୀଠ କପିଳେଶ୍ୱର ମନ୍ଦିରକୁ ମଧ୍ୟ ଯାଇଥା'ନ୍ତି।

● **ପିକ୍‌ନିକ୍ ସ୍ପଟ୍**

ପାପକ୍ଷୟ ଘାଟ କେବଳ ଧାର୍ମିକ କେନ୍ଦ୍ର ପାଇଁ



ପ୍ରସିଦ୍ଧି ଲାଭ କରିଛି, ତାହା ନୁହେଁ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଏହି ପବିତ୍ର ପୀଠକୁ ଟାଣି ଆଣେ। ପିକ୍‌ନିକ୍ ସ୍ପଟ୍ ଭାବେ ଏହା ମଧ୍ୟ ଜଣାଶୁଣା। ମହାନଦୀ କୂଳରେ ଥିବା ଏହି ପୀଠ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ତେଣୁ ଏହା ଏକ ପିକ୍‌ନିକ୍ ସ୍ପଟ୍ ଭାବେ ଏ ଅଞ୍ଚଳରେ ପରିଚିତ। ଏପରିକି ମହାନଦୀ ଭିତରେ ଥିବା ବାଲିଚରରେ ମଧ୍ୟ ପିକ୍‌ନିକ୍ କରାଯାଏ। ତେଣୁ ବର୍ଷର ବିଭିନ୍ନ ସମୟରେ ପିକ୍‌ନିକ୍ କରିବାକୁ ଏଠାକୁ ଲୋକେ ଆସିଥା'ନ୍ତି। ବିଶେଷ କରି ଶୀତ ଋତୁରେ ପିକ୍‌ନିକ୍ ପାଇଁ ଏଠାରେ ଭିଡ଼ ହୁଏ। ତେବେ ପିକ୍‌ନିକ୍ କରିବାକୁ ହେଲେ ପାପକ୍ଷୟ ଘାଟର ବିକାଶ ପାଇଁ ଗଠିତ କମିଟିର ଅନୁମତି ନେବାକୁ ପଡ଼ିଥାଏ। କମିଟିର କାର୍ଯ୍ୟାଳୟ ଏଠାରେ ରହିଛି।

● **କେମିତି ଯିବେ**

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସୋନପୁରରୁ ସଡ଼କପଥରେ ୩୨ କିଲୋମିଟର ଗଲେ ପଡ଼ିବ ବିନିକା। ସୋନପୁର ପଟରୁ ଆସୁଥିଲେ, ବିନିକା ସହର ଭିତରକୁ ପ୍ରବେଶ କରିବା ଠିକ୍ ପୂର୍ବରୁ ଡ଼ାହାଣ ପଟକୁ ପାପକ୍ଷୟ ଘାଟକୁ ରାସ୍ତା ଯାଇଛି। ସେହିପରି ବିନିକା ସହରରୁ ପାପକ୍ଷୟ ଘାଟର ଦୂରତା ମାତ୍ର ୩ କିଲୋମିଟର। ବିନିକାର ନିକଟତମ ରେଳଷ୍ଟେସନ ହେଉଛି ବରପାଲି, ଯାହା ୩୨ କି.ମି ଦୂରରେ ଅବସ୍ଥିତ। ଟ୍ରେନ୍ ?ରେ ଆସିଲେ ବରପାଲିରୁ ଓହ୍ଲାଇ ବିନିକାକୁ ଯାଇହେବ। ଉଭୟ ସୋନପୁର ଓ ବରପାଲିରୁ ବିନିକାକୁ ବସ୍ ? ଚଳାଚଳ କରୁଛି। ସେହିପରି ଘରୋଇ ଟ୍ୟାକ୍ସି କରି ମଧ୍ୟ 'ପାପକ୍ଷୟ ଘାଟ'କୁ ବୁଲି ଯାଇପାରିବେ।

---

# ଶୀତ ଦିନେ କିଭଳି ନେବେ ତ୍ୱଚାର ଯତ୍ନ



ଶୀତ ଦିନ ଆସିବା କ୍ଷଣି ଆମ ତ୍ୱଚା ଡ୍ରାଏ ହୋଇଯାଏ ଏବଂ ଫାଟିବାକୁ ଲାଗେ । ଏଥିପାଇଁ ଅଧିକାଂଶ ଲୋକ ବଜାରରେ ମିଳୁଥିବା କୋଲ୍ଡ କ୍ରିମ ବା ଲୋଶନର ବ୍ୟବହାର କରିଥା'ନ୍ତି । ଏହି କୋଲ୍ଡ କ୍ରିମ ତ୍ୱଚା ଉପରେ ମାତ୍ର ୨ରୁ ୩ ଘଣ୍ଟା ଯାଏଁ ରହେ। ଏହାପରେ ପୂର୍ବଭଳି ପରିସ୍ଥିତିକୁ ଆସିଯାଏ । ତେବେ ଘରୋଇ ସାମଗ୍ରୀକୁ ବ୍ୟବହାର କରି ଏଭଳି କୋଲ୍ଡକ୍ରିମ ବା ଲୋଶନ ତିଆରି କରିହେବ ଯାହା ଆମ ତ୍ୱଚାକୁ ଦିନ ସାରା ନରମ ରଖି ପାରିବ । ଆସନ୍ତୁ ଜାଣିବା ସେ ବିଷୟରେ

ଶୀତିଦିନେ ଅଧିକାଂଶ ଆଲମଣ୍ଡ ବା ବାଦାମ ତେଲ ବ୍ୟବହାର କରାଯାଏ । ଏଥିରେ ଭିଟାମିନ-ଏ, ଇ, ଓମେଗା-୩ ଫ୍ୟାଟି ଏସିଡ, ପୋଟାସିଅମ, ଜିଙ୍କ ଭଳି ପ୍ରୋଟିନ ଭରପୁର ମାତ୍ରାରେ ରହିଛି । ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚା ନରମ ରହିଥାଏ । ଏଥିସହ ରିଙ୍କଲ୍ସ ବା ତ୍ୱଚା କୁଞ୍ଚନ ମଧ୍ୟ ଦୂର ହୋଇଥାଏ । ଆପଣ ଚାହିଁଲେ ବାଦାମ ତେଲରେ କୋଲ୍ଡ କ୍ରିମ ମଧ୍ୟ ତିଆରି କରି ଲଗାଇ ପାରିବେ ।

**ସାମଗ୍ରୀ:** ୧/୨ କପ ବାଦାମ ତେଲ, ୧/୨ କପ ନଡିଆ ତେଲ, ୧/୪ କପ ମହୁ, ୧ ଚାମଚ ଭିଟାମିନ-ଇ ତେଲ, ୨ ଚାମଚ କୋକୋଆ ବଟର, ୩ରୁ ୪ ବୁନ୍ଦା ଏସେନ୍ସିଆଲ ଅଏଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବଡ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ । ତା'ପରେ ଏହା ଗ୍ୟାସ ଉପରେ ରଖି ଗରମ କରନ୍ତୁ। ପାଣି ଗରମ ହୋଇଯିବା ପରେ ବାଦାମ ତେଲ, ନଡିଆ ତେଲ, ମହୁ ଏବଂ କୋକୋଆ ବଟରକୁ ଏକ ଅଲଗା ପାତ୍ରରେ ଗରମ ପାଣି ଉପରେ ରଖି ଉଷୁମ କରନ୍ତୁ । ଏସବୁ ସାମଗ୍ରୀ ମିଶି ଗଲା ପରେ ଏଥିରେ ଭିଟାମିନ-ଇ ତେଲ ପକାନ୍ତୁ । ପରେ ଏହି ମିଶ୍ରଣକୁ ଏକ କାଚ ଡବାରେ ରଖି ଥଣ୍ଡ ହେବା ପରେ ବନ୍ଦ କରିଦିଅନ୍ତୁ । ପ୍ରତିଦିନ ଏହି ଲୋଶାନକୁ ମୁହଁରେ ଲଗାନ୍ତୁ । ଏହି ଲୋଶନ ଅଲ୍ଟ୍ରା-ମଶ୍ଚରାଇଜିଂ ଅଟେ । ଘରେ ତିଆରି ହୋଇଥିବା ଏହି ଲୋଶନକୁ ଆପଣ ୬ ମାସ ଯାଏଁ ରଖି ବ୍ୟବହାର କରିପାରିବେ ।

ବାଦାମ ତେଲ ତ୍ୱଚାର ଉଜ୍ଜ୍ୱଳତାକୁ ବଢ଼ାଇଥାଏ । ଭିଟାମିନ-ଇ ଥିବା ଯୋଗୁଁ ଏହା ରେଟିନାଲ ଭାବ କାମ କରେ, ଯାହା ତ୍ୱଚା କୁଞ୍ଚନକୁ କମ କରିବାରେ ସହାୟକ ହୋଇଯାଏ । ଯଦି ଆପଣଙ୍କ ମୁହଁରେ ବ୍ରଣ ସମସ୍ୟା ରହିଛି, ତେବେ ବାଦାମ ତେଲ ଲଗାଇଲେ ତାହା ମଧ୍ୟ ଦୂର ହୋଇପାରିବେ । ବାଦାମ ତେଲରେ ତିଆରି ଏହି ଲୋଶନ କେବଳ ଚେହେରା ପାଇଁ ନୁହେଁ ଏଗଜିମା, ଷ୍ଟ୍ରେଚମାର୍କ ଭଳି ସମସ୍ୟାକୁ ମଧ୍ୟ ଦୂର କରିପାରିବ।

---

# ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ ମୃତ୍ୟୁ ଆଶଙ୍କା ଅଧିକ !

ମଧ୍ୟ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି।୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ। ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ,ମରିବାର ବିପଦ ଅଧିକ । ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ବିପଦ ରହିଛି । ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି ।

ଗବେଷଣାରୁ ଜଣା ପଡିଛି,ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧ୍ୟବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ବିନା କୌଣସି ସହଯୋଗରେ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁନଥିବା ବ୍ୟକ୍ତି ଅସୁସ୍ଥ ବୋଲି ଜାଣି ରଖିବା ଦରକାର । ୨୦୦୯ରେ ବ୍ରାଜିଲର ୧୭୦୨ ଜଣ ୫୦ ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ ଏକ ସର୍ଭେ କରାଯାଇଥିଲା । ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା । ଆଉ ସେହି ଗବେଷଣା ଆଧାରରେ ଜଣା ପଡିଛି ଯେ, ମଧ୍ୟବୟସ୍କଙ୍କ ଜୀବନ କେତେ ବିପଦରେ । ଯଦି କେହି ଏହାକୁ ପରୀକ୍ଷା କରିବାକୁ ଚାହୁଁଥିବ, ତାହାଲେ ଭୂମିରେ ଗୋଟିଏ ପାଦ ରଖି, ଅନ୍ୟପାଦଟି ଗୋଟିଏ ହାତରେ ପଛପଟୁ ଉପରକୁ ଉଠାଇବାକୁ ପଡିବ । ଏବଂ ଅନ୍ୟହାତଟି ସମ୍ମୁଖକୁ ରଖି ବଢାଇବାକୁ ପଡିବ। ଏହା ଏକ ପ୍ରକାର ଭାରତୀୟଙ୍କ ଯୋଗାସନର ମୁଦ୍ରା।



ଏହି ମୁଦ୍ରାକୁ ନେଇ ଗବେଷଣା କରାଯାଇଥିଲା।ଏଥିପାଇଁ ପ୍ରତି ବ୍ୟକ୍ତିଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲା । ତେବେ ପ୍ରତି ୫ ଜଣରୁ ଜଣେ ହିଁ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ଠିଆ ହେବାକୁ ସକ୍ଷମ ହୋଇ ପାରିଥିଲା । କେବଳ ବ୍ରାଜିଲ ନୁହେଁ,ଫିନଲାଣ୍ଡସ ଅଷ୍ଟ୍ରେଲିଆ,ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏହି ସର୍ଭେ କରାଯାଇଛି । ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରାୟ ୬ ଲକ୍ଷ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି ।

---

# ଗ୍ରୀନ୍ ମଟର ପରଟା

● ରୋଷଇ



**ଆବଶ୍ୟକ ସାମଗ୍ରୀ:** ଅଟା, ସିଝା ଗ୍ରୀନ୍ ? ମଟର, ବଟା ଅଦା, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ଧନିଆ ପତ୍ର, ଗରମ ମସଲା, ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା ନିଅନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ଅଳ୍ପ ତେଲ ଦେଇ ଗୋଳାନ୍ତୁ। ଏଥିରେ ଅଳ୍ପ ପାଣି ଦେଇ ଏହାକୁ ଭଲ ଭାବେ ଚକଟି ଦିଅନ୍ତୁ। ଏହାପରେ ସିଝା ହୋଇଥିବା ଗ୍ରୀନ୍ ମଟରରେ କଞ୍ଚା ଲଙ୍କା ଓ ଅଦା ପକାଇ ଗ୍ରାଇଣ୍ଡିଂ କରନ୍ତୁ। ଏହାକୁ ଗ୍ରାଇଣ୍ଡିଂ କରିବା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ସେଥିରେ ଲୁଣ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ କଟା ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ।

ଏବେ ଚକଟା ହୋଇ ରହିଥିବା ଅଟାରୁ ପରଟା ପାଇଁ ଗୋଳା ପ୍ରସ୍ତୁତ କରନ୍ତୁ। ସେଥିରେ ମଟର ପୂର ଦେଇ ବେଲନ୍ତୁ।

ପରେ ତାୱାକୁ ଗରମ କରନ୍ତୁ। ସେଥିରେ ପରଟାକୁ ପକାଇ ସେକନ୍ତୁ। ପରଟାର ଦୁଇ ପଟ ଭଲ ଭାବେ ସେକି ହୋଇଯିବା ପରେ ଏହା ଉପରେ ତେଲ କିମ୍ବା ଘିଅ ଦେଇ ଲେଉଟେଇ ଦିଅନ୍ତୁ। ଏହା ହୋଇଗଲା ପରେ ତାକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗ୍ରୀନ୍ ମଟର ପରଟା। ଏହାକୁ ଆଚାର, ସସ୍ କିମ୍ବା ଦହି ସହ ବ୍ରେକ୍‌ଫାଷ୍ଟରେ ଖାଇପାରିବେ।

---

**ଜୀବନଶୈଳୀରେ ପରିବର୍ତ୍ତନ ଏବଂ କାମ ବୋଝ ସହ ଲୋକଙ୍କ ମଧ୍ୟରେ ଡିପ୍ରେସନ ତଥା ଅବସାଦ ସମସ୍ୟା ବି ଲଗାତାର ବଢ଼ି ଚାଲିଛି। କେବଳ ଏତିକି ନୁହେଁ, ଆମ ଦେଶର ଲୋକମାନେ ଡିପ୍ରେସନ ବିଷୟରେ କହିବାକୁ ବି ଲଜ୍ଜିତ ମନେକରନ୍ତି। ଅନେକ ଲୋକ ଅନୁଭବ କରନ୍ତି ଯେ ଡିପ୍ରେସନ ବିଷୟରେ କଥାବାର୍ତ୍ତା କରିବା ଅର୍ଥ ସାମ୍ନାରେ ଥିବା ବ୍ୟକ୍ତି ସେମାନଙ୍କୁ ପାଗଳ ବୋଲି ଭାବିବେ। ଏହି କାରଣରୁ ଡିପ୍ରେସନ ତଥା ଅବସାଦ ବିଷୟରେ ଖୋଲାଖୋଲି ଭାବରେ କଥାବାର୍ତ୍ତା କରିବାକୁ ଲୋକେ ପଛଘୁଞ୍ଚା ଦିଅନ୍ତି। କିନ୍ତୁ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏବେ ଡିପ୍ରେସନର ଶିକାର ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଅତି ସହଜରେ ହୋଇପାରିବ। କେବଳ ଗୋଟିଏ ଛତୁ ଖାଇବା ଦ୍ୱାରା ଆପଣ ଡିପ୍ରେସନ ମୁକ୍ତ ହୋଇପାରିବେ।**

# ଡିପ୍ରେସନ୍ ଦୂର କରିବ 'ମ୍ୟାଜିକ ଛତୁ'

● ସ୍ୱାସ୍ଥ୍ୟ



ଯଦି ଆପଣ ଡିପ୍ରେସନର ଶିକାର ହୋଇଛନ୍ତି ତେବେ ଛତୁ ଖାଇବା ଉଚିତ। ତେବେ ସାଧାରଣ ଛତୁ ନୁହେଁ, ଏଥିପାଇଁ ଆପଣଙ୍କୁ ଖାଇବାକୁ ପଡିବ ମ୍ୟାଜିକ୍ ଛତୁ। ଏହି ମ୍ୟାଜିକ୍ ଛତୁରେ ଏଭଳି କିଛି ଗୁଣ ରହିଛି ଯାହା ମାନସିକ ଅବସାଦରୁ ମୁକ୍ତି ଦେଇଥାଏ ଏବଂ ଲୋକଙ୍କୁ ଡିପ୍ରେସନରୁ ବାହାରକୁ ବାହାରିବା ପାଇଁ ସହାଯ୍ୟ କରିଥାଏ। ଏକ ଅଧ୍ୟୟନରୁ ଏହା ପ୍ରମାଣିତ ହୋଇଛି।

ଇମ୍ପେରିଆଲ କଲେଜ ଲଣ୍ଡନ୍ ?ର ବିଶେଷଜ୍ଞଙ୍କ ଏକ ଅଧ୍ୟୟନ ମୁତାବକ, ମ୍ୟାଜିକ ଛତୁ ଡିପ୍ରେସନ ଦୂର କରିବାରେ ସକ୍ଷମ। ଏଥିରେ ଯୌଗିକ ସିଲୋସାଇବିନ୍ ମିଳିଥାଏ, ଯାହା ମନୋବଳ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଏହା ମଶରୁମ୍ ବା ଛତୁରେ ରେ ପ୍ରାକୃତିକ ଭାବେ ଥାଏ। ସିଲୋସାଇବିନ୍ ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶକୁ ସକ୍ରିୟ କରିଥାଏ, ଯାହାର ମାନସିକ ସ୍ଥିତି ଉପରେ ସିଧାସଳଖ ପ୍ରଭାବ ପଡିଥାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଛତୁ ମୁଖ୍ୟତଃ ମସ୍ତିଷ୍କର ସର୍କିଟ୍‌କୁ ପୁନଃ ନିର୍ମାଣ କରେ ଯାହା ପ୍ରଭାବିତ ଢ଼ଙ୍ଗରେ ଅବସାଦରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଡିପ୍ରେସନ ଯୋଗୁଁ ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶରେ ରକ୍ତର ପ୍ରଭାବ କମିଯାଏ, ଯେଉଁଥିପାଇଁ ଏହି ସମସ୍ୟା ଉପୁଜେ।

ନିକଟରେ ମ୍ୟାଜିକ ଛତୁକୁ ନେଇ ଏକ କ୍ଲିନିକାଲ ଟ୍ରାଏଲ ହୋଇଥିଲା, ଯେଉଁଥିରେ କୁହାଯାଇଛି ଯେ ଏହି ଛତୁରୁ ବାହାରୁଥିବା ହାଲୁସିନୋଜେନିକ୍ ପଦାର୍ଥ ମସ୍ତିଷ୍କକୁ ସକ୍ରିୟ କରିଥାଏ। ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସ୍ୱୟଂଚାଳିତ ଭାବେ ସକ୍ରିୟ ହୁଏ। ଏହା ମଣିଷର ମନକୁ ନକାରାତ୍ମକ ଚିନ୍ତାଧାରାରୁ ରକ୍ଷା କରିଥାଏ ଏବଂ ମନକୁ ଶାନ୍ତ ରଖେ। ସିଲୋସାଇବିନର ପ୍ରଭାବ ବୁଝିବା ପାଇଁ ବୈଜ୍ଞାନିକମାନେ ୬୦ ରୋଗୀଙ୍କ ଉପରେ କ୍ଲିନିକାଲ୍ ପରୀକ୍ଷା କରିଥିଲେ ଏବଂ ପ୍ରତ୍ୟେକ ରୋଗୀର ମସ୍ତିଷ୍କ ଉପରେ ଭିନ୍ନ ପ୍ରଭାବ ପଡିଥିଲା। ସିଲୋସାଇବିନ ନେବା ପରେ, ଏହି ସମସ୍ତ ରୋଗୀଙ୍କ ମସ୍ତିଷ୍କ ଅଧିକ ସକ୍ରିୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

ଏହାପୂର୍ବରୁ ଏକ ଛୋଟ ଅଧ୍ୟୟନ କରାଯାଇଥିଲା ଯେଉଁଥିରେ କୁହାଯାଇଥିଲା ଯେ ମ୍ୟାଜିକ୍ ଛତୁରେ ମିଳୁଥିବା ରାସାୟନିକ ସିଲୋସାଇବିନ ଯେକୌଣସି ସାଧାରଣ ଆଣ୍ଟିଡିପ୍ରେସଣ୍ଟ ଏସସିଟେଲୋପ୍ରାମ (ଲେକ୍ସାପ୍ରୋ) ଭଳି କାମ କରେ। କିନ୍ତୁ ଏହାର ଅଧିକ ତୀବ୍ରତା ଏବଂ କ୍ଷମତା ଅଛି। ଏହା ସେହି ଲୋକଙ୍କୁ ଆରାମ ପ୍ରଦାନ କରିବ ଯେଉଁମାନେ ମଧ୍ୟମରୁ ଘୋର ଅବସାଦର ଶିକାର ହୋଇଥାନ୍ତି। ମ୍ୟାଜିକ୍ ଛତୁରେ ଏପରି ହାଲୁସିନୋଜେନିକ୍ ପଦାର୍ଥ ଥାଏ, ଯାହା ମସ୍ତିଷ୍କକୁ ଏକ ହାଇପର୍ କେନେକ୍ଟେଡ୍ ବ୍ରନ୍ କରିବାରେ କରିବାରେ ସାହାଯ୍ୟ କରିଥାଏ। ଏହା ଜରିଆରେ ଡିପ୍ରେସନର ଚିକିତ୍ସା ମଧ୍ୟ କରାଯାଇପାରେ। ଏକ ନୂତନ ଅଧ୍ୟୟନରେ, ଦାବି କରାଯାଇଛି ଯେ ଏହି ଛତୁ ମସ୍ତିଷ୍କର ବିଭିନ୍ନ ଅଂଶକୁ ସଂଯୋଗ କରିବାରେ ସାହାଯ୍ୟ କରିଥାଏ ଏବଂ ଏହାର ସାଇକେଡେଲିକ୍ ପଦାର୍ଥ ଅବସାଦକୁ ରୋକିଥାଏ ଏବଂ ନକାରାତ୍ମକ ଚିନ୍ତାଧାରାରୁ ମଣିଷକୁ ଦୂରେଇ ରଖିଥାଏ।

# ସଂଘର୍ଷ ପରେ ସୀମାରେ ଶକ୍ତି ପ୍ରଦର୍ଶନ କଲା ଭାରତୀୟ ବାୟୁ ସେନା



ନୂଆଦିଲ୍ଲୀ: ଅରୁଣାଚଳ ପ୍ରଦେଶ ସୀମାରେ ଭାରତ-ଚାଇନା ସଂଘର୍ଷ ପରେ ଆକାଶମାର୍ଗରେ ଶକ୍ତି ପ୍ରଦର୍ଶନ କରିଛି ଭାରତ। ଭାରତ-ଚାଇନା ଏଲଏସି ନିକଟବର୍ତ୍ତୀ ଅଞ୍ଚଳରେ ଭାରତୀୟ ବାୟୁ ସେନା ପକ୍ଷରୁ ଏକ ପ୍ରକାର ସମରାଭ୍ୟାସ କରାଯାଇଛି । ବାୟୁସେନାର ପୂର୍ବାଞ୍ଚଳ ଏୟାର କମାଣ୍ଡ ପକ୍ଷରୁ ତାର ନୂଆ କ୍ରୁମାନଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ଏକ ଅଭ୍ୟାସଗତ ଉଡ଼ାଣ କରିଥିଲା।

ତେବେ ନିକଟରେ ତୱାଙ୍ଗରେ ଦୁଇ ଦେଶ ମଧ୍ୟରେ ଘଟିଥିବା ସଂଘର୍ଷ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି କୁହାଯାଇଛି। ଉଭୟ ଦୁଇଦିନ ଧରି ଏହି ତାଲିମି କାର୍ଯ୍ୟକ୍ରମ ହୋଇଥିବା ଭାରତ ପକ୍ଷରୁ କୁହାଯାଇଛି। କିନ୍ତୁ ଗତ କିଛି ଦିନ ହେଲା ବାୟୁସେନା ପକ୍ଷରୁ ଫାଇଟର ଜେଟ ଗୁଡ଼ିକ ଦିନକୁ ଦୁଇଥର ଚକ୍କର କାଟୁଥିବା ଜଣାପଡ଼ିଛି। ତେବେ ତୱାଙ୍ଗରେ ସୀମାରେ ଘଟିଥିବା ମୁହାଁମୁହିଁ ପରିସ୍ଥିତିକୁ ନେଇ ଏହି କାର୍ଯ୍ୟକ୍ରମର କୌଣସି ସମ୍ପର୍କ ନାହିଁ ବୋଲି ଭାରତୀୟ ବାୟୁ ସେନା ପକ୍ଷରୁ କୁହାଯାଇଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଚାଇନାର ବାୟୁସେନାର ଯୁଦ୍ଧ ଜାହାଜ ଚକ୍କର କାଟିବା ପରେ ଭାରତ ପକ୍ଷରୁ ସମାନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି।

ଗତ କିଛି ସପ୍ତାହ ହେବ ସୀମାରେ ଭାରତୀୟ ବାହୁସେନା ପକ୍ଷରୁ କମ୍ବାଟ ଏୟାର ପାଟ୍ରୋଲିଂ କରାଯାଉଛି ଏହା ଦ୍ୱାରା ଚାଇନିଜ୍ ବାୟୁସେନାର ଗତିବିଧି ଉପରେ କଡ଼ା ନଜର ରଖିଛି ଭାରତୀୟ ବାୟୁ ସେନା।

ଭାରତ-ଚାଇନା ସଂଘର୍ଷକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦରେ ଉତ୍ତର ମଧ୍ୟ ରଖିଛନ୍ତି। ଗତ ଡିସେମ୍ବର ୯ ତାରିଖରେ ଚାଇନା ଏଲଓସିରେ ଅନୁପ୍ରବେଶ ପାଇଁ ଯେଉଁ ଉଦ୍ୟମ କରିଥିଲା ତାକୁ ଭାରତୀୟ ସେନା ଏଡ଼ାଇ ଦେଇ ପାରିଛି। ଚାଇନାକୁ କଡ଼ା ଜବାବ ମଧ୍ୟ ଦେଇଛି ଭାରତ। ଭାରତୀୟ ସେନା ପକ୍ଷରୁ ବାଡ଼ି ଓ ଅନ୍ୟ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ଜବାବ ଦିଆଯାଇଛି।

କିନ୍ତୁ କୌଣସି ବନ୍ଧୁକ ବ୍ୟବହାର କରାଯାଇ ନାହିଁ। ଏହି ସଂଘର୍ଷରେ ଉଭୟ ପକ୍ଷର ସୈନ୍ୟ ଆହତ ହୋଇଛନ୍ତି। ଚାଇନା କହିଛି ଯେ, ଭାରତ ବେଆଇନ ଭାବେ ବିବାଦୀୟ ସୀମା ଅଞ୍ଚଳକୁ ଅତିକ୍ରମ କରିଥିଲା। ସେଠାରେ ଚାଇନା ପକ୍ଷରୁ ନିୟମିତ ଚାଲୁଥିବା ପାଟ୍ରୋଲିଂକୁ ଭାରତୀୟ ସେନା ବାଧାସୃଷ୍ଟି କରିବା ପାଇଁ ଉଦ୍ୟମ କରିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା।

ସେହିପରି ଜୁନ୍ ୨୦୨୨ରେ ଲଦାଖର ଗଲୱାନରେ ଭାରତ ଓ ଚାଇନା ସେନା ମୁହାଁମୁହିଁ ହେବା ପରେ ୨୦ ଭାରତୀୟ ଯବାନଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ ଅଗଷ୍ଟରେ ଲଦାଖର ପଙ୍ଗୋଙ୍ଗ୍ ହ୍ରଦଠାରେ ଭାରତ ଓ ଚାଇନା ସେନା ମଧ୍ୟରେ ଅନୁରୂପ ମୁଥ ମରାମରି ହୋଇଥିଲା। ସାମରିକ ପ୍ରୋଟୋକଲ୍ ଅନୁଯାୟୀ ଯବାନମାନେ ଆପୋସ ବୁଝାମଣାରେ ଏହାର ସମାଧାନ କରିଥିଲେ। ଦୁଇଦେଶ ମଧ୍ୟରେ ସୀମାକୁ ନେଇ ବିବାଦ ରହିଛି।

# ସମଲିଙ୍ଗୀ ବିବାହକୁ ସ୍ୱୀକୃତି ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ: ସମଲିଙ୍ଗୀ ବାହାଘରକୁ ଅନ୍ୟ ବାହାଘର ପରି ସାମାଜିକ ମାନ୍ୟତା ଓ ସୁବିଧା ମିଳୁନି । ସେମାନଙ୍କ ବିବାହକୁ ଆଇନଗତ ମାନ୍ୟତା ନିମିଳିଥିବାରୁ ବିଭିନ୍ନ ସରକାରୀ ନିୟମ ଓ ସୁବିଧାର ବଞ୍ଚିତ ରଖାଯାଉଛି । ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ମ୍ୟାରେଜ୍ ଆକ୍ଟରେ ସ୍ୱୀକୃତି ପ୍ରଦାନ କରିବାକୁ ଏକ ନୂଆ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବା ଏକ



ଆବେଦନକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବା ମାମଲାକୁ ମଧ୍ୟ ଏକ ନୋଟିସ ଜାରି କରିଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଆନନ୍ଦ ଗ୍ରୋଭର ଏହି ମାମଲାର ଶୁଣାଣି ଲାଇଭ ଷ୍ଟ୍ରିମିଂ କରିବାକୁ ଦାବି କରିଥିଲେ। ସେ କହିଛନ୍ତି ଯେ ଅନେକ ଲୋକ ଏହି ପ୍ରସଙ୍ଗରେ ଆଗ୍ରହୀ ଅଟନ୍ତି।

ଏହା ଉପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଯେତେବେଳେ ଶୁଣାଣି ହେବ, ଆମେ ଏନେଇ ବିଚାର କରିବୁ। ଏହାପୂର୍ବରୁ ନଭେମ୍ବର ୨୫ ରେ ସୁପ୍ରିମକୋର୍ଟ ଅନ୍ୟ ଏକ ସମଲିଙ୍ଗୀ ଦମ୍ପତିଙ୍କ ଆବେଦନ ଉପରେ କେନ୍ଦ୍ରକୁ ନୋଟିସ ଜାରି କରିଥିଲେ ଏବଂ ୪ ସପ୍ତାହ ମଧ୍ୟରେ କେନ୍ଦ୍ରକୁ ଏହାର ଉତ୍ତର ମାଗିଥିଲେ।

ପୂର୍ବରୁ ଦୁଇଟି ଜନସ୍ୱାର୍ଥ ମାମଲା ମଧ୍ୟ ଏନେଇ ଦାଖଲ କରାଯାଇଥିଲା। ଏହି ଆବେଦନପତ୍ରରେ ସମଲିଙ୍ଗୀ ବ୍ୟକ୍ତିଙ୍କ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି କରାଯାଇଥିଲା। ହାଇଦ୍ରାବାଦର ଦୁଇଜଣ ଯୁବକ ସମଲିଙ୍ଗୀ ବିବାହକୁ ଆଇନ ମାନ୍ୟତା ଦେବାକୁ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ନିଜ ଆବେଦନରେ କହିଥିଲେ ଯେ ୧୦ବର୍ଷ ହେବ ସେମାନେ ଏକାଠି ରହୁଛନ୍ତି ଓ ସେମାନଙ୍କ ସମ୍ପର୍କକୁ ପରିବାର ଅନୁମତି ଦେଇଛି ।

ଏନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଆବେଦନକାରୀମାନେ କହିଛନ୍ତି ଯେ ସ୍ୱତନ୍ତ୍ର ବିବାହ ଆଇନ ଭାରତୀୟ ସମ୍ବିଧାନର ବିପରୀତ ଅଟେ। ଏହା ସମାନ ଲିଙ୍ଗ ଦମ୍ପତି ଏବଂ ବିପରୀତ ଲିଙ୍ଗ ଦମ୍ପତିଙ୍କ ମଧ୍ୟରେ ଭେଦଭାବ କରେ। ଏହା ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ ଅଧିକାରରୁ ବଞ୍ଚିତ କରିବା ସହିତ ବିବାହ ଭଳି ସାମାଜିକ ସ୍ୱୀକୃତି ଏବଂ ସ୍ଥିତିରୁ ବଞ୍ଚିତ କରିଥାଏ।କେବଳ ସେତିକି ନୁହେଁ ଏକଥା ମଧ୍ୟ ଆବେଦନରେ କୁହାଯାଇଛି କି ଯଦି ସମ୍ପର୍କକୁ ଆଇନଗତ ମାନ୍ୟତା ନିମିଳିବ ତେବେ ସମଲିଙ୍ଗୀଙ୍କ ସମ୍ପତିର ଉତ୍ତରାଧିକାରୀ କିଏ ହେବେ? କେନ୍ଦ୍ର ସରକାର ଜବାବ ଦେବା ପରେ ଆବେଦନ ଉପରେ ଶୁଣାଣି କରିବେ ସୁପ୍ରିମକୋର୍ଟ ।

## କଶ୍ମୀର ପଣ୍ଡିତଙ୍କୁ ଆତଙ୍କୀଙ୍କ ଧମକ

# ଟ୍ରାନ୍ସିଟ କଲୋନୀ ହେବ ଶ୍ମଶାନ

ଶ୍ରୀନଗର: କଶ୍ମୀର ପଣ୍ଡିତଙ୍କୁ ପୁଣିଥରେ ଧମକ ଦେଇଛନ୍ତି ଆତଙ୍କୀ ସଂଗଠନ। କଶ୍ମୀର ଫାଇଟ୍ ନାମକ ଗୋଟିଏ ଆତଙ୍କୀ ସଂଗଠନ ବିସ୍ଥାପିତ ହୋଇ ସରକାରୀ ଚାକିରି କରୁଥିବା କଶ୍ମୀର ପଣ୍ଡିତଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏଥିସହ ଆତଙ୍କୀ ସଂଗଠନ ପକ୍ଷରୁ ଅଧିକ ମାତ୍ରାରେ ଟାର୍ଗେଟ କିଲିଂ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କଶ୍ମୀର ପଣ୍ଡିତଙ୍କ ଉଦ୍ଦେଶ୍ୟରେ ଆତଙ୍କୀ ସଂଗଠନ ଗୋଟିଏ ଚିଠି ଜାରି କରିଛି। ଏଥିରେ ଆତଙ୍କୀମାନେ କଶ୍ମୀର ପଣ୍ଡିତମାନଙ୍କ ପାଇଁ ତିଆରି ହୋଇଥିବା ଟ୍ରାନ୍ସିଟ କଲୋନୀକୁ ଶ୍ମଶାନରେ ପରିଣତ କରିଦେବେ ବୋଲି ଧମକ ଦିଆଯାଇଛି।

କଶ୍ମୀର ପଣ୍ଡିତ ସରକାରୀ କର୍ମଚାରୀଙ୍କ ପାଇଁ ବାରମୁଲ୍ଲା ଓ ବାନ୍ଦିପୋରାରେ ଟ୍ରାନ୍ସିଟ କଲୋନୀ ତିଆରି କରାଯାଉଛି। ଏଠାରେ ତିଆରି ଚାଲିଥିବା ବିଲଡିଂଗୁଡ଼ିକୁ ଦେଖିବା ପାଇଁ ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା ଯାଇଥିଲା। ତାଙ୍କ ଗସ୍ତର କିଛି ଘଣ୍ଟା ପରେ




କଶ୍ମୀର ଫାଇଟ ତରଫରୁ ଏପରି ଧମକ ମିଳିଛି। ଚିଠିରେ ସଂଗଠନ କହିଛି ଯେ "ବେଆଇନ ଭାବେ ଭାରତ ଦଖଲ କରିଥିବା ଜମ୍ମୁ-କଶ୍ମୀର (ଆଇଆଇଓଜେକେ)ରେ ଅବସ୍ଥାପିତ କଣ୍ଢେଇ ଶାସନ ପ୍ରଧାନମନ୍ତ୍ରୀ ପ୍ୟାକେଜର ଲୋଭ ଦେଖାଇ ବିକାଶର ସ୍ୱପ୍ନ କଥା କହୁଛି। କିନ୍ତୁ ସେମାନଙ୍କ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇ ସାରିଥିବା ସେମାନେ ଭୁଲି ଯାଉଛନ୍ତି। ଆମେ ଯେଉଁ ଲିଷ୍ଟ ଅପଲୋଡ କରିଛୁ, ସେଇଟା କେବଳ ଗୋଟିଏ ତାଲିକା ନୁହେଁ। ଏହା ଦୁଇଟି ଯାକ ସାଇଟ୍‌ରେ ନିର୍ମାଣ ଚାଲିଥିବା ପିଏମ ପ୍ୟାକେଜ ବିରୋଧରେ ଆମର ଚେତାବନୀ। କେହି ବି ଦଖଲକାରୀଙ୍କ ମିଛ ପ୍ରତିଶ୍ରୁତିରେ ବିଶ୍ୱାସ କରନ୍ତୁ ନାହିଁ।"

କଶ୍ମୀର ଫାଇଟ ସଂଗଠନ ନୂଆ ଟ୍ରାନ୍ସିଟ କଲୋନୀର ନିର୍ମାଣ କାମରେ ସାମିଲ ଥିବା ଠିକାଦାରଙ୍କୁ ମଧ୍ୟ ଧମକ ଦେଇଛି। କଶ୍ମୀର ପଣ୍ଡିତ ସରକାରୀ କର୍ମଚାରୀଙ୍କ ତାଲିକା ଜାରି କରି ସଂଗଠନ ନିର୍ମାଣ ଚାଲିଥିବା କଲୋନୀକୁ ଇସ୍ରାଏଲ ଭଳି ଷ୍ଟେଟଲମେଣ୍ଟ ବୋଲି କହିଛି।

ସଂଗଠନ କହିଛି, "ସମସ୍ତେ ମନେ ରଖନ୍ତୁ ଯେତେବେଳେ ମହାସାଗର ଗର୍ଜନ କରିବ ସେତେବେଳେ ସବୁ କିଛି ଧ୍ୱଂସ ପାଇଯିବ। ଟାର୍ଗେଟରେ ଥିବା ସବୁ କିଛି ମାଟିରେ ମିଶିବ। ତେଣୁ ଏଥିପାଇଁ ପ୍ରସ୍ତୁତ ରୁହ। ରେଜିଷ୍ଟାନ୍ସ ଯୋଦ୍ଧାମାନେ କେବେ ହେଲେ ଇସ୍ରାଏଲ ଭଳି ଷ୍ଟେଟଲମେଣ୍ଟକୁ ଆଇଇଓଜେକେରେ ହେବାକୁ ଦେବେନି। ଯେଉଁମାନେ ଏଥିରେ ସାମିଲ ଥିବେ, ସେମାନଙ୍କୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଯେଉଁ କଣ୍ଟ୍ରାକ୍ଟରମାନେ ଏହି ସୁଉଚ୍ଚ ବିଲଡିଂକୁ ତିଆରି କରୁଛନ୍ତି, ସେମାନେ ମଧ୍ୟ ବର୍ତ୍ତିବେ ନାହିଁ।"

ଏହାପୂର୍ବରୁ କଶ୍ମୀରରେ କାମ କରୁଥିବା ୫୭ ଜଣ କଶ୍ମୀର ପଣ୍ଡିତ ସରକାରୀ କର୍ମଚାରୀଙ୍କୁ ସମାନ ଢଙ୍ଗରେ ଆତଙ୍କବାଦୀମାନେ ଧମକ ଦେଇଛନ୍ତି। ୨୦୨୧ ମସିହାରୁ ଆତଙ୍କବାଦୀମାନେ ନିୟମିତ ଭାବେ କଶ୍ମୀର ପଣ୍ଡିତ ଓ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଚାଇନା ସହିତ ବ୍ୟବସାୟ ବନ୍ଦ କରୁ ଭାରତ: କେଜ୍ରିୱାଲ

ନୂଆଦିଲ୍ଲୀ: ଚାଇନା ସହିତ ବାଣିଜ୍ୟ ବନ୍ଦ କରୁ ଭାରତ। ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହି ଦାବି କରିଛନ୍ତି। ଅରୁଣାଚଳ ପ୍ରଦେଶର ଏଲ୍ଏସି ନିକଟସ୍ଥ ତୱାଙ୍ଗ ସେକ୍ଟରରେ ଭାରତ ଏବଂ ଚାଇନା ସେନା ସଂଘର୍ଷ ପରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି କେଜ୍ରିୱାଲ। କେଜ୍ରିୱାଲ ଟ୍ୱିଟ୍ କରି କହିଛନ୍ତି, "ଆମେ କାହିଁକି ଚାଇନା ସହିତ ଆମର ବ୍ୟବସାୟ କାରବାର ବନ୍ଦ କରୁନାହୁଁ? ଚାଇନାରୁ ଆମଦାନୀ ହେଉଥିବା ଅଧିକାଂଶ ସାମଗ୍ରୀ ଭାରତରେ ନିର୍ମାଣ କରାଯାଉଛି । ଆମଦାନୀ ବନ୍ଦ କରିଦେଲେ ଚାଇନା ଏକ ଶିକ୍ଷା ପାଇବ ଏବଂ ଭାରତ ରୋଜଗାର ପାଇବ। ସୋମବାର ତୱାଙ୍ଗରେ ହୋଇଥିବା ସଂଘର୍ଷକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ



କେଜ୍ରିୱାଲ କହିଥିଲେ ଯେ ଆମର ସୈନିକମାନେ ଦେଶର ଗର୍ବ। ମୁଁ ତାଙ୍କର ସାହସିକତାକୁ ସଲାମ କରୁଛି।

ଏଲଏସିରେ ଭାରତୀୟ ଯବାନ ଓ ଚୀନ ସୈନ୍ୟ ମୁହାଁମୁହିଁ ହେବାନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଲୋକସଭାରେ ବିବୃତି ରଖିଛନ୍ତି । ସେ ତାଙ୍କ ବିବୃତିରେ କହିଛନ୍ତି ଗତ ୯ ତାରିଖରେ ଚୀନ ସେନା ବେଆଇନ୍ ଭାବେ ଭାରତ ସୀମାରେ ଅନୁପ୍ରବେଶ ଉଦ୍ୟମ କରିଥିଲା । ଚୀନର ସୈନିକ ମାନେ ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ୍ ପରିବର୍ତ୍ତନ ଉଦ୍ଦେଶ୍ୟରେ ଆସିଥିଲେ, ଏବଂ ଏଲଏସିରେ ଥିବା ସ୍ଥିତାବସ୍ଥାକୁ ଏକତରଫା ବଦଳାଇବାକୁ ଚେଷ୍ଟା କରାଯାଇଥିଲା ।

ଯାହାକୁ ଆମର ଭାରତୀୟ ଯବାନ ମାନେ କଡ଼ା ବିରୋଧ କରିଥିଲେ । ଆମ ସେନା ଚାଇନାର ଏଭଳି କାର୍ଯ୍ୟକୁ ଦୃଢ଼ତାର ସହ ମୁକାବିଲା କରିଥିଲା । ଫଳରେ ଉଭୟ ସେନାଙ୍କ ମଧ୍ୟରେ ମୁହାଁମୁହିଁ ଓ ଧସ୍ତାଧସ୍ତି ହୋଇଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲୋକସଭାରେ ବିବୃତି ରଖିଛନ୍ତି । ତାଙ୍କ ବିବୃତିରେ ଆହୁରି ମଧ୍ୟ କହିଛନ୍ତି ଆମ ସେନା ସବୁବେଳେ ସଜାଗ ରହିଛି । ଭାରତୀୟ ଯବାନ ମାନଙ୍କ ଦୃଢ଼ ପଦକ୍ଷେପ ଚୀନ ସୈନିକ ମାନଙ୍କୁ ଫେରିଯିବାକୁ ବାଧ୍ୟ କରିଥିଲା । ମୁହାଁମୁହିଁ ସମୟରେ ଉଭୟ ଦେଶର କିଛି ଯବାନ ଆହତ ହୋଇଥିଲେ । ହେଲେ ଆମର କୌଣସି ଯବାନ ସହିଦ କି ଗୁରୁତର ହୋଇନାହାନ୍ତି । ଏହି ଘଟଣା ଘଟିବା ପରେ ଆମର ଲୋକାଲ କମାଣ୍ଡର ପ୍ରତିପକ୍ଷ ସହ ଏକ ବୈଠକ ମଧ୍ୟ କରିଥିଲେ । ସେହି ବୈଠକରେ ଚୀନକୁ ଏପରି ପ୍ରୟାସ କରିବାକୁ ଦୃଢ଼ତାର ସହ ମନାକରାଯାଇଛି ।

# ଦାୟିତ୍ୱ ନେବାର ୪ ମାସ ପରେ ଇସ୍ତଫା ଦେଲେ ହ୍ୱାଟସଆପ ପେ'ର ଭାରତ ମୁଖ୍ୟ

ନୂଆଦିଲ୍ଲୀ: ସୋଶାଲ ମେସେଜିଂ ଆପ୍ ହ୍ୱାଟସଆପ୍ ଓ ଏହାର ମୂଳ କମ୍ପାନୀ ମେଟାରେ ଇସ୍ତଫା ପର୍ବ ଜାରି ରହିଛି। ପୂର୍ବରୁ ଏକାଧିକ ଅଧିକାରୀ ମେଟା ଛାଡ଼ିଥିବା ବେଳେ ଏବେ ହ୍ୱାଟସଆପ୍‌ର ଇଣ୍ଡିଆନ ପେମେଣ୍ଟ ବିଜନେନ ବା ହ୍ୱାଟସଆପ୍ ପେ'ର ଭାରତ ମୁଖ୍ୟ ବିନୟ ଚୋଲେଟ୍ଟି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ମାତ୍ର ୪ ମାସ ତଳେ କମ୍ପାନୀରେ ଯୋଗ ଦେଇଥିଲେ। ହେଲେ ୪ ମାସ ପରେ ସେ ହଠାତ୍ ହ୍ୱାଟସଆପ୍‌କୁ ବାଏବାଏ କହିଛନ୍ତି।ନିଜର ଇସ୍ତଫା ସମ୍ପର୍କରେ ଘୋଷଣା କରି ବିନୟ କହିଛି ଯେ ମୁଁ ମୋର ଆଗାମୀ ଯାତ୍ରାରେ ବାହାରିଛି। ତେବେ ମୋର ବିଶ୍ୱାସ ଯେ ଭାରତରେ ଡିଜିଟାଲ ପେମେଣ୍ଟ ଓ ଆର୍ଥିକ କାରବାରରେ ସଂସ୍କାର ଆଣିବା ପାଇଁ ହ୍ୱାଟସଆପ୍ ପାଖରେ ଯଥେଷ୍ଟ କ୍ଷମତା ରହିଛି। ଆଗାମୀ ବର୍ଷଗୁଡ଼ିକରେ କମ୍ପାନୀ ଶୀର୍ଷରେ ପହଞ୍ଚୁ ବୋଲି ମୁଁ ଦେଖିବାକୁ ଚାହୁଁଛି। ମୋର ଆଶା ସେମିତି ସବୁ କିଛି ହେବ ବୋଲି ସେ କହିଛନ୍ତି। ଏହାର ଅର୍ଥ ବିନୟ ଏବେ ଆଉ କେଉଁ କମ୍ପାନୀରେ କାମ ଆରମ୍ଭ କରିବେ। ଏହାପୂର୍ବରୁ ହ୍ୱାଟସଆପର ଭାରତ ମୁଖ୍ୟ ଅଭିଜିତ ବୋଷ, ମେଟାର ପବ୍ଲିକ ପଲିସି ନିର୍ଦ୍ଦେଶକ ରାଜୀବ ଅଗ୍ରୱାଲ ଓ ମେଟାର ଭାରତ ମୁଖ୍ୟ ଅଜିତ ମୋହନ ଇସ୍ତଫା ଦେଇଥିଲେ। ଏମାନେ ସମସ୍ତେ ନଭେମ୍ବର ମାସରେ ଇସ୍ତଫା ଦେବାରୁ କମ୍ପାନୀରେ ହଇଚଇ ସୃଷ୍ଟି ହୋଇଥିଲା।

## ମୌଲାନାଙ୍କୁ ଅନୁରୋଧ

# ଡିଜେ ବଜାଇଲେ ବାହାଘର କରନି

ଗାଜିଆବାଦ: ଉତ୍ତର ପ୍ରଦେଶର ଗାଜିଆବାଦ ମୁସଲିମ ମହାସଭା ନିକା ବା ମୁସଲିମଙ୍କ ସଂପ୍ରଦାୟର ବାହାଘର କରୁଥିବା ମୌଲାନାଙ୍କୁ ସ୍ୱତନ୍ତ୍ର ନିବେଦନ କରିଛି। ଯଦି କେହି ମୁସଲିମ ସଂପ୍ରଦାୟର ଲୋକ ନିକା ପାଇଁ ଆସିବା ବେଳେ ଡିଜେ କିମ୍ବା ବ୍ରାସ ବ୍ୟାଣ୍ଡ ବଜାଉଛନ୍ତି, ତେବେ ସେମାନଙ୍କ ନିକା ମୌଲାନାମାନେ କରନ୍ତୁ ନାହିଁ ବୋଲି ମହାସଭା ଅନୁରୋଧ କରିଛି। ସେହିପରି ନିକା କାର୍ଯ୍ୟକ୍ରମରେ ଡିଜେ କିମ୍ବା ବ୍ରାସ ବ୍ୟାଣ୍ଡ ନ ବଜାଇବାକୁ ମଧ୍ୟ ସମସ୍ତଙ୍କୁ କୁହାଯାଇଛି।

ମୁସଲିମ ମହାସଭା ଗୋଟିଏ ବିବୃତି ଜାରି କରି ଏହି ପ୍ରସଙ୍ଗରେ ମୌଲାନାମାନଙ୍କ ସହଯୋଗ ମାଗିଛି। ମୌଲାନାମାନେ ମୁସଲିମ ସଂପ୍ରଦାୟର ଲୋକଙ୍କୁ ଅତ୍ୟନ୍ତ ସାଧାରଣ ଭାବେ ନିକା କାର୍ଯ୍ୟକ୍ରମ କରିବାକୁ ପ୍ରବର୍ତ୍ତାଇ ପାରିବେ। ତେଣୁ ସେମାନେ ଚାହିଁଲେ ହିଁ ଡିଜେ ଓ ବ୍ୟାଣ୍ଡ ବଜାଇବା ଘଟଣାକୁ ବନ୍ଦ ହୋଇପାରିବ ବୋଲି ମହାସଭା ଆଶା ରଖିଛି। ଏଥିସହ ବିବାହ କାର୍ଯ୍ୟକ୍ରମରେ ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ଘଟଣାକୁ ପୂର୍ବଭଳି ବିରୋଧ କରାଯିବ ବୋଲି ମହାସଭା କହିଛି।

ନିକା କାର୍ଯ୍ୟକ୍ରମରେ ଯେମିତି ପରିବାର ଲୋକ ଡିଜେ ବଜାଇବେ ନାହିଁ, ସେକଥା ମୌଲାନାମାନେ ପୂର୍ବରୁ ଲିଖିତ ଭାବେ ସେମାନଙ୍କ ଠାରୁ ଗ୍ରହଣ କରିବେ। ସେମାନଙ୍କ ଠାରୁ ଗ୍ୟାରେଣ୍ଟୀ ମିଳିବା ପରେ ମୌଲାନାମାନେ ନିକା କରାଇବାକୁ ରାଜି ହେବା ଉଚିତ ବୋଲି ମହାସଭା ବିବୃତିରେ ଉଲ୍ଲେଖ କରିଛି।

ଏହାପୂର୍ବରୁ ଝାରଖଣ୍ଡର ଧାନବାଦରେ କିଛି ମୁସଲିମ ଧର୍ମଗୁରୁ ନିଖା କାର୍ଯ୍ୟକ୍ରମରେ ଡ୍ୟାନ୍ସ, ଗୀତ ବଜାଇବା ଓ ବାଣ ଫୁଟାଇବା ଇସଲାମ ବିରୋଧୀ ବୋଲି କହିଥିଲେ। ଯଦି କେହି ଏହାକୁ ଉଲ୍ଲଙ୍ଘନ କରିବେ, ତେବେ ସେମାନଙ୍କ ବିରୋଧରେ ଫତୱା ଜାରି କରାଯିବ। ଜୋରରେ ଗୀତ ବଜାଇବା ଓ ବାଣ ଫୁଟାଇବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ବୋଲି ମୌଲାନାମାନେ କହିଥିଲେ।

## ୬୨ ଯୁଦ୍ଧ ପ୍ରସଙ୍ଗ ଆଲୋଚନା ପାଇଁ ନେହରୁ ରାଜି ହୋଇଥିଲେ

# ଏବେ ମୋଦି ଡରୁଛନ୍ତି: ଥରୁର୍

ନୂଆଦିଲ୍ଲୀ:ଚାଇନା-ଭାରତ ସୀମାରେ ଦୁଇ ଦେଶର ସେନା ମଧ୍ୟରେ ସଦ୍ୟ ସୃଷ୍ଟି ହୋଇଥିବା ମୁହାଁମୁହିଁ ପରିସ୍ଥିତିକୁ ନେଇ ରାଜନୀତି ଜୋର ଧରିଛି। ଅରୁଣାଚଳ ପ୍ରଦେଶ ସୀମାରେ ସୃଷ୍ଟି ହୋଇଥିବା ଉତ୍ତେଜନା ପାଇଁ ମୋଦି ସରକାରଙ୍କ ବିଫଳତାକୁ ବିରୋଧୀ ଦାୟୀ କରି ଆସୁଥିବା ବେଳେ ସଂସଦରେ ଏ ସମ୍ପର୍କରେ ଆଲୋଚନା ପାଇଁ ଅଡ଼ି ବସିଛନ୍ତି। ହେଲେ କେନ୍ଦ୍ର ସରକାର ଆଲୋଚନା ପାଇଁ ସୁଯୋଗ ଦେଉନଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କଂଗ୍ରେସ ନେତା ଶଶି ଥରୁର କହିଛନ୍ତି ଯେ, ୧୯୬୨ ଯୁଦ୍ଧ ସମୟରେ ପ୍ରଧାନମନ୍ତ୍ରୀ ଥିବା ଜବାହରଲାଲ ନେହରଙ୍କ ସଂସଦୀୟ ଆଚରଣକୁ ମନେ ପକାଇ ଦେଥିଲେ। ସେ କହିଥିଲେ ଯେ, ସେତବେଳେ ମଧ୍ୟ ଭାରତ-ଚାଇନା ପ୍ରସଙ୍ଗକୁ ନେଇ ଗୃହରେ ଆଲୋଚନା ହୋଇଥିଲା। ଏବେ ଅରୁଣାଚଳ ପ୍ରଦେଶ ସୀମାରେ ସଂଘର୍ଷକୁ ନେଇ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ଥରୁର ବର୍ଷିଥିବା ବେଳେ ବିତର୍କ ପାଇଁ ଅରାଜି ହେଉଥିବାରୁ ତୀବ୍ର ସମାଲୋଚନା କରିଛନ୍ତି। ଥରୁର କହିଛନ୍ତି ଯେ, ଆମେ କେବଳ ଆଲୋଚନା ଚାହୁଁଛୁ। ୧୯୬୨ ମସିହାରେ ଚାଇନା ବିପକ୍ଷରେ ଯୁଦ୍ଧ ସମୟରେ ମଧ୍ୟ ନେହରୁ ସଂସଦରେ ଆଲୋଚନା ପାଇଁ ରାଜି ହୋଇଥିଲେ।

ସେ ସମସ୍ତଙ୍କ କଥା ଶୁଣିବାକୁ ପ୍ରସ୍ତୁତ ଥିଲେ। ମୁଁ ଭାବୁଛି ସହେତେବେଳେ ୧୦୦ରୁ ଅଧିକ ସାଂସଦ ବିତର୍କରେ ଭାଗ ଅନେଥିଲେ ଏବଂ ସେଇ ଅନୁସାରେ ନିଷ୍ପତ୍ତି ନିଆଯାଇଥିଲା । ଗଣତନ୍ତ୍ର ଏମିତି ଚାଲିବା ଉଚିତ। ସେ କହିଛନ୍ତି ଯେ, ୧୯୬୨ ମସିହାରେ ଜବାହରଲାଲ ନେହରୁଙ୍କ ନରମ ନୀତି ଓ ଯୁଦ୍ଧରେ ଯେଉଁ କ୍ଷତି ଘଟିଲା



ସେଥିପାଇଁ ବିଜେପି ଆକ୍ଷେପ ଓ କରି ଆସୁଛି। ଅଥଚ ନିଜେ ଏବେ ଆଲୋଚନାକରୁ ଡରୁଛନ୍ତି। ସୀମାରେ ଉତ୍ତେଜନା ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସୁଯୋଗ ଦିଆନିଯବାରୁ ଏହାର ପ୍ରତିବାଦରେ ବିରୋଧୀମାରନେ ଦ୍ୱିତୀୟ ଦିନରେ ବି ଗୃହ ତ୍ୟାଗ କରିଛନ୍ତି । ଥରୁର କହିଛନ୍ତି ଯେ, ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମ ଦେଶ ସଂସଦୀୟ ଉତ୍ତରାଦାଇତ୍ୱ ଚାହେଁ।

ଏପରିକି ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସେଥିରେ କେତେକ ନିର୍ଦ୍ଦିଷ୍ଟ ଜିନିଷକୁ ଗୋପନ ରଖିବାକୁ ନିୟମ ରହିଛି, କିନ୍ତୁ ନୀତିଗତ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇପାରିବ। ସେ କହିଛନ୍ତି ଯେ, ଗତ ୫ ବର୍ଷ ହେବ ଭାରତ ସୀମାରେ ଏଲଏସି (ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍)ରେ ଚାଇନା ବଦମାସି କରି ଆସୁଛି। ୨୦୧୭ରେ ଡୋକଲାମଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ତାୱାଙ୍ଗରେ ଘଟଣା ଘଟିଚାଲିଛି। ସେଥି ମଧ୍ୟରେ ଗାଲୱାନ୍, ଡେପସଙ୍ଗ୍, ହଟ୍ ସ୍ପ୍ରିଙ୍ଗସ୍ ଇତ୍ୟାଦି ସୀମା ପ୍ରସଙ୍ଗ ରହିଛି। ତେବେ ଏହି ପ୍ରସଙ୍ଗରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦେଇଥିବା ଏକ ସ୍ୱଳ୍ପ ପ୍ରତିକ୍ରିୟାରେ ସେ ଖୁସି ନଥିବା କହିଛନ୍ତି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ କହି ସରକାର ଖସିଯିବାକୁ ଉଦ୍ୟମ କରିଥିବା ସେ କହିଛନ୍ତି।

## ସଂ ପା ଦ କୀ ୟ

# ମଶା ପାଇଁ ସରକାରଙ୍କୁ ଜ୍ୱର !

ଆଗକୁ ଆସୁଛି ବିଶ୍ୱ ହକି ମହାକୁମ୍ଭ। ଏବେଠୁ ସଜେଇ ହେଉଛି ଭୁବନେଶ୍ୱର। ବିଶ୍ୱରେ ନିଜର ଏକ ଭଲ ପରିଚୟ ସୃଷ୍ଟି କରିବା ପାଇଁ ସହରର ମୁଖ୍ୟ ରାସ୍ତା ଓ ରାସ୍ତାକଡ଼କୁ ସଜେଇବା ପାଇଁ ଚାଲୁଛି ପ୍ରୟାସ। କିନ୍ତୁ କଟକ-ଭୁବନେଶ୍ୱର ଦ୍ୱୈତ ନଗରୀର ମୁଖ୍ୟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତିଳେମାତ୍ର ଚିନ୍ତା ନାହିଁ ପ୍ରଶାସନର। ଯାହା ସବୁ କାମ ଚାଲୁଛି କେବଳ ବାହାଘର ବେଳର ସାଜସଜ୍ଜା ଭଳି, ଯେଉଁଥିରେ ନିଜର ଦୁର୍ବଳତାକୁ ଲୁଚାଇବାର ପ୍ରୟାସ ଅଧିକ। ବିଗତ କିଛି ଦିନ ତଳର ଡେଙ୍ଗୁ ଜ୍ୱର ପ୍ରଭାବକୁ ଦେଖିଲେ କିଛି କଥା ଆମେ ତଥା ପ୍ରଶାସନ ବୁଝିବା ନିତ୍ୟାନ୍ତ ଆବଶ୍ୟକ। ଓଡ଼ିଶାରେ ଡେଙ୍ଗୁ ଜ୍ୱରରେ ଭୁବନେଶ୍ୱର ପ୍ରଥମ। ଅର୍ଥାତ୍ ମଶାର ଉପଦ୍ରବ ଏଠାରେ ଅଧିକ ବୋଲି ଧରାଯାଇପାରେ। ତେଣୁ ସରକାର ମଶା ଉପଦ୍ରବକୁ କମାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇ ତାର ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା କଥା। ଲୋକଙ୍କୁ ସଚେତନ କରାଇବା ପାଇଁ ଘରଘର ବୁଲି ବୁଝାଇବାର ପ୍ରୟାସ ବି ଚାଲିଛି। କିନ୍ତୁ ସରକାର ନିଜେ ବୁଝୁ ନାହାନ୍ତି, ଅନେକ ଜାଗାରେ ଦୀର୍ଘଦିନ ଧରି ପାଣି ଜମି ପଚା ପାଣିରେ ମଶାର କାରଖାନା ଚାଲିଛି। ଅନେକ ନାଳ ନର୍ଦ୍ଦମା ଖୋଲା ପଡ଼ିଛି ଏବଂ ମଶା ସଂଖ୍ୟା ବୃଦ୍ଧିରେ ଏହା ସହାୟକ ହେଉଛି। ସତରେ ଯଦି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପାଇଲଟ ପ୍ରୋଜେକ୍ଟ ଭାବେ ଧରି ପରୀକ୍ଷା ମୂଳକ ଭାବେ ନାଳ ନର୍ଦ୍ଦମା ଓ ଖାଲ ଖମାର ସ୍ଥାୟୀ ସମାଧାନ କରାଯାଉଥାନ୍ତା; ହୁଏତ ଦ୍ୱୈତ୍ୟ ନଗରୀର ସବୁ ଅଞ୍ଚଳ ଭଲ ହୋଇସାରନ୍ତାଣି। ଉନ୍ନତିମୂଳକ କାର୍ଯ୍ୟ କଲା ବେଳେ ସବୁ ବିଭାଗର ସହଯୋଗ ଏବଂ ଭବିଷ୍ୟତ ଚିନ୍ତାକୁ ଆଖିରେ ରଖି କାମ କଲେ କାମଟି ସରସ ସୁନ୍ଦର ଏବଂ ଦୂରଦୃଷ୍ଟି ସମ୍ପର୍ଣ୍ଣ ହୋଇପାରନ୍ତା। କିନ୍ତୁ ସ୍ଥଳ ବିଶେଷରେ ଉନ୍ନତିକରଣର କାର୍ଯ୍ୟ କେବଳ ଠିକାଦାରୀ ପାଇଁ ହେଉଥିବାର ପରିଲକ୍ଷିତ ହେଉଛି। ଉଦାହରଣ ସ୍ୱରୂପ ରାସ୍ତାଟିଏ ତିଆରି ବେଳେ ଡ୍ରେନେଜ୍, ଭୂତଳ ବିଦ୍ୟୁତ, ପିଇବା ପାଣି, ଟେଲିଫୋନ୍ ବା ଇଣ୍ଟରନେଟ କେବୁଲ, ସ୍ୱରେଜ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗ ଗୁଡ଼ିକୁ ଏକାଠି କରି ପ୍ଲାନ୍ କରି କଲେ ବାରମ୍ବାର ସେଇ ନିର୍ଦ୍ଦିଷ୍ଟ ଜାଗାରେ କାମ କରିବାର ଆବଶ୍ୟକତା ପଡ଼ନ୍ତା ନାହିଁ। ଏଭଳି ଚିତ୍ର କେବଳ ସହରର ରାସ୍ତା ନୁହେଁ ଏହା ରାଜ୍ୟର ସବୁଠି ଚାଲିଛି। ସମନ୍ୱୟ ଭିତ୍ତିରେ ସବୁ ବିଭାଗ ଦୂର ଦୃଷ୍ଟି ସମ୍ପର୍ଣ୍ଣ ହୋଇ କାମ କଲେ ବହୁ ସମସ୍ୟାର ସମାଧାନ ଆପେ ଆପେ ହୋଇପାରନ୍ତା।

ଅନେକ ସମୟରେ ମନକୁ ଆସେ ଉନ୍ନତିମୂଳକ କାମ ସତରେ କେବଳ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ପ୍ରଗତି ପାଇଁ ଉଦ୍ଦିଷ୍ଟ। ଯେପରି ନଦୀରେ ପୋଲ ତିଆରି କଲା ବେଳେ ଯଦି ସେଠାରେ ଖରାଦିନିଆ ଆଡ଼ିବନ୍ଧ ନିର୍ମାଣ କରାଯାଉଥାନ୍ତା ତେବେ ସେ ଅଞ୍ଚଳରେ ଭୂତଳ ଜଳସ୍ତର ସ୍ଥିତି ଭଲ ରୁହନ୍ତା। ମାଛଚାଷ କରାଯାଇପାରନ୍ତା। ବର୍ଷସାରା ମଧୁର ଜଳକୁ ଚାଷ କାମରେ ବ୍ୟବହାର କରାଯାଇପାରନ୍ତ। ପର୍ଯ୍ୟଟନର ବିକାଶ ହୋଇପାରନ୍ତା ତଥା ଆହୁରି ଅନେକ ସୁବିଧା ହୁଅନ୍ତା ସ୍ଥାନୀୟ ଏବଂ ଆମ ରାଜ୍ୟବାସୀଙ୍କର। କିନ୍ତୁ ଏଠାରେ କେବଳ ଟଙ୍କା ଖର୍ଚ୍ଚ କରିବା ପାଇଁ ପୋଲ ତିଆରି ହେଉଛି । ଏମିତି ଅନେକ ଉଦାହରଣ ଅଛି ସବୁଠି। ଯେପରି ଗାଁ ପରିମଳ ଗାଁ ତୁଠରୁ ଠିକ୍ ସେହିପରି ପ୍ରଶାସନିକ ଅଧିକାରୀମାନେ ହକି ବିଶ୍ୱକପ୍ ପାଇଁ ରାସ୍ତା ଓ ରାସ୍ତାକଡ଼କୁ କେବଳ ନ ସଜେଇ ବର୍ଷ ସାରା ଯଦି ସମ୍ମିଳିତ ଯୋଜନାବଦ୍ଧ କାର୍ଯ୍ୟ କରନ୍ତେ ଦ୍ୱୈତ୍ୟ ନଗରୀର ପ୍ରକୃତ ବିକାଶ ହୋଇପାରନ୍ତା। ଫଳରେ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ପରିବର୍ତ୍ତେ ମଶାବଂଶକୁ ନିପାତ କରି ସମସ୍ତ ଜନସାଧାରଣଙ୍କୁ ଏକ ଗୁଣାତ୍ମକ ଜୀବନ ଯାପନର ସୁଯୋଗ ମିଳନ୍ତା। ନଚେତ ସବୁକିଛି ଚିକ୍‌ଚିକ୍ କରୁଥିବା ବସ୍ତୁ ସୁନା ନୁହେଁ ଭଳି ବିଚାର କରାଯାଇପାରେ।

ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ
ଆମ ଠିକଣାରେ
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

# ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ସଂପର୍କ ବାଣିଜ୍ୟ, ରାଜ୍ୟ ବିସ୍ତାର ଓ ଧର୍ମ ପ୍ରସାର

**ଦେବବ୍ରତ ମହାପାତ୍ର**

“ ଖ୍ରୀ. ପ୍ରଥମ ଶତାବ୍ଦୀରେ କିଛି ସାହସୀ କଳିଙ୍ଗ ନାବିକ ତାଙ୍କର ଗତାନୁଗତିକ ସୀମାରୁ ବାହାରି ଗଭୀର ସମୁଦ୍ର ଭିତରକୁ ପ୍ରବେଶ କରି ପହଞ୍ଚିଲେ ମାଳୟ (ମାଲେସିଆ) ଓ ଜାଭା ଦ୍ୱୀପରେ ଏବଂ ସେଠାରେ ବାଣିଜ୍ୟିକ ସଂପର୍କ ସ୍ଥାପନ କରିବା ସହିତ ବସତି ମଧ୍ୟ ସ୍ଥାପନ କରିଥିଲେ। ଜାଭାର ଏକ ଲୋକୋକ୍ତି ଅନୁସାରେ କଳିଙ୍ଗରୁ ପ୍ରାୟ କୋଡ଼ିଏ ହଜାର ପରିବାର ଆସି ସେଠାରେ ବସବାସ କରିଥିଲେ। ମାଳୟର ଏକ ଦନ୍ତକଥାରେ କଳିଙ୍ଗ ବିଚିତ୍ର ନାମରେ ଜଣେ ଦୈବପୁରୁଷ ସୁନ୍ଦରୀ ନାମ୍ନୀ ଜଣେ ସ୍ଥାନୀୟ କନ୍ୟାକୁ ବିବାହ କରି ସେଠାର ରାଜା ହୋଇଥିବାର ବର୍ଣ୍ଣିତ ଅଛି। ଏ ସବୁ ପଛରେ କୌଣସି ଐତିହାସିକ ପ୍ରମାଣ ନଥିଲେ ମଧ୍ୟ ଏହି କଳିଙ୍ଗବାସୀ ପ୍ରଥମ ଭାରତୀୟ ଭାବରେ ମାଳୟ-ଇଣ୍ଡୋନେସିଆ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିବାର ସ୍ପଷ୍ଟ ସଂକେତ ଦିଏ।

ଓଡ଼ିଶାର ସାମୁଦ୍ରିକ ପରମ୍ପରା କେତେ ପୁରାତନ ତାହା ସଠିକ୍ ? ଭାବେ ନିରୂପଣ କରିବା ସମ୍ଭବ ନହେଲେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ଅନୁମାନ କରାଯାଏ ଯେ ନୂତନ ପ୍ରସ୍ତର ଯୁଗର ଶେଷ ଭାଗ ବେଳକୁ ଓଡ଼ିଶାର ସାମୁଦ୍ରିକ ସଂପର୍କ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସହିତ ସ୍ଥାପିତ ହୋଇ ତାମ୍ରଯୁଗ ଓ ଲୌହଯୁଗରେ ଏହାର ବିକାଶ ଘଟିଥିଲା। କ୍ରମେ ଏହି ସାମୁଦ୍ରିକ ସଂପର୍କ ଶ୍ରୀଲଙ୍କା, ମାଳଦ୍ୱୀପ, ଆଫ୍ରିକା ମହାଦେଶ ଓ ରୋମ୍ ? ସାମ୍ରାଜ୍ୟ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ମାଣିକପାଟଣା, ପାଲୁର, ଶିଶୁପାଳଗଡ଼, ଗୋଳବାଇଶାସନ, ବାମନଘାଟି ଓ ଆହୁରି ଅନେକ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନରୁ ଏ ବିଷୟରେ ପର୍ଯ୍ୟାପ୍ତ ପ୍ରମାଣ ଉପଲବ୍ ?ଧ ହୋଇଛି। ଏସବୁ ସ୍ଥାନମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ଗୋଳବାଇଶାସନର ପ୍ରତ୍ନତାତ୍ତ୍ୱିକ ନିଷ୍କର୍ଷ ଉଲ୍ଲେଖଯୋଗ୍ୟ। କାର୍ବନ ଡେଟିଙ୍ଗ ପ୍ରକ୍ରିୟା ଦ୍ୱାରା ନିରୂପିତ ସମୟ ସାରଣୀ ଅନୁସାରେ ଖ୍ରୀ.ପୂ. ୨୩୦୦ରୁ ଏଠାରେ ଏକ ପୁରାତନ ସଭ୍ୟତା ଗଢ଼ି ଉଠିଥିଲା। ଏଠାରୁ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହରୁ ଏଠାରେ ଏକ ବୋଇତ ନିର୍ମାଣ ଓ ମରାମତି କେନ୍ଦ୍ର ରହିଥିବାର ସୂଚନା ମିଳିଥାଏ। କଳିଙ୍ଗରେ ହସ୍ତୀଯୂଥ ପରିବହନ କରିପାରୁଥିବା ଭଳି ଅତିକାୟ ବୋଇତ ନିର୍ମାଣ ହେଉଥିବାର ପ୍ରମାଣ ବ୍ରହ୍ମେଶ୍ୱର ମନ୍ଦିର ନିକଟରୁ ପ୍ରାପ୍ତ ଓ ଅଧୁନା ରାଜ୍ୟ ସଂଗ୍ରହାଳୟରେ ସ୍ଥାନିତ ଦୁଇଟି ପ୍ରସ୍ତର ଫଳକରୁ ମିଳିଥାଏ। ତାମ୍ରଲିପ୍ତ ସହିତ ପାଲୁର ଓ ମାଣିକପାଟଣା ଓଡ଼ିଶାର ପ୍ରମୁଖ ବନ୍ଦର ଥିବା ଗ୍ରିକ୍ ବିଦ୍ୱାନ ଟଲେମି ଓ ହୁଏଂସାଙ୍ଗ ବିବରଣୀରୁ ଜଣାପଡ଼େ। ଏହି ବନ୍ଦରଗୁଡ଼ିକ ଓଡ଼ିଶାର ସାମୁଦ୍ରିକ ସଂପର୍କ ବ୍ୟାପ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଖାରବେଳ ହାତୀଗୁମ୍ଫା ଶିଳାଲେଖରୁ ଅନେକ ଆଗରୁ କଳିଙ୍ଗର ଚୀନ ସହିତ ବାଣିଜ୍ୟିକ ସଂପର୍କ ଥିବାର ପ୍ରମାଣିତ ହୁଏ।

ଏହି କ୍ରମରେ ଅତି ପୁରାତନ କାଳରୁ କଳିଙ୍ଗ ଓ ମ୍ୟାନମାର (ବ୍ରହ୍ମଦେଶ) ମଧ୍ୟରେ ଏକ ନିବିଡ଼ ସାମୁଦ୍ରିକ ସଂପର୍କ ଥିବା ପରିଲକ୍ଷିତ ହୁଏ। ଖ୍ରୀ.ପୂ. ସପ୍ତମ ଶତାବ୍ଦୀରେ କିଛି କଳିଙ୍ଗ ଅଧିବାସୀ ସମୁଦ୍ର ପଥରେ ଦକ୍ଷିଣ ବ୍ରହ୍ମଦେଶରେ ପ୍ରବେଶ କରି ଏକ ଉପନିବେଶ ସ୍ଥାପନ କରିଥିଲେ। ସେହି ଅଞ୍ଚଳ ସେତେବେଳେ 'କଳିଙ୍ଗରଥ୍ ?ଥ' ନାମରେ ନାମିତ ହୋଇଥିଲା ଓ ଆଧୁନିକ ପେଗୁ, ମ୍ୟାଉଙ୍ଗମ୍ୟା ଓ ବାସେଇନ୍ (ପାଥେଇନ୍ ?) ଅଞ୍ଚଳରେ ବ୍ୟାପ୍ତ ଥିଲା। ଭିକ୍ଷୁ ପାନ୍ନାସାମୀଙ୍କ ଦ୍ୱାରା ଲିଖିତ ଶାସନବଂଶ ଓ ସ୍ଥାନୀୟ ଦନ୍ତକଥା ଅନୁସାରେ ବୁଦ୍ଧଙ୍କ ପ୍ରଥମ ଗୃହୀ ଶିଷ୍ୟ ଉକ୍‌କଳ (ଉତ୍କଳ)ର ଦୁଇଜଣ ବଣିକ ତାପସୁ ଓ ଭଲ୍ଲିକ ବୁଦ୍ଧଙ୍କଠାରୁ ପ୍ରାପ୍ତ ଆଠଟି କେଶ ସ୍ମୃତିରୁ ତିନୋଟି କେଶ ଓକ୍କାଲାପା (ୟାଂଗୋନ)ର ରାଜାଙ୍କୁ ପ୍ରଦାନ କରିଥିଲେ ଯାହା ଶ୍ୱେଦାଗନ ପାଗୋଡ଼ାରେ ପୂଜା ପାଉଛି। ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗରଥ୍ ?ଥକୁ ସ୍ଥାନୀୟ ଅଧିବାସୀମାନେ କରାୟତ୍ତ କରି ନେଇଥିଲେ। ଏହା ସତ୍ତ୍ୱେ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ଗଢ଼ିଉଠିଥିବା ସଂପର୍କ ଅତୁଟ ଥିଲା। ବ୍ରହ୍ମଦେଶର ଏକ ଧାର୍ମିକ ଓ ଗୁରୁତ୍ୱପୂର୍ଣ୍ଣ ଜନପଦ ଆଧୁନିକ ପ୍ରୋମ ସହର ପୁରୀ ଶ୍ରୀକ୍ଷେତ୍ର ନାମାନୁସାରେ ଶ୍ରୀକ୍ଷେତ୍ର ନାମରେ ନାମିତ ଥିଲା। ଏଠାରୁ ମିଳିଥିବା ଦୁଇଟି ସ୍ୱର୍ଣ୍ଣପଟର ଲିପି କଳିଙ୍ଗ ମାଠର ଓ ଗଙ୍ଗବଂଶ ଦ୍ୱାରା ବ୍ୟବହୃତ ଲିପି ସହିତ ଅନେକାଂଶରେ ମେଳ ଖାଉଥିବାର ଲକ୍ଷ୍ୟ କରାଯାଏ। ସେଠାର ପାଗାନ ଓ ଥାଟୋଁ ଅଞ୍ଚଳର ମନ୍ଦିର ଏବଂ ପାଗୋଡ଼ା ଗାତ୍ରର ଭାସ୍କର୍ଯ୍ୟ ଓ କଳିଙ୍ଗ ବିଶେଷତଃ ଭୁବନେଶ୍ୱର ମନ୍ଦିରଗୁଡ଼ିକର ଭାସ୍କର୍ଯ୍ୟ ମଧ୍ୟରେ ଅତି ମାତ୍ରାରେ ସମାନତା ପରିଲକ୍ଷିତ ହୁଏ। ବ୍ରହ୍ମଦେଶର ଆନନ୍ଦ ମନ୍ଦିର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ମନ୍ଦିର ଦ୍ୱାରା ଅନୁପ୍ରାଣିତ ହୋଇଥିଲା ବୋଲି ଜନଶ୍ରୁତି ଅଛି।

ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ସିଂହପୁରର କଳିଙ୍ଗ ବଂଶୋଦ୍ଭବ ରାଜକୁମାର ବିଜୟ ତାଙ୍କର ଅନୁଗାମୀଙ୍କ ସହ ଉଚ୍ଛୃଙ୍ଖଳତା ପାଇଁ ତାଙ୍କର ପିତା ସିଂହବାହୁଙ୍କ ଦ୍ୱାରା ନିର୍ବାସିତ ହୋଇ ସମୁଦ୍ର ପଥରେ ପହଞ୍ଚିଥିଲେ ଶ୍ରୀଲଙ୍କା (ସିଂହଳ)ରେ ଏବଂ ସେଠାର ମୂଳ ଅଧିବାସୀଙ୍କୁ ଯୁଦ୍ଧରେ ପରାସ୍ତ କରି ଏକ ନୂତନ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହା ପରଠାରୁ କଳିଙ୍ଗ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଚମତ୍କାର ସାମାଜିକ ଓ ରାଜନୈତିକ ସଂପର୍କର ଆରମ୍ଭ ହୋଇଥିଲା। ପରବର୍ତ୍ତୀ କାଳରେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରୁ ଆଦ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ବଂଶର ନିଶଙ୍କମଲ୍ଲ, ମାଘ ଆଦି ରାଜାମାନେ ସଂପୂର୍ଣ୍ଣ ଶ୍ରୀଲଙ୍କା ଅଥବା ଉତ୍ତର ଶ୍ରୀଲଙ୍କାରେ ରାଜତ୍ୱ କରିଥିଲେ। ଭାରତ ମହାସାଗରୀୟ ଦ୍ୱୀପଗୁଡ଼ିକ ମଧ୍ୟରେ ସିଂହଳର କଳିଙ୍ଗ ସହିତ ସବୁଠାରୁ ଗଭୀରତମ ଓ ଦୀର୍ଘତମ ସଂପର୍କ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅନେକ ପ୍ରତ୍ନତାତ୍ତ୍ୱିକ ଉପଲବ୍ ?ଧି କଳିଙ୍ଗ ଓ ଶ୍ୟାମଦେଶ (ଥାଇଲାଣ୍ଡ) ମଧ୍ୟରେ ଏକ ଦୃଢ଼ ସଂପର୍କର ସୂଚନା ଦିଏ। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ପରେ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ଓ ଦ୍ୱିତୀୟ ପୁଲକେଶୀଙ୍କ କଳିଙ୍ଗ ଆକ୍ରମଣ ପରେ ଖ୍ରୀ. ସପ୍ତମ ଶତାବ୍ଦୀ ବେଳକୁ ଅନେକ କଳିଙ୍ଗବାସୀ ସମୁଦ୍ର ପଥରେ ଶ୍ୟାମଦେଶ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିଥିବାର ବିଶ୍ୱାସ କରାଯାଏ। ଓଡ଼ିଶାର କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ସହିତ ପ୍ରଭୂତ ସାମଞ୍ଜସ୍ୟ ରଖୁଥିବା ଥାଇଲାଣ୍ଡରେ ପାଳିତ ଲୋଇ କ୍ରାଥୋଙ୍ଗ ପର୍ବ ଏହାର ମୂକସାକ୍ଷୀ। କାର୍ତ୍ତିକ ପୂର୍ଣ୍ଣିମା ଦିନରେ ପାଳିତ ଏହି ପର୍ବରେ ଥାଇ ମହିଳାମାନେ କଦଳୀପଟୁକାରେ ମହମବତି ଜାଳି ଓ ସେଥିରେ ପାନ ଗୁଆ ରଖି ତାକୁ ଜଳରେ ଭସାଇ ଥାଆନ୍ତି।

ଖ୍ରୀ. ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗର କାମ୍ବୋଡିଆ (କମ୍ବୋଜ) ସହିତ ମଧ୍ୟ ଏକ ସୁନ୍ଦର ସମ୍ବନ୍ଧର ସୂତ୍ରପାତ ହୋଇଥିଲା। ଭାରତର ଜଣେ ବ୍ରାହ୍ମଣ (କୌଣ୍ଡିନ୍ୟ) ତାଙ୍କର କିଛି ଅନୁଚରମାନଙ୍କ ସହ କାମ୍ବୋଡିଆ ନିକଟରେ ସମୁଦ୍ରଯାତ୍ରା କରୁଥିବାବେଳେ ସେଠାର ନାଗବଂଶୀୟ ରାଜକୁମାରୀ ସୋମାଙ୍କର ଆକ୍ରମଣର ଶିକାର ହେଲେ। ଏହି ଯୁଦ୍ଧରେ ସେ ସଫଳତାର ସହ ନିଜକୁ ରକ୍ଷା କରିବା ସହିତ ତାଙ୍କର ତୀର ଦ୍ୱାରା ସୋମାଙ୍କ ବୋଇତକୁ କ୍ଷତିଗ୍ରସ୍ତ କରିଦେଇଥିଲେ। ସୋମା କୌଣ୍ଡିନ୍ୟଙ୍କ ବୀରତ୍ୱରେ ମୁଗ୍ ?ଧ ହୋଇ ତାଙ୍କୁ ଦେଇଥିବା ବିବାହ ପ୍ରସ୍ତାବକୁ କୌଣ୍ଡିନ୍ୟ ସ୍ୱୀକାର କଲେ ଓ ସେଠାରେ ଫୁନାନ ବା କୌଣ୍ଡିନ୍ୟ ସାମ୍ରାଜ୍ୟର ମୂଳଦୁଆ ସ୍ଥାପନ କରିଥିଲେ। କୌଣ୍ଡିନ୍ୟଙ୍କ ମାତୃଭୂମି ଉପରେ ଐତିହାସିକମାନଙ୍କ ଭିତରେ ମତାନୈକ୍ୟ ଥିଲେ ମଧ୍ୟ ଅଧିକାଂଶ ସେ କଳିଙ୍ଗର ମୂଳ ବାସିନ୍ଦା ବୋଲି ମତପୋଷଣ କରନ୍ତି। ଫୁନାନ୍ ? ସାମ୍ରାଜ୍ୟସ୍ଥିତ ଏକ ପର୍ବତ ଶ୍ରେଣୀ ମହେନ୍ଦ୍ର ପର୍ବତ ଧର୍ମ ଓ ରାଜନୈତିକ ଦୃଷ୍ଟିକୋଣରୁ ସେ ସାମ୍ରାଜ୍ୟର ପ୍ରାଣକେନ୍ଦ୍ର ଥିଲା। ସେତେବେଳର ଶୈବ ଶାସକମାନେ ସେହି ଅଞ୍ଚଳରୁ ଶାସନ କରିବା ସହିତ ପର୍ବତ ଶିଖରରେ ସ୍ଥାପିତ ଶିବଲିଙ୍ଗ ସେମାନଙ୍କର ଆରାଧ୍ୟ ଦେବତା ଥିଲେ। ସେହିପରି ସେ ସମୟରେ ମହେନ୍ଦ୍ର ଗିରି କଳିଙ୍ଗ ସାମ୍ରାଜ୍ୟର ଏକ ପ୍ରମୁଖ ଏବଂ ପବିତ୍ର ଅଞ୍ଚଳ ହିସାବରେ ପରିଗଣିତ ହେଉଥିଲା ଓ ପର୍ବତ ଶିଖରରେ ସ୍ଥିତ ଗୋକର୍ଣ୍ଣେଶ୍ୱର କଳିଙ୍ଗ ରାଜାମାନଙ୍କର ଇଷ୍ଟଦେବ ଥିଲେ। ସେଠାରେ କୌଣ୍ଡିନ୍ୟ କୁଳୀନ ବ୍ରାହ୍ମଣ ବସବାସ କରୁଥିବା ତତ୍କାଳୀନ କଳିଙ୍ଗ ରାଜାମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରପଟରୁ ପ୍ରମାଣିତ ହୁଏ। ମହେନ୍ଦ୍ରଗିରି ସମୀପବର୍ତ୍ତୀ ପାଲୁର ସେ ସମୟର ଏକ ପ୍ରଖ୍ୟାତ ବନ୍ଦର ଥିଲା। ତେଣୁ ଅନୁମାନସାପେକ୍ଷ ଯେ କୌଣ୍ଡିନ୍ୟ ଓ କଳିଙ୍ଗବାସୀ ମହେନ୍ଦ୍ରଗିରି ଅଞ୍ଚଳରୁ ପାଲୁର ବନ୍ଦର ଦେଇ କମ୍ବୋଡ଼ିଆ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିଥିଲେ ଓ ପରବର୍ତ୍ତୀ କାଳରେ ତାଙ୍କର ବଂଶଧର ସ୍ଥାନୀୟ ପର୍ବତ ଶ୍ରେଣୀକୁ ମହେନ୍ଦ୍ର ପର୍ବତ ଏବଂ ତାଙ୍କ ଅଞ୍ଚଳରେ ପ୍ରଖ୍ୟାତ ମିକଙ୍ଗ୍ ? ନଦୀକୁ ମହାନଦୀ ନାମରେ ନାମିତ କରିଥିଲେ। ଖ୍ରୀ. ତୃତୀୟ ଶତାବ୍ଦୀରେ ଫୁନାନ୍ ? ଓ କଳିଙ୍ଗର ମୁରୁଣ୍ଡ ରାଜବଂଶ ମଧ୍ୟରେ ରାଜନୈତିକ ସଂପର୍କ ଥିବାର ପ୍ରମାଣ ଚୀନା ପରିବ୍ରାଜକ ସୁ-ୟୁଙ୍କ ବିବରଣୀରୁ ମିଳେ। ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ସେଠାରେ ନିର୍ମିତ ବିଶ୍ୱବିଖ୍ୟାତ ଆଙ୍ଗକୋରବଟ ମନ୍ଦିର ପରିସରର ଅନେକ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ନିର୍ମିତ। ଏଠାରେ ଖୋଦିତ ମୂର୍ତ୍ତିମାନଙ୍କର କଳିଙ୍ଗର ସମସାମୟିକ ମନ୍ଦିର ଗାତ୍ରରେ ଖୋଦିତ ମୂର୍ତ୍ତିମାନଙ୍କ ସହିତ ସମାନତା ପରିଲକ୍ଷିତ ହୁଏ।

ଖ୍ରୀ. ପ୍ରଥମ ଶତାବ୍ଦୀରେ କିଛି ସାହସୀ କଳିଙ୍ଗ ନାବିକ ତାଙ୍କର ଗତାନୁଗତିକ ସୀମାରୁ ବାହାରି ଗଭୀର ସମୁଦ୍ର ଭିତରକୁ ପ୍ରବେଶ କରି ପହଞ୍ଚିଲେ ମାଳୟ (ମାଲେସିଆ) ଓ ଜାଭା ଦ୍ୱୀପରେ ଏବଂ ସେଠାରେ ବାଣିଜ୍ୟିକ ସଂପର୍କ ସ୍ଥାପନ କରିବା ସହିତ ବସତି ମଧ୍ୟ ସ୍ଥାପନ କରିଥିଲେ। ଜାଭାର ଏକ ଲୋକୋକ୍ତି ଅନୁସାରେ କଳିଙ୍ଗରୁ ପ୍ରାୟ କୋଡ଼ିଏ ହଜାର ପରିବାର ଆସି ସେଠାରେ ବସବାସ କରିଥିଲେ। ମାଳୟର ଏକ ଦନ୍ତକଥାରେ କଳିଙ୍ଗ ବିଚିତ୍ର ନାମରେ ଜଣେ ଦୈବପୁରୁଷ ସୁନ୍ଦରୀ ନାମ୍ନୀ ଜଣେ ସ୍ଥାନୀୟ କନ୍ୟାକୁ ବିବାହ କରି ସେଠାର ରାଜା ହୋଇଥିବାର ବର୍ଣ୍ଣିତ ଅଛି। ଏ ସବୁ ପଛରେ କୌଣସି ଐତିହାସିକ ପ୍ରମାଣ ନଥିଲେ ମଧ୍ୟ ଏହି କଳିଙ୍ଗବାସୀ ପ୍ରଥମ ଭାରତୀୟ ଭାବରେ ମାଳୟ-ଇଣ୍ଡୋନେସିଆ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିବାର ସ୍ପଷ୍ଟ ସଂକେତ ଦିଏ। ସେ ସମୟରେ ମାଳୟାଦି ଦ୍ୱୀପରେ ସେମାନଙ୍କୁ କ୍ଲିଙ୍ଗ କୁହାଯାଉଥିଲା ଏବଂ ଜାଭା ନିକଟସ୍ଥ ସାଗରକୁ କଳିଙ୍ଗ ସାଗର କୁହାଯାଉଥିଲା। ଚୀନା ବିବରଣୀ ଅନୁସାରେ ସପ୍ତମ ଶତାବ୍ଦୀରେ ମଧ୍ୟ ଜାଭାରେ ହୋଲିଙ୍ଗ ନାମରେ ଏକ ସମୃଦ୍ଧ ରାଜ୍ୟ ଥିଲା। ଏହାକୁ ଆଧାର କରି ଐତିହାସିକମାନେ ଜାଭାରେ ପଞ୍ଚମରୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠିତ ଥିବାର ମତପୋଷଣ କରନ୍ତି। ପରବର୍ତ୍ତୀ କାଳରେ ଜାଭାରେ ଶାସନ କରୁଥିବା ପ୍ରଖ୍ୟାତ ଶୈଳେନ୍ଦ୍ର ବଂଶ କଳିଙ୍ଗରୁ ଆସି ସେଠାରେ ଶାସନ କରୁଥିଲେ ବୋଲି ଅନେକ ଐତିହାସିକ ମତବ୍ୟକ୍ତ କରନ୍ତି। ତାଙ୍କ ସମୟର ଶିଳାଲେଖର ବିଷୟବସ୍ତୁ ଓ ଲିପିର ସମାନତାରୁ ଏହାର ପ୍ରମାଣ ମିଳେ। ବିଖ୍ୟାତ ବୋରୋବୁଦୁର ବୌଦ୍ଧ ମନ୍ଦିର ଓ ରତ୍ନଗିରି ଏବଂ ଲଳିତଗିରି ବୁଦ୍ଧମୂର୍ତ୍ତିମାନଙ୍କ ମଧ୍ୟରେ ଅଦ୍ଭୁତ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ। ସେହିଭଳି ସେଠାର ଅଧିକାଂଶ ହିନ୍ଦୁ ମନ୍ଦିର ଉତ୍କଳୀୟ ପୀଢ଼ ଓ ଖାକର ଶୈଳୀରେ ନିର୍ମିତ ହୋଇଥିଲା। ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଲିଖିତ ବିଭିନ୍ନ ଶିଳାଲେଖରେ ଜାଭାର କଳିଙ୍ଗ ସହିତ ଥିବା ଅନ୍ତରଙ୍ଗ ସଂପର୍କ ବିଷୟରେ ଉଲ୍ଲେଖ ରହିଛି।

ପ୍ରାୟ ପ୍ରଥମ ଶତାବ୍ଦୀରେ କଳିଙ୍ଗବାସୀ ବାଲି ସହିତ ବାଣିଜ୍ୟିକ ସଂପର୍କ ସ୍ଥାପନ କରିବା ସହିତ ସେଠାରେ ବସତି ସ୍ଥାପନ କରି ଓଡ଼ିଶା ଓ ହିନ୍ଦୁ ସଂସ୍କୃତିର ପ୍ରସାର କରିଥିଲେ। ଆଜି ମଧ୍ୟ ସେଠାର ପର୍ବପର୍ବାଣି, ଖାଦ୍ୟ ଓ ଭାଷାରେ ଉତ୍କଳୀୟ ପ୍ରଭାବ ଦେଖିବାକୁ ମିଳିଥାଏ। ଏପରିକି ସେଠାରେ ଏକ ଚର୍ତୁଦ୍ଦଶ ଶତାବ୍ଦୀର ଓଡ଼ିଆ ଭାଷା ଓ ଲିପିର ଏକ ଶିଳାଲେଖ ଦେଖିବାକୁ ମିଳେ। ସେଠାର ହିନ୍ଦୁ ଓ ବୌଦ୍ଧ ମାଙ୍ଗଳିକ କାର୍ଯ୍ୟରେ ଜଗନ୍ନାଥ ନାମିତ ଏକ ଶ୍ଳୋକ "କ୍ଷମସ୍ୱ ମାଂ ଜଗନ୍ନାଥ.."ର ଆବୃତ୍ତି କରାହୁଏ। ଆଉ ମଧ୍ୟ ସେଠାରେ ସପ୍ତଗଙ୍ଗା ସହ ମହାନଦୀ ଓ ମହେନ୍ଦ୍ରତନୟାଙ୍କୁ ପବିତ୍ର ନଦୀ ହିସାବରେ ପରିଗଣିତ କରାହୁଏ। କଳିଙ୍ଗର ବାଲି ଦ୍ୱୀପ ସହ ଥିବା ସଂପର୍କ ଏବେ ବି ଓଡ଼ିଶାର ଜନମାନସକୁ ଆଚ୍ଛନ୍ନ କରି ରଖିଛି।

# ନିରୀହ ଅଥଚ ଘାତକ ସେଣ୍ଟିନେଲିଜ୍

**ମିହିର୍ ପ୍ରତାପ ଦାସ**

“ ୧୮୮୦ ମସିହାରେ ମୌରିସ୍ ପୋର୍ଟମ୍ୟାନ ନାମକ ଜଣେ ନୌ-ସୈନା ଅଧିକାରୀ ଏକ ବିଶାଳ ବାହିନୀ ନେଇ ସେଠାରେ ଓହ୍ଲାଇ ଦୁଇ ଜଣ ବୟସ୍କ ଓ ଚାରି ଜଣ ସେଣ୍ଟିନେଲିଜ୍ ବାଳକଙ୍କୁ ବଳ ପୂର୍ବକ ସାଙ୍ଗରେ ଘେନି ଆଣିଥିଲେ। ଉଦ୍ଦେଶ୍ୟ ଥିଲା, ସେମାନଙ୍କୁ ଆଧୁନିକ ସମାଜ ସହିତ ଯୋଡ଼ିବା।

୨୦୧୮ ମସିହାରେ 'ଫରବିଡେନ ଆଇଲ୍ୟାଣ୍ଡ' ନାମକ ଏକ ପୁସ୍ତକ ପ୍ରକାଶ ପାଇଲା। ତହିଁରେ ଲେଖକ ଜେରେମି ରବିନ୍‌ସ 'ସେଣ୍ଟିନେଲିଜ୍' ନାମକ ଜନଜାତି ସଂପ୍ରଦାୟ ବାବଦରେ ଲେଖିଥିଲେ। ସେମାନେ ହେଉଛନ୍ତି ଆଣ୍ଡାମାନ ଦ୍ୱୀପପୁଂଜର ଏକ ଅଂଶ ଉତ୍ତର ସେଣ୍ଟିନେଲ ଦ୍ୱୀପର ବାସିନ୍ଦା। ଜେରେମିଙ୍କ ବର୍ଣ୍ଣନା ଅନୁଯାୟୀ ପ୍ରାୟ ଅଣଷଠି ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଦ୍ୱୀପର ଅଧିବାସୀମାନଙ୍କ ଲାଗି ସମୟ ଯେମିତି ପ୍ରାଗେ ?ତିହାସିକ କାଳରୁ ହିଁ ଅଟକି ଯାଇଛି। ନୃତତ୍ତ୍ୱ ଅନୁଶୀଳନରୁ ବିଶ୍ୱାସ କରାଯାଏ ଯେ ସେମାନେ ୬୦,୦୦୦ ବର୍ଷ ପୂର୍ବରୁ ଯେମିତି ଥିଲେ, ଏବେ ବି ସେମିତି ଅପରିବର୍ତ୍ତିତ ଅବସ୍ଥାରେ ଅଛନ୍ତି। ଦେଖିବାକୁ ସେମାନେ କୃଷ୍ଣକାୟ, ଗେଡ଼ା ଏବଂ ଅତ୍ୟନ୍ତ ହିଂସ୍ର ପ୍ରକୃତିର।

ଉଲ୍ଲେଖଯୋଗ୍ୟ ଯେ ମାର୍କୋପୋଲୋଙ୍କ ୧୨୯୦ ଖ୍ରୀଷ୍ଟାବ୍ଦ କାଳୀନ ଭ୍ରମଣ ବୃତ୍ତାନ୍ତରେ ମଧ୍ୟ 'ସେଣ୍ଟିନେଲିଜ୍'ମାନଙ୍କ ସଂପର୍କରେ ସୂଚନା ରହିଛି। ତହିଁରେ ସେ ଲେଖିଥିଲେ ଯେ ସେମାନେ ଅତ୍ୟନ୍ତ ନିର୍ମମ ନରଭକ୍ଷୀ ଏବଂ ସେମାନଙ୍କ ମୁହଁର ଆକୃତି କୁକୁର ପରି। ସେ ଲେଖିଥିଲେ ଯେ ସେମାନଙ୍କର ଦ୍ୱୀପ ନିକଟ ଦେଇ ଯିବାର ଅର୍ଥ ବିପଦ ବରଣ କରିବା।

ବିଶେଷ ବିସ୍ମୟର କଥା ହେଲା, ଆଜି ପର୍ଯ୍ୟନ୍ତ ସେମାନେ ସେହି ଭଳି ହୋଇ ରହିଛନ୍ତି। ଭାରତ ସରକାର ସେଠାକୁ ଯିବା ଉପରେ ନିଷେଧାଦେଶ ଲାଗୁ କରିଛନ୍ତି। ତା' ପୂର୍ବରୁ ସେଠାକୁ ଯାଇଥିବା ବହିରାଗତଙ୍କ ମଧ୍ୟରୁ କାଁ ଭାଁ କେତେ ଜଣ ଜୀବିତ ଫେରିଛନ୍ତି। ବହିରାଗତଙ୍କୁ ସେମାନେ ସର୍ବଦା ଶତ୍ରୁ ବୋଲି ଭାବନ୍ତି ଏବଂ ଧନୁତୀର, ଢେଲା ଏବଂ ନଡ଼ିଆ ନିକ୍ଷେପ କରି ହତ୍ୟା କରନ୍ତି। ସେମାନଙ୍କୁ ଆଧୁନିକ ବିଶ୍ୱ ସହିତ ଯୋଡ଼ିବାର ସମସ୍ତ ଉଦ୍ୟମ ବିଫଳ ରହିଛି।



୧୮୮୦ ମସିହାରେ ମୌରିସ୍ ପୋର୍ଟମ୍ୟାନ ନାମକ ଜଣେ ନୌ-ସୈନା ଅଧିକାରୀ ଏକ ବିଶାଳ ବାହିନୀ ନେଇ ସେଠାରେ ଓହ୍ଲାଇ ଦୁଇ ଜଣ ବୟସ୍କ ଓ ଚାରି ଜଣ ସେଣ୍ଟିନେଲିଜ୍ ବାଳକଙ୍କୁ ବଳ ପୂର୍ବକ ସାଙ୍ଗରେ ଘେନି ଆଣିଥିଲେ। ଉଦ୍ଦେଶ୍ୟ ଥିଲା, ସେମାନଙ୍କୁ ଆଧୁନିକ ସମାଜ ସହିତ ଯୋଡ଼ିବା। କିନ୍ତୁ ସେମାନେ ମୂଳ ଭୂଖଣ୍ଡରେ ପହଞ୍ଚିବାର ଅଳ୍ପ ଦିନ ମଧ୍ୟରେ ରୋଗଗ୍ରସ୍ତ ହେଲେ ଯହିଁରେ ବୟସ୍କ ଦୁଇ ଜଣ ମୃତ୍ୟୁବରଣ କଲେ। ଏଥିରେ ବିଚଳିତ ହୋଇ ବାଳକମାନଙ୍କୁ ତୁରନ୍ତ ସେହି ଦ୍ୱୀପରେ ଛାଡ଼ି ଦିଆଗଲା। ସେମାନଙ୍କର ଅବସ୍ଥା କ'ଣ ହେଲା, ତାହା ଜଣା ନାହିଁ।

ସେଠାକୁ ଯିବାକୁ ବାହାରିଥିବା କିଛି ଦୁଃସାହସୀ ପରିବ୍ରାଜକଙ୍କ ଦୁଃଖଦ ଅନ୍ତ ପରେ ଭାରତ ସରକାର ୧୯୯୬ ମସିହା ଠାରୁ ସେଠାରେ ବାହାର ଲୋକଙ୍କ ପ୍ରବେଶକୁ ନିଷେଧ କରି ଦେଇଛନ୍ତି। ଭାରତର ନୌ-ସେନା ଦିନ ରାତି ଚବିଶ ଘଣ୍ଟା ସେଠାରେ ପହରା ଦେଉଛନ୍ତି।

୧୯୭୪ ମସିହାରେ 'ନେସନାଲ ଜିଓଗ୍ରାଫି'ର ବୃତ୍ତଚିତ୍ର ନିର୍ମାଣକାରୀ ଦଳ ସେଣ୍ଟିନେଲ ଦ୍ୱୀପର ନିକଟବର୍ତ୍ତୀ ହେବା ବେଳକୁ ସେଣ୍ଟିନିଲେଜ୍‌ମାନଙ୍କ ଦ୍ୱାରା ତୀର ବର୍ଷାର ସମ୍ମୁଖୀନ ହୋଇ ସେଠାରୁ ପ୍ରାଣ ବଞ୍ଚାଇ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ସେମିତି ୧୯୮୧ରେ ଗୋଟିଏ ଜାହାଜ ସେଣ୍ଟିନେଲ ଦ୍ୱୀପ ନିକଟରେ ଅଚଳ ହୋଇଯିବା ପରେ ସେଣ୍ଟିନେଲିଜ୍‌ମାନଙ୍କ ଆକ୍ରମଣ ଉଦ୍ୟମ ପରେ ସେଥିରେ ଥିବା ୨୮ ଜଣ କର୍ମଚାରୀଙ୍କୁ ଅଗତ୍ୟା ହେଲିକପ୍‌ଟର ଯୋଗେ ଉଦ୍ଧାର କରିବାକୁ ପଡ଼ିଥିଲା। କିନ୍ତୁ ତ୍ରିଲୋକନାଥ ପଣ୍ଡିତ ଏବଂ ମଧୁମାଳା ଚଟୋପାଧ୍ୟାୟ ନାମକ ବିଖ୍ୟାତ ନୃତତ୍ତ୍ୱ-ବିଜ୍ଞାନୀ (ଆନ୍ଥ୍ରୋପୋଲୋଜିଷ୍ଟ) ଯଥାକ୍ରମେ ୧୯୬୭ ଏବଂ ୧୯୯୧ ମସିହାରେ ସେଠାକୁ ଯାଇ ଅକ୍ଷତ ଅବସ୍ଥାରେ ଫେରିଥିବାର ଦାବି କରିଥିଲେ। ଏହି ଦୁଇ ଜଣ କୁଆଡ଼େ ସେମାନଙ୍କୁ ଉପହାର ଦେଇ ଆଂଶିକ ବିଶ୍ୱାସ ଜିଣିବାରେ ସଫଳ ହୋଇଥିଲେ। ୨୦୦୬ ମସିହାରେ ଦୁଇ ଜଣ ମାଛ ଧରାଳୀଙ୍କ ବୋଟ୍ ? ରାତିରେ ସମୁଦ୍ର ଭିତରେ ସ୍ଥିର ଭାବେ ଭାସମାନ ଥିବା ବେଳେ ଅଗତ୍ୟା ସମୁଦ୍ର ସ୍ରୋତରେ ଭାସି ସେଣ୍ଟିନେଲ ଦ୍ୱୀପ ନିକଟକୁ ଚାଲି ଆସିଥିଲା। ପର ଦିନ ସକାଳେ ସେମାନେ ସେଣ୍ଟିନେଲିଜ୍ ?ଙ୍କ ହାତରେ ମୃତ୍ୟୁ ବରଣ କରିଥିଲେ। ୨୦୧୮ ମସିହାରେ ଜନ୍ ଆଲେନ କାଓ ନାମକ ଜଣେ ଧର୍ମଯାଜକ ଏହି ଆଦିମ ଅଧିବାସୀଙ୍କ ମନରେ ନବ ଯୁଗର ସ୍ଫୁରଣ କରିବା ଲାଗି ସେଠାକୁ ଯାଇଥିଲେ। କିନ୍ତୁ ସେଣ୍ଟିନେଲିଜମାନେ କାଓଙ୍କୁ ହତ୍ୟା କରି ସେଠାରେ ପୋଡ଼ି ଦେଇଥିଲେ।

ଯଦିଓ ଏବେ ବି କେତେକ ହିଂସ୍ର ଜନଜାତି ପୃଥିବୀର ବିଭିନ୍ନ ଅଞ୍ଚଳରେ ଅଛନ୍ତି, ସବୁଠାରୁ ଅଧିକ ଘାତକ ଜନଜାତି ଭାବରେ ସେଣ୍ଟିନିଲେଜ୍‌ମାନଙ୍କୁ ହିଁ ବିଚାର କରାଯାଏ। ଏହା ପଛକୁ ରହିଛନ୍ତି କାରିବ, ଆଜଟେକ, ଅଓ, ପାପୁଆନ, ମାସକୋପିରୋ, ପାଲାଓ୍ୱାନ, ସୁରି, ୟାନାମାମି, କୁରୁବେ ଏବଂ କାରିଜ ଭଳି କେତେକ ଜନଜାତି। ଏମାନେ ବିଭିନ୍ନ ଏସୀୟ, କ୍ୟାରିବୀୟ, ଅଷ୍ଟ୍ରେଲୀୟ ଏବଂ ଲାଟିନ ଆମେରିକୀୟ ଦ୍ୱୀପରେ ଦେଖାଯାଆନ୍ତି। ଏମାନଙ୍କ ମଧ୍ୟରୁ କେତେକ ସଭ୍ୟତାର ସ୍ପର୍ଶ ପାଇଲେଣି ମଧ୍ୟ।

ସେଣ୍ଟିନେଲିଜ୍ ଭଳି ଜନଜାତିର ଲୋକେ ବାହାର ଦୁନିଆ ସହିତ ସଂପର୍କରେ ଜମାରୁ ଆସି ନ ଥିବାରୁ ସେମାନଙ୍କର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଏତେ ନିରୀହ ଅବସ୍ଥାରେ ଅଛି ଯେ ସେମାନେ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିଲେ ରୋଗଗ୍ରସ୍ତ ହୋଇ ସେମାନଙ୍କ ବଂଶ ବୁଡ଼ିଯିବାର ଆଶଙ୍କା ରହିଛି। ତେଣୁ ଭାରତ ସରକାର ସେଣ୍ଟିନେଲିଜ୍‌ମାନଙ୍କୁ ଏକ ସୁରକ୍ଷା ବଳୟ ମଧ୍ୟରେ ରଖିଛନ୍ତି। ତା' ଛଡ଼ା ସେମାନେ ଅତି ପ୍ରାଚୀନ ମନୁଷ୍ୟ ସମାଜର ଚିହ୍ନ ସ୍ୱରୂପ ବର୍ତ୍ତମାନ ବିଦ୍ୟମାନ ଅଛନ୍ତି, ଯାହା ମଧ୍ୟ କମ୍ ବଡ଼ କଥା ନୁହେଁ। ତେଣୁ ସେମାନଙ୍କ ସଯତ୍ନ ସଂରକ୍ଷଣ ମଧ୍ୟ ଜରୁରୀ।

ରାସ୍ତା ପାଲଟିଛି ମରଣଯନ୍ତା

# ନିମ୍ନମାନର ରାସ୍ତା ମରାମତି ପରେ ଅଧାରୁ କାମଠପ୍

ଫୁଲବାଣୀ: ଦୁତିମେଣ୍ଡି ଗ୍ରାମପଞ୍ଚାୟତ ସମ୍ଭେପଦର ଠାରେ ମୁଖ୍ୟ ରାସ୍ତା ଖରାପ ଥିବାରୁ ଅନେକ ଛୋଟବଡ ଦୁର୍ଘଟଣା ବାରମ୍ବାର ଘଟୁଛି । ଏହି ବାଟଦେଇ ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ, ରାଜନୈତିକ ଜନପ୍ରତିନିଧି ମଧ୍ୟ ଯାତାୟାତ କରୁଛନ୍ତି । ହେଲେ ରାସ୍ତାଟିର ସ୍ଥାୟୀ ମରାମତି ପାଇଁ ଚିନ୍ତା କରୁନଥିବା ଅଭିଯୋଗ ହୋଇଛି । କିଛି ଦିନ ତଳେ ସମ୍ଭେପଦର ଠାରେ ରାସ୍ତା ମରାମତି ଆରମ୍ଭ ହୋଇଥିବା ବେଳେ ମାତ୍ର ଗୋଟିଏ ଦିନପରେ ପୁଣି ରାସ୍ତାରୁ ପିଚୁ ଓ ବଜୁରୀ ସବୁ ଉଠିଯାଇଥିଲା । ଏନେଇ ସମ୍ଭେପଦର ଗ୍ରାମରେ ଅଭିଯୋଗ ଉଠିବା



ପରେ ପୁଣି ଠିକାଦାର ଜଣକ ଶ୍ରମିକମାନଙ୍କୁ ଲଗାଇ ରାସ୍ତାରେ ଝାଡୁମାରି ରାସ୍ତାରୁ ଉଠି ଯାଇଥିବା ପିଚୁ ବଜୁରୀ ସବୁ ଉଠାଇଥିଲେ ।

ପରେ ପୁଣି ରାସ୍ତାରେ ପିଚୁବଜୁରୀ ପକାଇ ମରାମତି କରିଥିଲେ ସୁଦ୍ଧା ତାହା ମଧ୍ୟ ନଷ୍ଟ ହେଲାଣି । ବର୍ତ୍ତମାନ ସମ୍ଭେପଦର ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଦୁଇଚକିଆ ଯାନ ଚଳାଇ ଯିବାକୁ ଭୟ ଲାଗୁଛି । ବାଇକ୍ ? ଓ ସ୍କୁଟି ଭଳି ଗାଡିରେ ଗଲାବେଳେ ବାରମ୍ବାର ଗାଡି ଖସି ଯାଉଥିବା ସହ ଟିକିଏ ଅସାବଧାନତା କିମ୍ବା ଅଧିକ ଗତିରେ ଯାଉଥିଲେ ଦୁର୍ଘଟଣା ଯେ ନିଶ୍ଚିତ ତାହା କେବଳ ଅନୁଭବି ହିଁ କହିପାରୁଛନ୍ତି । ରାସ୍ତା କାମ ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଠିକାଦାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ମଧୁଚନ୍ଦ୍ରିକା ପାଇଁ କାମ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି ।

ରାସ୍ତା କାମ ସଠିକ୍ ହେଉନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବାପରେ ବର୍ତ୍ତମାନ ଠିକାଦାର ରାସ୍ତା କାମ ବନ୍ଦ କରି ଚାଲିଯାଇଥିବା କୁହାଯାଉଛି । ତୁରନ୍ତ ସମ୍ଭେପଦର ରାସ୍ତାର ସଠିକ୍ ମରାମତି ନହେଲେ ରାଜରାସ୍ତା ବନ୍ଦ କରି ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସମ୍ଭେପଦର ଗ୍ରାମର ପ୍ରଦୀପ ସାହାଣୀ, ବିକାଶ ସେଠୀ, ସୁଶାନ୍ତ କୁମାର ସେଠୀ, ମନୋଜ ସେଠୀ, ପ୍ରଶାନ୍ତ ସେଠୀ, ପ୍ରତାପ ସେଠୀ, ଦୁର୍ବାସା ସେଠୀ, ସମୀର ପ୍ରସାଦ ଝାଙ୍କର, ଆସ୍ତିକ ମଳିକ, ଗୋଲକ ବିହାରୀ ମଳିକ, ତାପସ ଦଣ୍ଡିଆ ପ୍ରମୁଖ ସୂଚନା ଦେଇଛନ୍ତି ।

## ଅଳିଆ ଗଦା ଭିତରେ ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ

ବାଉଁଶୁଣି: ବୌଦ୍ଧ ଜିଲ୍ଲାର ସଦର ବ୍ଲକରେ ଦୁଇଟି ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଥିବାବେଳେ ସେଥିମଧ୍ୟରୁ ବାଉଁଶୁଣି ଠାରେ ଏକ କାର୍ଯ୍ୟାଳୟ ବହୁ ବର୍ଷ କାର୍ଯ୍ୟ କରି ଆସୁଛି। ହେଲେ ଏଠାରେ ଥିବା କାର୍ଯ୍ୟାଳୟଟି ବହୁ ଦିନ ହେଲା ରକ୍ଷଣାବେକ୍ଷଣ ଅଭାବ କାରଣରୁ ବ୍ୟବହାର ଉପଯୋଗୀ ନହୋଇ ବର୍ତ୍ତମାନ ଭୁତକୋଠିରେ ପରିଣତ ହୋଇଛି। ବାଉଁଶୁଣି, ବହିରା ଗୋଛାପଡା, ଗୁନ୍ଦୁଳିଆ, ମନୁପାଲି, ଦହ୍ୟା ଆଦି ପ୍ରାୟ ୧୨ଟି ପଞ୍ଚାୟତର ଚାଷୀମାନେ ଏଠାରେ ଅବସ୍ଥାପିତ ଅଧିକାରୀଙ୍କ ଠାରୁ ବିହନ, କୀଟନାଶକ ଓ ବିଭିନ୍ନ ଚାଷ ପାଇଁ କୃଷି ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରି ଉପକୃତ ହେଉଥିଲେ। କିନ୍ତୁ ଏଠାକୁ ଏବେ କୌଣସି ଅଧିକାରୀ ଆସୁନଥିବା ଓ ଅଫିସଟି ବ୍ୟବହାର ହେଉନଥିବାରୁ କାର୍ଯ୍ୟାଳୟର ଚାରିପାଖରେ ଅଳିଆ ଆବର୍ଜନା ସବୁ ଗଦା ହୋଇ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। କିଛି ବର୍ଷ ପୂର୍ବରୁ ଏଠାରୁ ଜଣେ ସହକାରୀ କୃଷି ଅଧିକାରୀଙ୍କ ଅବସର ଗ୍ରହଣ ପରେ ସରକାର ଏଠାରେ ଆଉ ନୂତନ ଅଧିକାରୀଙ୍କୁ ଅବସ୍ଥାପିତ କରିଲେ ନାହିଁ। ଫଳରେ ଏହି ଗୃହଟି ଅଦରକାରୀ ବସ୍ତୁ ଭଳି ପଡିରହି ଏଭଳି ଅବସ୍ଥା ହୋଇଛି ବୋଲି ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀ ମାନଙ୍କ ହିତ ଓ ସୁବିଧା ଦୃଷ୍ଟିରୁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏଠାରେ ଜଣେ ସହକାରୀ କୃଷି ଅଧିକାରୀଙ୍କୁ ଅବସ୍ଥାପିତ କରାଯିବା ସହ କାର୍ଯ୍ୟାଳୟର ମରାମତି କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ଗରିବୀ ସାଜୁଛି ପାଠ ପଢ଼ାରେ ବାଧକ

ମୋହନା: କାଞ୍ଚନ ପାଇକ ବାହା ହୋଇଥିଲେ ୨୦୧୫ ମସିହାରେ ରମେଶ ପାଇକଙ୍କୁ। ମାତ୍ର ବିବାହର ଦେଢବର୍ଷ ନପୂରୁଣୁ ରମେଶ ଆଉ ଗୋଟେ ଝିଅକୁ ନେଇ ଚାଲିଗଲାଙ୍କ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବିରିକୋଟ ଗ୍ରାମରେ। ବିରିକୋଟ ଗ୍ରାମର କାଞ୍ଚନ ପାଇକ ଗଞ୍ଜାମ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ



ଟିକରପଡା ଗ୍ରାମ ରମେଶ ପାଇକଙ୍କୁ ୨୦୧୫ ମସିହାରେ ବିବାହ କରିଥିଲେ। କିନ୍ତୁ ବିବାହର ମାତ୍ର ୧୫ ଦିନ ପରେ ସ୍ୱାମୀ ରମେଶ ସ୍ତ୍ରୀ କାଞ୍ଚନକୁ ମାର୍ ପିଟ୍ କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ।

ସ୍ୱାମୀ ଆଉ ଗୋଟେ ଝିଅକୁ ସାଙ୍ଗରେ ନେଇ କୁଆଡେ ଚାଲିଯିବା ପରେ ନିଜର ୪ ମାସର ଶିଶୁ ପୁତ୍ରକୁ ଧରି କାଞ୍ଚନ ଫେରିଥିଲେ ନିଜ ଗ୍ରାମ ବିରିକୋଟକୁ। ହେଲେ ବାପାମା ଛେଉଣ୍ଡ କାଞ୍ଚନ ନିଜ ବଡ଼ ଭାଇ ଓ ଭାଉଜର ଆଶ୍ରୟ ଲୋଡ଼ିଥିଲେ। ହେଲେ ଭାଇ ସାହାଯ୍ୟ ନକରିବାରୁ ଶେଷରେ ଗ୍ରାମର ଏକ ଅଙ୍ଗନୱାଡ଼ି ଦିଦିଙ୍କ ଘରର ବାରି ପଟରେ ଏକ ଜରିପାଲ ପକାଇ ନିଜ ପୁଅକୁ ଧରି ରହୁଛନ୍ତି କାଞ୍ଚନ। କୁଲି କାମ କରି ଦୁଃଖରେ ନିଜ ୭ ବର୍ଷର ପୁଅକୁ ପୋଷିବା ସହିତ ନିଜେ ବି ଚଳୁଛନ୍ତି କାଞ୍ଚନ। ଏପଟେ ପୁଅର ପାଠ ପଢ଼ିବାକୁ ମନ କିନ୍ତୁ ଅତ୍ୟନ୍ତ ଗରୀବ ହୋଇଥିବାରୁ କୁନି ପୁଅର ଆଶାକୁ ପୂରଣ କରିପାରୁ ନାହାନ୍ତି।

ସରକାରୀ ସହାୟତା କିଛି ବି ମିଳିନି କାଞ୍ଚନ ଓ ତାଙ୍କ ପୁଅକୁ। ଏପରିକି ଘର ଖଣ୍ଡେ ନଥିବାରୁ ଅନ୍ୟ ଜଣକ ବାରିପଟରେ ରହୁଛନ୍ତି କାଞ୍ଚନ। ଯଦି ସରକାରୀ ସହାୟତା ମିଳନ୍ତା ତେବେ କାଞ୍ଚନ ଓ ତାଙ୍କ ପୁଅ ଭଲରେ ଚଳି ପାରନ୍ତେ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା।

## ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଅଗ୍ନି-୫ କ୍ଷେପଣାସ୍ତ୍ର

**ଧାମରା:** ଭାରତୀୟ ପ୍ରତିରକ୍ଷା ଓ ଗବେଷଣା ଉନ୍ନୟନ ସଂସ୍ଥା (ଡିଆରଡିଓ) ପକ୍ଷରୁ ଆଜି ସନ୍ଧ୍ୟା ୫.୪୫ମିନିଟ ସମୟରେ ଅଗ୍ନି-୫କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ସୁଦୀର୍ଘ ଚାଇନା ଏବଂ ରୁଷିଆକୁ ଲକ୍ଷ୍ୟଭେଦ କରିପାରୁଥିବା ଏବଂ ଚାଇନାର ଡଙ୍ଗପେଙ୍ଗ କ୍ଷେପଣାସ୍ତ୍ରକୁ ଟକ୍କର ଦେବା ଭଳି ଏହି ଅଗ୍ନି -୫ କ୍ଷେପଣାସ୍ତ୍ର ୫୦୦୦କିଲୋମିଟର ଲକ୍ଷ୍ୟଭେଦ କରିପାରିବ ବୋଲି ଡିଆରଡିଓ କର୍ତ୍ତୃପକ୍ଷ କହୁଥିବା ବେଳେ ଏହାର ପ୍ରକୃତ ଲକ୍ଷ୍ୟଭେଦ ୫ହଜାର ମାଇଲ ଅର୍ଥାତ ୮ହଜାର କିଲୋମିଟର ବୋଲି ବହୁ ବୈଜ୍ଞାନିକ ମତ ପ୍ରକାଶ କରିଛନ୍ତି। ଏହି କ୍ଷେପଣାସ୍ତ୍ରଟି ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହି କ୍ଷେପଣାସ୍ତ୍ର ୫୦କୋଟି ଟଙ୍କାବ୍ୟୟ ଅଟକଳରେ ନିର୍ମାଣ



କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ଲମ୍ବ ୧୭ମିଟର, ମୋଟେଇ ୨ମିଟର, ଓଜନ ୫୦ଟନ ହୋଇଥିବା ବେଳେ ଏହା ୧.୧ଟନ ଓଜନର ପାରମ୍ପରିକ କିମ୍ବା ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ହାସଲ କରିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ୩ଷ୍ଟେଜ ବିଶିଷ୍ଟ କଠିନ ଇନ୍ଧନ ଯୁକ୍ତ। ପ୍ରଥମ ଷ୍ଟେଜ ନିଆଁ ଧରିବାର ୬୦ସେକେଣ୍ଡ ମଧ୍ୟରେ ଦ୍ୱିତୀୟ ଷ୍ଟେଜ ଏବଂ ୧୮୦ସେକେଣ୍ଡ ମଧ୍ୟରେ ତୃତୀୟ ଷ୍ଟେଜ କଠିନ ଇନ୍ଧନ ନିଆଁ ଧରିଥାଏ। ଆଜି ଏହି କ୍ଷେପଣାସ୍ତ୍ର ସନ୍ଧ୍ୟା ୫.୪୫ ମିନିଟରେ ପରୀକ୍ଷଣ ହୋଇଥିବା ବେଳେ ଏହି ଅଗ୍ନି-୫ କ୍ଷେପଣାସ୍ତ୍ର ଚାଇନା, ରୁଷିଆ, ମସ୍କୋ, ଆଥେନ୍ସ, କାଇରା,ତେହେରାନ,ବେଜିଂ, ହଂଗକଂଗ,ବ୍ୟାଙ୍ଗକ, ଜାକର୍ତା ଏବଂ ଟୋକିଓକୁ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ଅଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆଜି ଏହା ଧାମରା ଠାରେ ଥିବା କଲାମ ଘାଟିରୁ ୪ନଂ ଲଞ୍ଚପ୍ୟାଡରୁ କରାଯାଇଥିଲା। ଏହା ରୋଡ ଏବଂ ରେଳ ଲଞ୍ଚପ୍ୟାଡରୁ ମୋବାଇଲ ଲଞ୍ଚର ଯୋଗେ ପରୀକ୍ଷଣ କରାଯାଇ ପାରିବ।

ଏହି ଅଗ୍ନି -୫କ୍ଷେପଣାସ୍ତ୍ର ଆଜି ତାର ୮ମ ସଂସ୍କରଣ ପରୀକ୍ଷା କରାଯାଇଥିଲା। ଏହାର ପ୍ରଥମ ପରୀକ୍ଷା ୧୯ଏପ୍ରିଲ ୨୦୧୨, ଦ୍ୱିତୀୟ ପରୀକ୍ଷଣ ୧୫ ସେପ୍ଟମ୍ବର ୨୦୧୩, ତୃତୀୟ ପରୀକ୍ଷଣ ୩୧ ଜାନୁଆରୀ ୨୦୧୫ ଏବଂ ୪ର୍ଥ ପରୀକ୍ଷଣ ୨୬ ଡିସେମ୍ବର ୨୦୧୬ରେ ଏବଂ ୫ମ ପରୀକ୍ଷଣ ୧୮ ଜାନୁଆରୀ ୨୦୧୮ ରେ, ୬ଷ୍ଠ ପରୀକ୍ଷଣ ୩ଜୁନ ୨୦୧୮ରେ ଏବଂ ଏହାର ଶେଷ ସଂସ୍କରଣ ୧୦ ଡିସେମ୍ବର ୨୦୧୮ ମସିହାରେ ସଫଳତାର ସହ ହୋଇଥିଲା। ଏହାର ୟୁଜର୍ସ ଟ୍ରାଏଲ ଭର୍ସନର ପରୀକ୍ଷଣ ୨୭ ଅକ୍ଟୋବର୨୦୨୧ ମସିହାରେ ହୋଇଥିଲା। ବୋଲି ପ୍ରତିରକ୍ଷା ବିଭାଗ ସୂଚନା ପ୍ରଦାନ କରିଛନ୍ତି।

## ଅସହାୟ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କଲା ଜିଲା ବିକାଶ ମଂଚ

ଦେବଗଡ଼ : ବାରକୋଟ ବ୍ଲକ ଝରାକଣ୍ଢଳ ଗ୍ରାମ ପଂଚାୟତରେ ରହି ଗାଇ ଚରାଉଥିବା ଗୋବିନ୍ଦ ମୁଣ୍ଡା(୫୦) ନାମକ ଜଣେ ଅସହାୟ ବ୍ୟକ୍ତିଙ୍କର ଗତକାଲି ମୃତ୍ୟୁ ଘଟିଥିଲା। ମାତ୍ର ତାଙ୍କର ଘର ଏବଂ ସଠିକ ପରିଚୟ ପରିଚୟ ନମିଳିବା ଏବଂ କୌଣସି



ଦାବୀଦାର ନଥିବାରୁ ପୁଲିସ ମୃତଦେହକୁ ଜିଲା ମୂଖ୍ୟ ଚିକିତ୍ସାଳୟର ଶବାଗାରରେ ରଖିଥିଲା। ଏକଥା ଜାଣିବାପରେ ସ୍ଥାନୀୟ ଦେବଗଡ ଜିଲା ବିକାଶ ମଂଚର ସଦସ୍ୟ ମାନେ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସ୍ୱଇଚ୍ଛାରେ ଆଗେଇ ଆସିଥିଲେ ଓ ବିକାଶ ମଂଚର ସୁଧିର କୁମାର ବ୍ରହ୍ମାଙ୍କ ତତ୍ୱାବଧାନରେ ସ୍ଥାନୀୟ ପ୍ରଧାନପାଟ ସ୍ଥିତ ସ୍ୱର୍ଗଦ୍ୱାରରେ ହିନ୍ଦୁ ରୀତି ନୀତିରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ ଦେବଗଡ ଜିଲା ବିକାଶ ମଂଚର ଦୟାଶଙ୍କର ଦ୍ୱିବେଦୀ, ସୁମନ୍ତ ଭୋଜ, ପିଙ୍କୁ ଝାଙ୍କର, ଦିଲ୍ଲିପ ମୁଖି, ରଞ୍ଜିତ ମୁଖି, ବଳରାମ ରଣଜିତ ଓ ବଇଲର ପାତ୍ର ପ୍ରମୁଖ ସହାୟତା କରିଥିଲେ। ସୂଚନା ଯୋଗ୍ୟ ଯେ, ଗୋବିନ୍ଦ କିଛି ବର୍ଷ ପୂର୍ବେ ଝରାକଣ୍ଢଳ ଗ୍ରାମକୁ ଆସି ଗାଇ ଚରାଇବା ସହ ଯିଏ ଯାହା ଦେଲେ ଖାଉଥିଲେ ଓ ୟା' ତା' ପିଣ୍ଡାରେ ଶୋଇପଡୁ ଥିଲେ। ଗତକାଲି ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ପୁଲିସ ତାଙ୍କର ମୃତଦେହ ଜବତ କରିଥିଲେ , ତାଙ୍କର ସଠିକ ପରିଚୟ ମିଳିନଥିଲା। ସେହିପରି କୌଣସି ସମ୍ପର୍କୀୟ କିମ୍ବା ଦାବୀଦାର ନଥିବାରୁ ଶବ ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପତ୍ର ମାଧ୍ୟମରେ ଦେବଗଡ ପୌର ପରିଷଦର ସହାୟତା ଲୋଡିଥିଲା। ତେବେ ସୂଚନା ପାଇ ଦେବଗଡ ଜିଲା ବିକାଶ ମଂଚର ସଦସ୍ୟ ମାନେ ଅନ୍ତିମ ସଂସ୍କାର ପାଇଁ ଆଗେଇ ଆସିଥିଲେ। ବିକାଶ ମଂଚର ଏଭଳି କାର୍ଯ୍ୟକୁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ସ୍କୁଲ୍ ପଡ଼ିଆର ସୁରକ୍ଷା ପାଇଁ ଚିଠି ଲେଖିଲେ ଶ୍ରାବଣୀ

ଫୁଲବାଣୀ: ଯେଉଁ ପଡିଆରେ ଦିନେ ଦୌଡିବା ଶିଖିଥିଲେ ଓଡିଶାର ଦୌଡରାଣୀ ଶ୍ରାବଣୀ ନନ୍ଦ, ଯେଉଁଠି ନିଜର କୁନି କୁନି ପାଦ ଥାପି କ୍ରୀଡା ଜୀବନର ଯାତ୍ରା ଆରମ୍ଭ କରି ବ୍ରାଜିଲ ଅଲିମ୍ପିକରେ ପହଞ୍ଚି ପାରିଥିଲେ, ସେହି ପଡିଆର ଦୂରବସ୍ଥା ଦେଖି ଭାଙ୍ଗି ପଡିଛନ୍ତି ଅଲିମ୍ପିଆନ ଶ୍ରାବଣୀ। କନ୍ଧମାଳ ଜିଲ୍ଲାର ଅତି ପୁରାତନ ତଥା ଐତିହ୍ୟ ସମ୍ପନ୍ନ ଏଜେଓ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ ଆଜି ମ୍ୟୁନିସିପାଲିଟିର ମାଛ ବଜାରରେ ପରିଣତ ହୋଇଛି। ପୌର ପରିଷଦ ସହର ବାହାରେ ଏକ ଆମିଷ ମାର୍କେଟ ନିର୍ମାଣ କରି ଆମିଷ ବେପାରୀ ମାନଙ୍କୁ ସେଠାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଯିବାକୁ ନାରାଜ। ପୌର ପ୍ରଶାସନ ବି ସେମାନଙ୍କ ଜିଦ ଆଗରେ ହାର ମାନିଛି। ଫଳରେ ସଂପୃକ୍ତ ଖେଳ ପଡିଆ ଏବେ ପୂତି ଗନ୍ଧମୟ ହୋଇ ଖେଳ ପାଇଁ ଅନୁପଯୋଗୀ ହୋଇ ପଡିଛି। ଏଥିସହ ବର୍ଷ ସାରା ସଭା ସମିତିଠାରୁ ଆରମ୍ଭ କରି ନାଟ ଯାତ୍ରା ପାଇଁ ବ୍ୟବହାର ହେଉଛି ଏହି ପଡିଆ। ରାଜନୈତିକ ଦଳ ମାନଙ୍କ ରାଲିରେ କର୍ମୀଙ୍କ ଭୋଜନାଳୟରେ ପରିଣତ ହେଉଛି ଏଜେଓ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏହି ପଡିଆର ମାଲିକାନା ନେଇ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗ ଭିତରେ ଅନେକ ଦିନରୁ ବିବାଦ ଲାଗି ରହିଛି, ଯାହାର ମଧ୍ୟ କୌଣସି ସମାଧାନ ବାହାରି ପାରୁ ନାହିଁ। ଦୀର୍ଘ ଦିନରୁ ଏହି ପଡିଆଟି ହାଇସ୍କୁଲ ପଡିଆ ଭାବେ ପରିଚିତ ଥିବା ବେଳେ କିଛି ବର୍ଷ ତଳେ ଏହା ଉପରେ ରାଜସ୍ୱ ବିଭାଗ ନିଜର ମାଲିକାନା ଜାହିର କରିଥିଲା। ଏସବୁ ଭିତରେ ପଡିଆଟିର ଦାୟିତ୍ୱ କେହି ନେଉ ନାହାନ୍ତି। ଫଳରେ ଦିନକୁ ଦିନ ଏହାର ଅବସ୍ଥା ଶୋଚନୀୟ ହେବାକୁ ଲାଗିଛି। ଅଲିମ୍ପିଆନ ଶ୍ରାବଣୀ ଗତ କିଛି ଦିନ ତଳେ ଫୁଲ୍ବାଣୀ ଆସିଥିବା ବେଳେ ଏହି ପଡିଆର ସ୍ଥିତି ଦେଖି ଭାବବିହ୍ୱଳ ହୋଇ ପଡିବା ସହ କ୍ଷୋଭ ପ୍ରକାଶ କରିଥିଲେ। ଏବେ ଏହାର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ କନ୍ଧମାଳ ଜିଲାପାଳଙ୍କୁ ପତ୍ର ଲେଖି ଅନୁରୋଧ ଜଣାଇଛନ୍ତି ଶ୍ରାବଣୀ। ନିଜର ସ୍ମୃତିଚାରଣ କରି ଶ୍ରାବଣୀ ଲେଖିଛନ୍ତି, ୧୯୯୬ ମସିହାରେ ମୁଁ ସତ୍ୟସାଇ ବିଦ୍ୟାଳୟରେ ପଢୁଥିବା ବେଳେ ଶିଶୁ କ୍ରିଡା ଉତ୍ସବରେ ଏହି ପଡିଆରେ ଦୌଡ଼ି ଜୀବନର ପ୍ରଥମ ପଦକ ଲାଭ କରିଥିଲି। ତେଣୁ ଏହା ମୋ ଖେଳ ଜୀବନର ଏନ୍ତୁଡିଶାଳ। ଆଜି ଏହାର ଦୂରବସ୍ଥା ଦେଖି ମୁଁ ମର୍ମାହତ। ତେଣୁ ଏହାର ସୁରକ୍ଷା ଓ ପୁନରୁଦ୍ଧାର କରି ପଡିଆକୁ କ୍ରୀଡା ଉପଯୋଗୀ କରିବା ଜଣେ ଅଲିମ୍ପିଆନଙ୍କ ସ୍ମୃତିର ସନ୍ତକୁ ଉଜ୍ଜିବିତ କରି ରଖିବା ପାଇଁ ଶ୍ରାବଣୀ ଜିଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କୁ ନିବେଦନ କରିଛନ୍ତି।

## ଧାମରା-ପାରାଦ୍ୱୀପ ୨୩୩ କିମି ଜଳପଥକୁ ଜାତୀୟ ଜଳମାର୍ଗ ମାନ୍ୟତା

ଭୁବନେଶ୍ୱର: ଧାମରା-ପାରାଦ୍ୱୀପ ୨୩୩ କିମି ଦୀର୍ଘ ଜଳପଥକୁ ଜାତୀୟ ଜଳପଥ ମାନ୍ୟତା ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଛି।

ଦେଶର ଆଭ୍ୟନ୍ତରୀଣ ଜଳ ପରିବହନ(ଆଇଡବ୍ଲ୍ୟୁଟି)କୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଜଳପଥ ଅଧିନିୟମ-୨୦୧୬ ଅନୁଯାୟୀ ୧୦୬ଟି ନୂତନ ଜଳପଥ ସମେତ ୧୧୧ ଜଳପଥ ଗୁଡିକୁ ଜାତୀୟ ଜଳପଥ ଭାବେ ଘୋଷିତ ହୋଇଛି। ଏହାମଧ୍ୟରେ ଓଡ଼ିଶାର ଧାମରା-ପାରାଦ୍ୱୀପ ଭାୟା ମଙ୍ଗଳାଗଡିରୁ ପଙ୍କପାଳ ଜଳପଥ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଜାତୀୟ ଜଳପଥର ଦୈର୍ଘ୍ୟ ୨୩୩ କିଲୋମିଟର ରହିଛି। ଯାହା ଓଡ଼ିଶାକୁ ନୌ-ପରିବହନ କ୍ଷେତ୍ରରେ ବେଶ ସହାୟକ ହୋଇପାରିବ।

ପର୍ଯ୍ୟାବରଣ ଅନୁକୂଳ ଏବଂ ପରିବହନ ସୁଲଭ ସାଧନ ଭାବରେ ଆଭ୍ୟନ୍ତରୀଣ ଜଳପଥକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଜଳପଥରେ ଚାଲୁଥିବା ଜାହାଜ ଗୁଡିକ ଉପରେ ଆଇଡବ୍ଲ୍ୟୁଏଆଇ ଦ୍ୱାରା ଲଗା ଯାଇଥିବା ଜଳପଥ ଉପଯୋଗ ଶୁଳ୍କକୁ ଜୁଲାଇ ୨୦୨୦ ପ୍ରାରମ୍ଭରେ ତିନିବର୍ଷ ଅବଧି ପାଇଁ ଛାଡ କରି ଦିଆଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଲୋକସଭାକୁ ଲିଖିତ ଉତ୍ତରରେ ସୂଚନା ଦେଇଥିବା ଜଣାପଡିଛି।

## ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପଢିବାକୁ ହେବ

ଭୁବନେଶ୍ୱର: ଏଣିକି ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପଢିବାକୁ ପଡିବ। ଏନେଇ ୟୁଜିସି ପକ୍ଷରୁ ଚିଠା ପ୍ରସ୍ତାବ ରଖାଯାଇଛି। ଏ ସମ୍ପର୍କରେ ଆସନ୍ତା ସୋମବାର ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇପାରେ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାର ସଂସ୍କାର ପାଇଁ ବିଭିନ୍ନ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଉଛି। ତେଣୁ ଛାତ୍ରଛାତ୍ରୀମାନେ ଏଣିକି ତିନି ବର୍ଷ ନୁହେଁ, ଚାରିବର୍ଷ ପଢିବା ପରେ ସ୍ନାତକରେ ଅନର୍ସ ଡିଗ୍ରୀ ପାଇବେ।

ସ୍ନାତକ ଡିଗ୍ରୀ ସାର୍ଟିଫିକେଟ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢିବାକୁ ପଡିବ। ସେପଟେ ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପଢିବାକୁ ପଡିବ ବୋଲି ୟୁଜିସି ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ଏବେ ତିନିବର୍ଷିଆ ସ୍ନାତକ ଡିଗ୍ରୀ ପାଇଁ ନାମ ଲେଖାଇଛନ୍ତି ସେମାନେ ମଧ୍ୟ ଚାରିବର୍ଷିଆ ସ୍ନାତକ ଡିଗ୍ରୀ ପଢିପାରିବେ ବୋଲି ୟୁଜିସି ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ସ୍ନାତକରେ ଏକ ବର୍ଷ ସମ୍ପୂର୍ଣ୍ଣ ହେବାପରେ ବର୍ଷିକିଆ ସାର୍ଟିଫିକେଟ ମିଳିବ।

ସେହିପରି ଦୁଇ ବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ ଦିଆଯିବ। ତିନିବର୍ଷିଆ ସ୍ନାତକ ଡିଗ୍ରୀ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇବର୍ଷିଆ ପିଜି ପାଠ୍ୟକ୍ରମ ରହିବ। ଅନ୍ୟପକ୍ଷରେ ୪ବର୍ଷରେ ଅନର୍ସ ଡିଗ୍ରୀ ସାରିଥିବା ଛାତ୍ରଛାତ୍ରୀମାନ ପାଇଁ ପିଜି ପାଠ୍ୟକ୍ରମ ଏକ ବର୍ଷ ରହିବ ବୋଲି ପ୍ରସ୍ତାବ ରହିଛି।

## ବନ ସଂରକ୍ଷଣ ସମିତି ଗୃହ ବାରଣ୍ଡାରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ

**କଲ୍ୟାଣସିଂହପୁର:** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତର କୁରାଡ଼ି ପ୍ରାଥମିକ ବିଦ୍ୟାଳୟଟି ବନ ସଂରକ୍ଷଣ ସମିତି ଗୃହରେ ଚାଲିଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟଟି ୨୦୧୪ ମସିହାରେ ଶୁଭାରମ୍ଭ କରାଯାଇଛି ।ପ୍ରଥମେ ଗଛମୂଳେ ପାଠ ପଢା ଯାଉଥିଲା । ଖରାବର୍ଷାରେ ଗଛମୂଳେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାରେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏହା ଦେଖି ଗ୍ରାମବାସୀ ପିଲାଙ୍କ ସୁବିଧା ପାଇ ଗ୍ରାମରେ ଏକ ଘରେ କିଛିଦିନ ଧରି ପାଠ ପଢା ଆରମ୍ଭ କରିଥିଲେ ।ସେହିଠାରେ ମଧ୍ୟ ଅସୁବିଧା ହେବା ଯୋଗୁଁ ବର୍ତ୍ତମାନ ବନ ସଂରକ୍ଷଣ ସମିତି କାର୍ଯ୍ୟାଳୟର ବାରଣ୍ଡାରେ ଛାତ୍ରଛାତ୍ରୀଙ୍କୁ ବସାଇ ଶିକ୍ଷାଦାନ ଦିଆଯାଉଛି।

ଏହି କାର୍ଯ୍ୟାଳୟର ବାରଣ୍ଡାରେ ୨୦୧୯ମସିହା ଠାରୁ ପାଠ ପଢା ଚାଲିଛି । ଉକ୍ତ କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ଖୋଲା



ରହିଥିବା ଯୋଗୁଁ ବର୍ଷା ଦିନ ବର୍ଷା ପାଣି ଛିଟା ମାରୁଥିବା ରୁ ଛାତ୍ରଛାତ୍ରୀ ମାନେ ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରା ଓ ଶୀତରେ ମଧ ବସି ପାଠ ପଢିବା କଷ୍ଟକର ହୋଇପଡିଛି । ଯଦି ଗ୍ରାମରେ ଖଣ୍ଡିଏ ବିଦ୍ୟାଳୟ କୋଠା ନିର୍ମାଣ କରା ନ ଗଲେ ତାହା ହେଲେ ପିଲାମାନଙ୍କୁ ବିଦ୍ୟାଳୟକୁ ନ ଛାଡି ନିଜ ଘର କାମରେ ସହଯୋଗ କରିବେ । ପିଲାଙ୍କ ପାଠ ପଢିବା ପାଇଁ ନିକଟସ୍ଥ ରେ ଥିବା ନିମାଝୋଲା ବିଦ୍ୟାଳୟକୁ ଛାଡ଼ିବାକୁ ଭୟ କରୁଛୁ । କାରଣ କୁରାଡ଼ି ଠାରୁ ନିମାଝୋଲା ପ୍ରାୟ ୩ କିମି ଦୂର । ବାଟରେ ରାସ୍ତାକୁ ଲାଗିଏକ ପୋଖରୀ ରହିଛି ତାହାରି ଭୟରେ ଛାଡୁ ନାହୁଁ ବୋଲି ବିଦ୍ୟାଳୟର ପରିଚାଳନା ସଭାପତି ଅନ୍ତରାଓ କାଡ୍ରାକା,ରାମୟା ଉର୍ଲାକା, ରବିଉର୍ଲାକା, ଲକ୍ଷ୍ମୀକାଡ୍ରାକା, ପରୀକାଡ୍ରାକା, ଜନାଇ କାଡ୍ରାକା ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ବିଷୟକୁ ନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହ ଲିଖିତ ଅଭିଯୋଗ କରାଯାଇଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷା ଚିତ୍ତରଞ୍ଜନ ରାଉତରାୟ କହିଛନ୍ତି । ଏବିଷୟରେ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ରମେଶ ବିଡିକାଙ୍କୁ ପଚାରିବାରୁ ସେ କହିଲେ ଗତ ଜୁଲାଇ ମାସରେ କେଉଁ ଠାରେ ବିଦ୍ୟାଳୟ ନାହିଁ ଓ କେଉଁଠି ବିଦ୍ୟୁତ ନାହିଁ ବୋଲି ବି ଆର ସି ସି ଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରାଯାଇଛି । ସେହି ଠାରୁ ଅନୁମତି ମିଳିଲେ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି କହିଛନ୍ତି ।

### ବଡ଼ଗାଁରେ ବଡ଼ ସମସ୍ୟା

# ଗୁହାରୀ ଶୁଣୁନି ପ୍ରଶାସନ, ଭୋଟବର୍ଜନ ଚେତାବନୀ

**ମୋହନା:** ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର ଓ ବଦ୍ଧପରିକର । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ହୁଏ ଜନ ଅଭିଯୋଗ ଶୁଣାଣୀ । ହେଲେ ମୌଳିକ ସୁବିଧା ପାଇବା ପାଇଁ ଲୋକେ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ୍ୟ ପ୍ରଶାସନ କାହିଁକି ନିଦାବିଷ୍ଟ ? ବୃଦ୍ଧି ପାଉଛି ଜନ ଅସନ୍ତୋଷ । ଭୋଟ ବର୍ଜନ ପାଇଁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଗୋଟିଏ ପଟେ ମରାମତି ବିହୀନ ରାସ୍ତା । ଅନ୍ୟପଟେ ପାନୀୟ ଜଳର ଅବ୍ୟବସ୍ଥା । ପାହାଡ଼ିଆ ରାସ୍ତା । ରାସ୍ତାର ଅବସ୍ଥା ଏମିତି ଯେ, ଚାଲି ଚାଲି ଯିବା ବି କଷ୍ଟକର । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଲାଣି । ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇ ବଡ଼ ବଡ଼ ପଥର ଦେଖାଗଲାଣି । ତଳେ ଗହୀର ନାଳ ଉପରେ ବିପଜ୍ଜନକ ରାସ୍ତା । ସୁରକ୍ଷା ପାଚେରୀ ନାହିଁ । ତଥାପି ଏମିତି ରାସ୍ତାରେ ଲୋକେ ଜୀବନକୁ ବାଜି ଲଗାଇ ବାଇକ ଏବଂ ଅଟୋରେ ଦୈନନ୍ଦିନ ଗମନାଗମନ କରୁଛନ୍ତି । ଟିକିଏ ଅସାବଧାନ ହେଲେ ଗାଡ଼ି ସହ ମଣିଷ ଗହୀର ପଥୁରିଆ ନାଳକୁ ଖସିଯିବାର ରହିଛି ଯଥେଷ୍ଟ ସମ୍ଭାବନା । ଏହା ହେଉଛି ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରିଠାରୁ ବଡ଼ଗାଁକୁ ସଂଯୋଗ କରୁଥିବା ପ୍ରାୟ ୧୨ କିମି ମରଣଯନ୍ତା ପାଲଟିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଓ



ବଡ଼ଗାଁ ବି.ନାୟକ ସାହିର ପାନୀୟଜଳ ଯୋଗାଣ ଅବ୍ୟବସ୍ଥାର ବିକଳ ଚିତ୍ର । ଏହି ରାସ୍ତାକୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୧କୋଟି ୧୩ ଲକ୍ଷ ୧୨ ହଜାର ଟଙ୍କା ଖର୍ଚ୍ଚରେ ୨୦୧୫ ମସିହାରେ ଠିକାଦାର ବୃନ୍ଦାବନ ସାହୁଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରି ୨୦୧୬ ମସିହାରେ ଶେଷ କରିଥିଲେ । ରାସ୍ତା କାର୍ଯ୍ୟ ସମାପ୍ତର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରକ୍ଷଣାବେକ୍ଷଣ ଅଭାବ ଓ ତିତଲି ମହାବାତ୍ୟା ପ୍ରଭାବରେ ରାସ୍ତା ବର୍ତ୍ତମାନ ପାଲଟିଛି ମରଣଯନ୍ତା । ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ଗାଁର ରାସ୍ତା ପୁନରୁଦ୍ଧାର କରିବାକୁ ଯେମିତି ଭୁଲି ଯାଇଛନ୍ତି । ଏହି ରାସ୍ତା ମରାମତି ପାଇଁ ନେତା ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ବାରମ୍ବାର ଅଭିଯୋଗ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି ଗ୍ରାମବାସୀ ।

ଅନ୍ୟପଟେ ଏହି ଗାଁରେ ୧୫୦ ପରିବାରର ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିଲେ ମଧ୍ୟ ଅନେକ ସାହିକୁ ଭଲ ରାସ୍ତାଘାଟ ନିର୍ମାଣ ହୋଇନଥିବା ବେଳେ ଗାଁରେ ପହଞ୍ଚି ପାରିନି ବସୁଧା ପାନୀୟ ଜଳ ଯୋଗାଣ । ତେଣୁ ମହିଳାମାନେ ପଥୁରିଆ ରାସ୍ତା ଦେଇ ଗାଁ ନିକଟ ପାହାଡ଼କୁ ଯାଇ ମଣିଷେ ଉଚ୍ଚତାରୁ ପଡୁଥିବା ଟିକିଏ ଟିକିଏ ପାଣିକୁ ସଂଗ୍ରହ କରି ଆଣୁଛନ୍ତି । ଖରାଦିନ ହେଲେ ପାଣି ଶୁଖିଗଲେ ୧ କିମି ଦୂର ଯାଇ ଝରଣା ଜଳ ଆଣି ବ୍ୟବହାର କରୁଛନ୍ତି । ହେଲେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କେହି ଦୃଷ୍ଟି ଦେଉନଥିବା ବେଳେ ସାତ ଆଠ ବର୍ଷ ତଳେ ଗଜପତି ଜିଲ୍ଲା ଆଇଟିଡିଏ ପକ୍ଷରୁ ପାନୀୟ ଜଳଯୋଗାଣ ନାମରେ କିଛି ସ୍ଥାନରେ ପାଇପ ବିଛାଇବା ସହ କିଛି ସିମେଣ୍ଟ କୁଣ୍ଡ ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିଦେଇଥିବାରୁ ତାହା ମଧ୍ୟ ସବୁ ନଷ୍ଟ ହୋଇ ପଡି ରହିଛି । କିନ୍ତୁ ସେହି ପ୍ରକଳ୍ପ କେବଳ ଠିକାଦାରଙ୍କୁ ପୋଷିବା ପାଇଁ ହୋଇଥିଲା ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବହୁ ସମସ୍ୟା ମଧ୍ୟରେ ଅଞ୍ଚଳବାସୀ ଉବୁଟୁବୁ ହୋଇ ରହିଥିଲେ ମଧ୍ୟ ଆଗକୁ

# କାର୍ପେଟ୍ ତିଆରି କରି ଗୌରବ ଆଣିଲେ କୁମାରୀ ରଇତ

ଚାନ୍ଦିପୁଟ: ଉତ୍ତରାଞ୍ଚଳର ହାତତିଆରି କାର୍ପେଟ ଏବେ ଗଜପତି ଜିଲ୍ଲାରେ ପ୍ରସ୍ତୁତି ହେଉଥିବା ଦେଖିବାକୁ ମିଳିଛି । ତାହା ବି ନିହାତି ମଫସଲ ଗ୍ରାମର ଆଦିବାସୀ ଝିଅ ହାତରେ । ବିଭିନ୍ନ ପ୍ରକାର କାର୍ପେଟ୍ ତିଆରି କରି ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି ଗଜପତି ଜିଲ୍ଲା ମୋହନା ବ୍ଲକ ଗୁବୁରିଗୁଡା ବଟସାହି ଗାଁର କୁମାରୀ ରଇତ । ଜଣେ ଗରିବ ଆଦିବାସୀ ଝିଅ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଗାଁର ଦୁଃଖୀ ରଇତ କୁଲି



ମଜୁରୀ କରି ନିଜ ପରିବାର ସହ ରହୁଛନ୍ତି । ଆନ୍ତର୍ଜାତିକ ହସ୍ତତନ୍ତ୍ର ଶିଳ୍ପ ପକ୍ଷରୁ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ପେଟ ତିଆରି କାରିଗରିକୁ ନେଇ କୁମାରୀ ପୁରସ୍କାର ପାଇବା ସହ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପାଇଛନ୍ତି । ଗତ ମାର୍ଚ୍ଚ ମାସରେ ଚନ୍ଦ୍ରଗିରି ସୌରା ଉନ୍ନୟନ ସଂସ୍ଥା ପକ୍ଷରୁ ତାଙ୍କୁ କାର୍ପେଟ କାମ ତାଲିମ୍ ନେବା ପାଇଁ ମନୋନୀତ କରାଗଲା । ଏହାପରେ ସେ ପାଞ୍ଚଅକ୍ଷମ୍ଭ ତିବତୀୟ କକ୍ଷର୍ପେଟ କେନ୍ଦ୍ରରେ ତିନି ମାସ ତାଲିମ୍ ନେଇଥିଲେ । ତାଲିମ୍ ନେବା ପରେ ସରକାରୀ ପ୍ରୋତ୍ସାହନରେ ଗୁବୁରୀଗୁଡା ଗାଁରେ ସେ କକ୍ଷର୍ପେଟ ତିଆରି କେନ୍ଦ୍ର ଖୋଲିଥିଲେ । ସେ ତିଆରି କରିଥିବା କାର୍ପେଟ ଖୁବ ସୁନ୍ଦର ଥିବା ଯୋଗୁଁ ତାଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦିଲ୍ଲୀରେ ଆୟୋଜିତ ଆନ୍ତର୍ଜାତିକ ହସ୍ତତନ୍ତ୍ର ଶିଳ୍ପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ମନୋନୀତ କରାଗଲା । ଏହି କକ୍ଷର୍ପେଟ କାମ ଯୋଗୁଁ ସେ ମାସକୁ ୧୨ ହଜାର ଟଙ୍କା ରୋଜଗାର କରିପାରୁଥିବା ବେଳେ ଆଗକୁ ଅନ୍ୟମାନଙ୍କୁ ତାଲିମ୍ ଦେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ।

# ଖୁବ୍ ଶୀଘ୍ର ସ୍କୁଲରେ ମିଳିବ ଜେଇଇ, ନିଟ୍ କୋଚିଂ



ଭୁବନେଶ୍ୱର: ଡାକ୍ତର ଓ ଇଂଜିନିୟର ପାଠ ପଢିବାରେ ଆଉ ଅର୍ଥ ସାଜିବନି ବାଧକ । ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ହେବ ସାକାର । ଏକାଦଶ ଓ ଦ୍ୱାଦଶ ଶ୍ରେଣୀରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମାଗଣାରେ ଦିଆଯିବ ଜେଇଇ ଓ ନିଟ୍ ପାଇଁ କୋଚିଂ । ହାଇସ୍କୁଲ କ୍ୟାମ୍ପସକୁ ଜୁନିଅର କଲେଜ ଆସିବା ପରେ ଖୁବ୍ ? ଶୀଘ୍ର ଏପରି କିଛି ବଡ଼ ନିଷ୍ପତ୍ତି ନେବାକୁ ଯାଉଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଗଣଶିକ୍ଷା ବିଭାଗର ଏପରି ପଦକ୍ଷେପରେ ଛାତ୍ରଛାତ୍ରୀ ବେଶ୍ ? ଖୁସି ଥିବା ବେଳେ ସେମାନେ ବି ନିଜ ସ୍ୱପ୍ନ ପୂରଣ କରିପାରିବେ ବୋଲି ଆଶାବାଦୀ ଅଛନ୍ତି ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଢାଞ୍ଚାରେ ସରକାରୀ ସ୍କୁଲରେ ବି ଦିଆଯିବ ଏହି କୋଚିଂ । ଫଳରେ ଗରିବ ଓ ମଧ୍ୟମ ବର୍ଗର ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ପରୀକ୍ଷା ଦେବାକୁ ନିଜକୁ ପ୍ରସ୍ତୁତ କରିପାରିବେ । ମାଟ୍ରିକରେ ୯୦%ରୁ ଅଧିକ ମାର୍କ ରଖିଥିବା ଛାତ୍ର ଛାତ୍ରୀଙ୍କୁ ଏହି କୋଚିଂ ଦିଆଯିବ ।

ରାଜ୍ୟର ଅପଗ୍ରେଡ ହୋଇଥିବା ୧୦୧ ସ୍କୁଲରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ତେବେ ଖୁବ୍ ? ଶୀଘ୍ର ସବୁ ସ୍କୁଲରେ ଏହି ବ୍ୟବସ୍ଥାକୁ ଲାଗୁ କରିବାକୁ ଦାବି କରିଛନ୍ତି ଛାତ୍ରଛାତ୍ରୀ ।

ରାଜ୍ୟର ଉପାନ୍ତ ଅଞ୍ଚଳରେ ଥିବା ବହୁ ସ୍କୁଲରେ ପିଲାମାନେ ପାଠ ପଢ଼ା ପରେ ଆଉ ଦୂରରେ ଥିବା କଲେଜ ଯିବାକୁ ମନ ବଳାଉ ନ ଥିଲେ । ମାଟ୍ରିକ ପରେ ସେମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଉଥିଲା । ଫଳରେ ପ୍ରତି ବର୍ଷ ଦଶମ ପରେ ଶହ ଶହ ଛାତ୍ରଛାତ୍ରୀ ଡ୍ରପଆଉଟ୍ ହେଉଛନ୍ତି ।

ଏଣିକି ଉପାନ୍ତ ଅଞ୍ଚଳର ଏଭଳି ସ୍କୁଲକୁ ଚୟନ କରି ରାଜ୍ୟ ସରକାର ଦ୍ୱାଦଶ ଯାଏଁ ଦ୍ୱାଦଶ ଯାଏଁ ଅପଗ୍ରେଡ କରିଛନ୍ତି । ଏପରି ସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଲାଗି ସ୍କୁଲ ଅପଗ୍ରେଡ ସହ ଜେଇଇ ଓ ନିଟ୍ କୋଚିଂ ବ୍ୟବସ୍ଥା ଲାଗୁ ହେବ । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତାକୁ ସରକାରୀ ସ୍କୁଲରେ ଦୋହରାଇବାକୁ ରାଜ୍ୟ ସରକାରଙ୍କ ଏହା ମାଷ୍ଟର ପ୍ଲାନ । ଏହାଦ୍ୱାରା ଅଧିକ ପିଲା ଆଗ୍ରହୀ ହୋଇ ସ୍କୁଲ ଆସିବେ ଓ ପାଠପଢ଼ା ପ୍ରତି ମନ ବଳାଇବେ ।

ଏଭଳି ବ୍ୟବସ୍ଥା ଲାଗୁ କରିବା ବେଶ୍ ? ଉତ୍ସାହଜନକ ଥିବା ବେଳେ ଏଥିନିମନ୍ତେ କିନ୍ତୁ ଶିକ୍ଷକ ପଦବୀ ପୂରଣକୁ ପ୍ରାଥମିକତା ଦେବା ଉଚିତ ବୋଲି ଶିକ୍ଷାବିତଙ୍କ ମତ ।

# ଅଜଣା ରୋଗରେ ପୁଅ, ଚିକିତ୍ସା ଚିନ୍ତାରେ ବାପା

**ମୋହନା:** ମୋହନା ବ୍ଲକ ଅନ୍ତର୍ଗତ ବଡସିନ୍ଧବା ପଞ୍ଚାୟତ ଅଧିନ ଖାରିଗୁମା ଗ୍ରାମର ରଞ୍ଜନ ମଳିକ । ବୟସ ମାତ୍ର ୯ ବର୍ଷ । ତାଙ୍କୁ ଯେତେବେଳେ ୫ବର୍ଷ ହୋଇଥିଲା ମା ଛାଡି ଚାଲିଗଲେ ଆରପାରିକୁ । ବହୁ କଷ୍ଟରେ ୫ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ । କିନ୍ତୁ ଅଚିହ୍ନା ରୋଗ ଯୋଗୁଁ ଅଧାରୁ ପାଠ ଛାଡ଼ିଦେଲେ । ବାପା କାମଦେବ ମଳିକ ଜଣେ ଦିନ ମଜୁରିଆ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ସତ୍ତ୍ୱେ ପୁଅକୁ ଆରୋଗ୍ୟ ଲାଭ କରିବା ପାଇଁ ପ୍ରଥମେ ଚେରମୂଳି (ଜଡିବୁଟି) ଔଷଧ ଦେଲେ । ଭଲ ନହେବାରୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା କଲେ । ତାଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା କରାଗଲା । ୭ ଦିନ ରହିଲେ କିନ୍ତୁ ଡାକ୍ତର ରୋଗ ନିର୍ଣ୍ଣୟ କରିନପାରି ଘରକୁ ପଠାଇଦେଲେ ।



ସେ ଏବେ ଗାଁରେ ରହୁଥିବା ନିଜ ପିଉସୀ ଗେଲି ମଳିକଙ୍କ ଘରେ ରହୁଛନ୍ତି । ରଞ୍ଜନ ଚାଲିବାକୁ ଅକ୍ଷମ । ତାଙ୍କର ୨ଟି ଗୋଡ ଅକାମୀ । ଯାହାଫଳରେ ଘରେ ଝାଡା, ପରିସ୍ରା କରୁଛନ୍ତି । ପିଉସୀ ନାନି ତାଙ୍କର ସମସ୍ତ ସେବା କରୁଛନ୍ତି । ପାଠ ପଢ଼ିବାକୁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ଅଛି । କିନ୍ତୁ ଦୂରାରୋଗରେ ପୀଡିତ ହେବା ଯୋଗୁ ସେ ପାଠପଢ଼ାରୁ ବଞ୍ଚିତ ଅଛନ୍ତି । ଯଦି ସରକାରୀ ସହାୟତା ମିଳନ୍ତା ତେବେ ପୁଅକୁ ନେଇ ଭଲ ମେଡିକାଲରେ ଚିକିତ୍ସା କରାଇ ଭଲ ହୁଅନ୍ତା ବୋଲି ବାପା ଆଶା ବାନ୍ଧିଛନ୍ତି । ତାଙ୍କର ୪ଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଅପରପକ୍ଷେ କାମଦେବଙ୍କୁ ଦୀର୍ଘବର୍ଷ ତଳେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଅଧପନ୍ତରିଆ ହୋଇ ପଡି ରହିଛି । ପୁଅର ରୋଗ ସାଙ୍ଗକୁ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଘର ସଂପୂର୍ଣ୍ଣ କରିପାରି ନଥିବା କହିଛନ୍ତି ।

ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମୋହନା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ବାଳ ବିକାଶ ସଂସ୍ଥାର ଫାର୍ମାଶିଷ୍ଟ ରଞ୍ଜନ କୁମାର ପୃଷ୍ଟି ଓ ଏଏନଏମ ବିଜୟଲକ୍ଷ୍ମୀ ଭୂୟାଁ ପୀଡିତଙ୍କ ଘରେ ପହଞ୍ଚି ରଞ୍ଜନ ଚିକିତ୍ସିତ ହୋଇଥିବା ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ରହ୍ମପୁର ବଡ ମେଡିକାଲର ଔଷଧୀୟ କାଗଜପତ୍ର ଦେଖିଥିଲେ । ଅଧିକା ଚିକିତ୍ସା ପାଇଁ ରଞ୍ଜନକୁ ସାଥିରେ ନେଇ ପାରଳାଖେମୁଣ୍ଡି ସ୍ୱାସ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ତାର ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇ ଔଷଧ ଦିଆଯିବା ପରେ କିଛି ଦିନ ରହିବେ । ଆବଶ୍ୟକ ପଡିଲେ ଅଧିକା ଚିକିତ୍ସା ପାଇଁ ବାହାରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି । ଜିଲ୍ଲାପାଳଙ୍କ ଏଭଳି ମହାନତା ଓ ସମାଜ ଖବର କାଗଜକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।

# ଚଉଠିଆରେ ଖୋଲିଲା ସରକାରୀ ଧାନ ମଣ୍ଡି

ଝୁମ୍ପୁରା: ଝୁମ୍ପୁରା ବ୍ଲକର ଚଉଠିଆ ଠାରେ ସମବାୟ ସମିତିର ଶାଖା କାର୍ଯ୍ୟାଳୟ ଠାରେ ପଞ୍ଜିକୃତ ଚାଷୀଙ୍କ ଠାରୁ ସିଧା ସଳଖ ଧାନ କ୍ରୟ କରିବା ପାଇଁ ସରକାରୀ ଧାନ ମଣ୍ଡି ମଙ୍ଗଳବାର ଦିନ ଶୁଭାରମ୍ଭ ହୋଇଯାଇଛି । ଚଉଠିଆ ସମବାୟ ସମିତିର ଶାଖା ପରିଚାଳକ ରାଜେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟକ୍ଷ୍ୟ ତ୍ୱତ୍ତା ବଧାନରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମଣ୍ଡି ଶୁଭାରମ୍ଭ ଉତ୍ସବରେ ଅତିଥି ଭାବେ ଯୋଗଦାନ କରିଥିଲେ ଏଆରସିସି ଚମ୍ପୁଆର ସୁଶିଲ ନାଏକ, ଚଉଠିଆ ସରପଞ୍ଚ ଅନୁପମା ମୁଣ୍ଡା, ଚଉଠିଆ ରାଜସ୍ୱ ଅଧିକାରୀ ଅଜୟ କୁମାର ଦାସ, ଉଖୁଣ୍ଡା ସମବାୟ ସମିତି ପରିଚାଳକ ନବୀନ ଚନ୍ଦ୍ର ମହାନ୍ତ, ଆର ଏମ ସିର



କର୍ମଚାରୀ ସନାତନ ପ୍ରଧାନ, ଡାଇରେକ୍ଟର ସବିତା ମହାନ୍ତ, ରବୀନ୍ଦ୍ର ନାଥ ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ଚାଷୀଙ୍କ ଠାରୁ ସରକାର କିପରୀ ଧାନ ସଂଗ୍ରହ କରିବ, କେଉଁ ଧାନ କେଉଁ ଗ୍ରେଡର, ଧାନ କେଉଁଦିନ କେଉଁ ଦିନ କିଣାଯିବ ସେମ୍ପର୍କରେ ଯୋଗଦାନ କରିଥିବା ଚାଷୀ ମାନଙ୍କୁ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ । ପ୍ରଥମ ଦିନ ୫ ଚାଷୀ ଙ୍କ ଠାରୁ ସିଧା ସଳଖ ଭାବେ ଧାନ କ୍ରୟ କରାଯାଇଥିଲା । ଚଉଠିଆ ଠାରେ ସପ୍ତାହର ମଙ୍ଗଳବାର ଏବଂ ଶନିବାର ଦିନ ଚାଷୀଙ୍କ ଠାରୁ ସିଧା ସଳଖ ଧାନ କ୍ରୟ କରାଯିବ ତା ସହିତ ଚାଷୀଙ୍କ ଧାନ ମାର୍ଚ୍ଚ ୩୧ ୨୦୨୩ ପର୍ଯ୍ୟନ୍ତ କିଣାଯିବ ବୋଲି ଚଉଠିଆ ଶାଖା କାର୍ଯ୍ୟାଳୟର ପରିଚାଳକ ରାଜେନ୍ଦ୍ର ବାରିକ ସୂଚନା ପ୍ରଦାନ କରିଛନ୍ତି । ଉଦଘାଟନୀ ଉତ୍ସବକୁ ପରିଚାଳନାରେ ଚଉଠିଆ ସମବାୟ ସମିତି କାର୍ଯ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ଜାନୁଆରୀ ୨୪ରୁ ଜେଇଇ ମେନ୍, ଆବେଦନ ଆରମ୍ଭ

ଭୁବନେଶ୍ୱର:୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଜେଇଇ ମେନ୍ ପରୀକ୍ଷା ଆସନ୍ତା ଜାନୁଆରୀ ୨୪ରୁ ୩୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ଆୟୋଜିତ ହେଉଥିବା ଏହି ପରୀକ୍ଷା ନିମନ୍ତେ ଡିସେମ୍ବର ୧୫ରୁ ଆବେଦନ ପତ୍ର ଆରମ୍ଭ ହୋଇଛି ଓ ଆବେଦନର ଶେଷ ତାରିଖ ଜାନୁଆରୀ ୧୨ତାରିଖ ରହିଛି । ଏହି ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ କେବଳ ଅନଲାଇନରେ ହିଁ ଆବେଦନ କରିବାକୁ ପଡ଼ିବ ।

ସୂଚନା ଅନୁସାରେ, ଜେଇଇ(ମେନ୍) ପରୀକ୍ଷା ଦୁଇଟି ସିଟିଂରେ ହେବ । ଏହି ପରୀକ୍ଷା ଓଡ଼ିଆ ସମେତ ମୋଟ ୧୩ଟି ଭାଷାରେ ହେବ । ପରୀକ୍ଷା ଜାନୁଆରୀ ୨୪, ୨୫, ୨୭,୨୮,୨୯ ,୩୦ ଓ ୩୧ତାରିଖରେ ହେବାକୁ ଥିବାବେଳେ ପରୀକ୍ଷା



କେନ୍ଦ୍ରଗୁଡ଼ିକର ଘୋଷଣା ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହେବ ବୋଲି ଜଣାପଡ଼ିଛି । ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏନଆଇଟି, ଆଇଆଇଟି , ଆଇଆଇଆଇଟି ସମେତ ରାଜ୍ୟ ଓ ଦେଶର ଅନ୍ୟ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ପ୍ରତିବର୍ଷ ହୋଇଥାଏ ।

# ପୋତି ହୋଇଗଲା ଲୁଣା ହ୍ରଦ, ମତ୍ସ୍ୟଜୀବୀଙ୍କ ମୁଣ୍ଡରେ ଚଡ଼କ

ଚିକିଟି : ପାରମ୍ପାରିକ କୌଳିକ ବ୍ୟବସାୟକୁ ପୁନର୍ଜୀବିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ବେଳେ ଚିକିଟି ବ୍ଲକ ର ପ୍ରାୟ ଦୁଇ ହଜାରରୁ ଅଧିକ ମତ୍ସ୍ୟଜୀବୀ ସରକାରଙ୍କର ଦୃଷ୍ଟି ଆଢୁଆଳରେ ରହି ଜୀବିକା ହରାଇଥିବା ଅଭିଯୋଗ ହୋଇଛି । କୌଳିକ ବୃତ୍ତି ହରାଇ ଏବେ ଦାଦନ ଖଟିବାକୁ ବାହାରକୁ ଯିବାକୁ ବାଧ୍ୟ ହୋଇଛନ୍ତି । ଏପରି ଏକ କୈବର୍ତ୍ତ ଗ୍ରାମ ହେଉଛି ଗଞ୍ଜାମ ଜିଲା ଚିକିଟି ବ୍ଲକର ଆର ସୁମାଣ୍ଡି ଗ୍ରାମ ପଞ୍ଚାୟତର କେଉଟ ସୁମାଣ୍ଡି ଗ୍ରାମ । ଏହି ଗ୍ରାମରେ ପ୍ରାୟ ୧୮ ଶହ କୈବର୍ତ୍ତ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ପ୍ରାୟ ସାଢେ ଚାରି ହଜାରରୁ ଅଧିକ । ଏହି କୈବର୍ତ୍ତ ପରିବାରର କୌଳିକ ବ୍ୟବସାୟ ହେଉଛି ମାଛ ମାରିବା । ଏହି ଗ୍ରାମ ନିକଟରେ ପ୍ରାୟ ଦୁଇ ହଜାର ଏକର ପରିମିତ ଏକ ଲୁଣା ହ୍ରଦ ଅଛି, ଏହି ହ୍ରଦ ସହ ସମୁଦ୍ର ମୁହାଁକୁ ଏକ ବଡ଼ ନାଳ ସଂଯୋଗ ହୋଇଛି । ଏହି ନାଳ ଦେଇ ସମୁଦ୍ରର ଲୁଣା ଚିଙ୍ଗୁଡ଼ି, ମେଜି, କଣ୍ଟିଆ, ଖଇଂଗା ଭଳି ମାଛ ଏହି ହ୍ରଦକୁ



ଆସିଥାନ୍ତି । ଏଠାକାର କୈବର୍ତ୍ତ ମାନେ ଏହି ଲୁଣା ହ୍ରଦରୁ ମାଛ ମାରି ଜୀବନ ଜୀବିକା ନିର୍ବାହ କରିଥାଆନ୍ତି । କିନ୍ତୁ ଏବେ ଏହି କୈବର୍ତ୍ତ ମାନଙ୍କ ଜୀବନ ଜୀବିକା ଲୋପ ପାଇଯାଇଛି । କୌଳିକ ବ୍ୟବସାୟବୃତ୍ତି ବୁଡିଯିବାରୁ ଏବେ ଗ୍ରାମର ପ୍ରାୟ ନବେ ପ୍ରତିଶତ ପରିବାର ପରିବାର ପ୍ରତିପୋଷଣ ପାଇଁ ବାହାରକୁ ଚାଲିଯାଇଛନ୍ତି । ଆଉ ଯେଉଁ ପରିବାର ଗାଁରେ ଅଛନ୍ତି କର୍ମକୁ ଆଦରି ମୁଣ୍ଡରେ ହାତମାରି ବସିଛନ୍ତି । ସଦାସର୍ବଦା ଜନ ଗହଳି କୋଳାହଳ କରୁଥିବା ଏହି କେ . ସୁବାଣିଗ୍ରାମ ଏବେ ଶୂନଶାନ ପାଲଟିଛି । ବୃତ୍ତି ହରାଇବା ପରେ ଏବେ କିଛି ବର୍ଷ ହେଲା ନିରବ ନିଶ୍ଚଳ ହୋଇପଡିଛନ୍ତି ଏଠାକାର ମତ୍ସ୍ୟଜୀବୀ ।

ଅନୁସନ୍ଧାନରୁ ଜଣାପଡିଛି ଯେ ଆଗରୁ ଏହି ହ୍ରଦ ଅତ୍ୟନ୍ତ ଗଭୀର ଥିଲା । ଏହି ଅଞ୍ଚଳରେ ଯେତେବେଳେ ଲୁଣ ମରାଯାଉଥିଲା ସେତେବେଳେ ମୁହାଁଣକୁ ସଂଯୋଗ କରୁଥିବା ନାଳକୁ ଖୋଳା ଯାଉଥିଲା । ଯଦ୍ୱାରା ସମୁଦ୍ର ପାଣି ଅନାୟାସରେ ହ୍ରଦକୁ ପ୍ରବେଶ କରୁଥିଲା ଓ ସେଥିରେ ମାଛମାରି ଲୋକେ ଚଳୁଥିଲେ । ଏବେ ପ୍ରାୟ ୩୦ ବର୍ଷ ହେବ ମୁହଁ ନାଳ ଆଉ ଖୋଳା ଯାଇନି ଯାହା ଫଳରେ ହ୍ରହ ସାଙ୍ଗକୁ ନାଳରେ ବାଲି ଚରିଯାଇ ପୋତି ହୋଇଯାଇଛି । ଆଉ ଜମି ରହୁନି ଲୁଣା ପାଣି କି ଆସୁନି ସମୁଦ୍ର ଲୁଣା ପାଣି । ଫଳରେ ଏହି ହ୍ରଦରେ ମାଛ ନାହାନ୍ତି । ଯାହା ଫଳରେ ବୁଡିଗଲା କେଉଟ ମାନଙ୍କ କୁଳ ବେଉସା, ଆର୍ଥିକ ସଂକଟ ଯୋଗୁଁ ପେଟ ପୋଷିବା ପାଇଁ ବାହାରକୁ ଚାଲିଯାଇଛନ୍ତି ।

ମିଳିଥିବା ସୂଚନା ପ୍ରକାରେ ଗ୍ରାମରେ ୧୮୦୦ ପରିବାର ମଧ୍ୟରୁ ୯୭୦ ପରିବାର ଏବେ ବାହାରକୁ ଦାଦନ ଖଟିବାକୁ ଚାଲିଯାଇଛନ୍ତି । ଏନେଇ ସୁମଣ୍ଡି କୈବର୍ତ୍ତ ସମାଜ ଓ ଗ୍ରାମ ପଞ୍ଚାୟତ ସରପଞ୍ଚ ଜୀବନଣ୍ଡା ରେଡ୍ଡୀଙ୍କ ତରଫରୁ ବହୁବାର ନାଳ ଖନନ ଓ ହ୍ରଦର ପୁନଃରୁଦ୍ଧାର ପାଇଁ ଅଭିଯୋଗ ହୋଇଛି । ଏଣେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀ ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ଜଳ ସମ୍ପଦ ବିଭାଗକୁ ପୁନଃରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏନେଇ କୋଣସି ପଦକ୍ଷେପ ନ ନିଆଯାଉଥିବାରୁ ଲୋକେ ଗାଁ ଛାଡୁଛନ୍ତି । ଏଣୁ ଏହି ହ୍ରଦ ସହ ମୁହାଁଣକୁ ସଂଯୋଗ କରୁଥିବା ନାଳ ଖନନ ପୂର୍ବକ ପୁନଃରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି ।

### ପୁଣି ଥରେ ପଡିବ ମହଙ୍ଗା ମାଡ

# ଅନେକ ବ୍ୟାଙ୍କ୍ ବଢାଇଲେ ହୋମ୍ ଲୋନ୍

**ନୂଆଦିଲ୍ଲୀ:** ଦରବୃଦ୍ଧିର ମୁକାବିଲା ପାଇଁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ(ଆରବିଆଇ) ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୨-୨୩ରେ ପଞ୍ଚମ ଥର ରେପୋ ରେଟ୍ ବୃଦ୍ଧି କରିଛନ୍ତି। ୨୦୨୨ ଡିସେମ୍ବର ୭ରେ ବ୍ୟାଙ୍କର ସଦ୍ୟତମ ମୁଦ୍ରା ନୀତିର ଘୋଷଣା କରି ରେପୋ ରେଟ୍ ?କୁ ୩୫ ବେସିସ ପଏଣ୍ଟ ବଢାଇ ୬.୨୫ ପ୍ରତିଶତ କରିଛନ୍ତି। ଏଥିରେ ସାଧାରଣ ଜନତାଙ୍କ ଉପରେ ଆର୍ଥିକ ଚାପ ଆହୁରି ବଢିବ। ହୋମ ଲୋନ୍, କାର ଲୋନ୍ ଆଦି ମହଙ୍ଗା ହୋଇଯିବ।



ଆରବିଆଇ ରେପୋ ରେଟ୍ ବୃଦ୍ଧି ଘୋଷଣା ପରେ ଅନେକ ବ୍ୟାଙ୍କ ନିଜର ଗୃହ ରଣ ବଢାଇଛନ୍ତି। ଏଥିରେ ବ୍ୟାଙ୍କ ଅଫ ବରୋଦା ପରି ବଡ ସରକାରୀ ବ୍ୟାଙ୍କ ସାମିଲ୍। ଆସନ୍ତୁ ଜାଣିବା ଏ ପର୍ଯ୍ୟନ୍ତ କେଉଁ କେଉଁ ବ୍ୟାଙ୍କ ନିଜର ଗୃହ ରଣ ବଢାଇଛନ୍ତି।

ବ୍ୟାଙ୍କ ଅଫ ବରୋଦା ଖୁଚୁରା ଲୋନ୍ ପାଇଁ ଏହାର ସର୍ବନିମ୍ନ ସୁଧହାର ଡିସେମ୍ବର ୮ରୁ ୮.୮୫ ପ୍ରତିଶତ ରହିଛି। ଏଥିରେ ରେପୋ ରେଟ୍ ୬.୨୫ ପ୍ରତିଶତ ଏବଂ ୨.୬୦ ପ୍ରତିଶତର ମାର୍କ ଅପ୍ ସାମିଲ୍।

ବ୍ୟାଙ୍କ ଅଫ ଇଣ୍ଡିଆର ୱେବସାଇଟ୍ ଅନୁଯାୟୀ, ରେପୋ ରେଟ୍ ?ରେ ସଂଶୋଧନକୁ ଦୃଷ୍ଟିରେ ରଖି ରେପୋ ବେସ୍ ?ଡ ଲ୍ୟାଣ୍ଡିଂ ରେଟ୍ (ଆରବିଏଲଆର) ୯.୧୦ ପ୍ରତିଶତ କରାଯାଇଛି। ଏହା ବ୍ୟତୀତ ଏକ ବର୍ଷିଆ ଏମସିଏଲଆର ୮.୧୫ ପ୍ରତିଶତ, ଛଅ ମାସର ଏମସିଏଲଆର ୭.୯୦ ପ୍ରତିଶତ କରାଯାଇଛି। ଏହି ପରିବର୍ତ୍ତନ ଡିସେମ୍ବର ୭ରୁ ଲାଗୁ ହୋଇ ଯାଇଛି।

ଇଣ୍ଡିଆନ ଓଭରସିସ୍ ବ୍ୟାଙ୍କ ମାର୍ଜିନାଲ କାଷ୍ଟ ଅଫ ଫଣ୍ଡ (ଏମସିଏଲଆର) ୧୫-୩୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହା ବ୍ୟତୀତ ଲିଙ୍କ୍ଡ ଲେଣ୍ଡିଂ ରେଟ୍(ଆରଏଲଏଲଆର) ୯.୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଡିସେମ୍ବର ୧୦ରୁ ଲାଗୁ ହେବ।

## ରଷ ଠାରୁ ତେଲ କିଣି ଠିକ୍ କରୁଛି ଭାରତ: ଗୀତା ଗୋପୀନାଥନ

**ନୂଆଦିଲ୍ଲୀ:** ରଷ ଠାରୁ ଭାରତର ତୈଳ ଆମଦାନୀକୁ ଠିକ୍ ବୋଲି କହିଲେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF)ର ପ୍ରଥମ ଡେପୁଟି ମ୍ୟାନେଜର ଗୀତା ଗୋପୀନାଥନା ଜି-୨୦ ବୈଠକରେ ଯୋଗ ଦେବାକୁ ଭାରତ ଆସିଥିବା ଗୋପୀନାଥନ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ ଏପରି କହିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ବୈଶ୍ୱିକ ଦୃଷ୍ଟିକୋଣରୁ ବଜାରରେ ବହୁ ପରିମାଣରେ ତୈଳ ରପ୍ତାନୀ ହେବା ଖୁବ୍ ଆବଶ୍ୟକ। ଆଉ ଏହି ସମୟରେ ରଷ ଠାରୁ ଭାରତର ତେଲ କିଣିବା ବର୍ତ୍ତମାନ ଆମେରିକା ଓ ୟୁରୋପର ରଣନୀତି ଭଳି।



ଗୋପୀନାଥନ କହିଛନ୍ତି "ବର୍ତ୍ତମାନ ବଜାରରେ ତୈଳ ରପ୍ତାନୀର ଆବଶ୍ୟକତା ରହିଛି। ଯଦି ଭାରତ ଭଳି ରାଷ୍ଟ୍ର କମ୍ ? ମୂଲ୍ୟରେ ତୈଳ ଆମଦାନୀ କରିପାରୁଛି ତେବେ ମୋତେ ଲାଗୁଛି ଯେ ସମ୍ପୂର୍ଣ୍ଣ ଠିକ୍ ହେଉଛି।" ଚଳିତ ଡିସେମ୍ବର ମାସରେ ଜି-୭ରେ ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ରଷ ତେଲ ଉପରେ ବ୍ୟାରେଲ ପ୍ରତି ୬୦ ଡଲାର ପ୍ରାଇସ୍ କ୍ୟାପ୍ ନିଷ୍ପତ୍ତିରେ ସହମତି ପ୍ରକାଶ କରିଥିଲେ। କିନ୍ତୁ ଭାରତ ଏଥିରେ ସହମତି ପ୍ରକାଶ କରି ନଥିଲା। ଫଳରେ ରଷ ଏହି ପ୍ରାଇସ୍‌କ୍ୟାପ୍‌ରୁ ଭାରତକୁ ସହଯୋଗ କରିବ ବୋଲି ପ୍ରସ୍ତାବ ବି ଦେଇଥିଲା।

ସୂଚନା ଥାଉକି ରଷ ଠାରୁ ଭାରତର ତୈଳ ଆମଦାନୀ ୨୦୨୨ର ପ୍ରଥମ ୮ ମାସରେ ୧୬.୩୫ ମିଲିୟନ ଟନକୁ ବୃଦ୍ଧି ପାଇଛି। ଖରା ସମୟରେ ରଷ ଭାରତର ଦ୍ୱିତୀ ସର୍ବାଧିକ ତୈଳ ରପ୍ତାନୀକାରି ସହଯୋଗୀ ହୋଇପାରିଥିଲା।

## ଚୀନକୁ ପଛରେ ପକାଇ କେମିତି ଭାରତୀୟ ବ୍ରାଣ୍ଡଗୁଡ଼ିକ ଇ-ଉପକରଣ ବଜାର କବ୍ଜା କଲେ ?

**ନୂଆଦିଲ୍ଲୀ:** ସାରା ବିଶ୍ୱରେ ଉଦ୍ୟୋଗ ଜଗତ ପାଇଁ କରୋନା ମହାମାରୀ ଏକ ବଡ଼ ଚ୍ୟାଲେଞ୍ଜ ଆଣିଥିଲା। ନିଅଣ୍ଟିଆ ସ୍ଥିତି ଯୋଗୁ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ୬୨ ପ୍ରତିଶତ ଶେୟାର କବ୍ଜା କରିଥିବା ଚାଇନା ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ଫୋନ୍‌ରୁ ମାର୍କେଟ୍‌ରୁ ଧ୍ୟାନ ହଟାଇ ପାରିଲେ ନାହିଁ। ତା ସହିତ ଯୋଗାଣରେ ବାଧା ଉପୁଜିବା ଆଦି ସମସ୍ୟା ଯୋଗୁ



ଚୀନ କମ୍ପାନୀଗୁଡ଼ିକ ପିନ୍ଧିବାଯୋଗ୍ୟ ଇ-ଉପକରଣ ବଜାରକୁ କବ୍ଜା କରିପାରିଲେ ନାହିଁ। କରୋନା ପାଇଁ ଏମିତିରେ ଉତ୍ପାଦନ ଦିଗରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଆଉ ସ୍ଥିତି ସୁଧୁରିବା ପରେ କମ୍ପାନୀଗୁଡ଼ିକ ସ୍ମାର୍ଟଫୋନ୍ ନିର୍ମାଣ ଦୌଡ଼ରେ ଲାଗିପଡ଼ିଲେ। ଯାହାର ଫାଇଦା ନେଲେ ଭାରତୀୟ ବ୍ରାଣ୍ଡ। ଆଉ ଧୀରେ ଧୀରେ ଭାରତର ପିନ୍ଧିବା ଇ-ଉପକର ବଜାରକୁ କବ୍ଜା କରିନେଲେ ଭାରତୀୟ କମ୍ପାନୀ।

ଏନେଇ ଇମାଜିନ ମାର୍କେଟିଂର ସିଇଓ ବିବେକ ଗମ୍ଭୀର ଇକୋନୋମିକ୍ସ ଟାଇମ୍ସକୁ ସାକ୍ଷତକାର ଦେଇ କହିଛନ୍ତି "ମୋ ମତରେ ସ୍ମାର୍ଟଫୋନ୍‌କୁ ନେଇ ସୁଯୋଗ ଖୁବ୍ ବଡ଼ ଥିବାରୁ ସ୍ମାର୍ଟଫୋନ୍ ନିର୍ମାତାମାନେ ୪ଏ ଓ ୫ଏ ଫୋନ୍ ନିର୍ମାଣକୁ ଗୁରୁତ୍ୱ ଦେଇଥିଲା। ବିଶେଷ କରୋନା ସମୟରେ ରପ୍ତାନୀ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ କମ୍ପାନୀଗୁଡ଼ିକ ଏଭଳି କରିଥିଲେ।" ଫଳରେ ସେମାନେ ପିନ୍ଧିବାଯୋଗ୍ୟ ଇ-ଉପକରଣ ଭଳି ନୂଆ ବଜାର ସୃଷ୍ଟି କରିବାକୁ ଚିନ୍ତା କଲେ ନାହିଁ। ପରେ ଏହାକୁ ଭାରତୀୟ ବ୍ରାଣ୍ଡମାନେ କବ୍ଜା କରି ନେଇଛନ୍ତି।

### ପିନ୍ଧିବାଯୋଗ୍ୟ ଇ-ଉପକରଣ ମାର୍କେଟ୍‌ରେ କେଉଁ ଭାରତୀୟ କମ୍ପାନୀଙ୍କର ପ୍ରଭାବ ରହିଛି ?

ବର୍ତ୍ତମାନ ସ୍ଥିତିରେ ଭାରତରେ ଥିବା ପ୍ରମୁଖ ୫ଟି ପିନ୍ଧିବାଯୋଗ୍ୟ ଇ-ଉପକରଣ ମଧ୍ୟରୁ ଟପ୍-୩ରେ ତିନି ଭାରତୀୟ ବ୍ରାଣ୍ଡ ରହିଛନ୍ତି। ଭାରତୀୟ ବଜାରରେ ଇମାଜିନ ମାର୍କେଟିଂ କମ୍ପାନୀର (ବୋଟ୍) ୩୨ ପ୍ରତିଶତ ମାର୍କେଟ୍ କବ୍ଜା କରିଥିବା ବେଳେ ନେକ୍ସବେସ୍‌ର ୧୪ ପ୍ରତିଶତ ଓ ଫାୟାର ବୋଲ୍ଟ ୯ ପ୍ରତିଶତ ଶେୟାର କବ୍ଜା କରିଛି। ଅନ୍ୟପଟେ ଚୀନର ୱାନପ୍ଲସ୍ ( ୮ ପ୍ରତିଶତରୁ ଅଧିକ) ଏବଂ ରିୟଲ ମି(୪ ପ୍ରତିଶତରୁ ଅଧିକ) ରହିଛି। ଚୀନର ଏହି ଦୁଇ ବ୍ରାଣ୍ଡ ଭାରତ ପ୍ରମୁଖ ୫ ପିନ୍ଧିବା ଯୋଗ୍ୟ ଇ-ଉପକରଣରେ ସାମିଲ ଅଛନ୍ତି।

### ଆଉ ବଜାରରେ ମିଳିବନି ଗୋଟିକିଆ ସିଗାରେଟ୍

# ଖୁବ୍‌ଶୀଘ୍ର ବିମାନ ବନ୍ଦରରୁ ହଟିବ ସ୍ମୋକିଙ୍ଗ ଜୋନ୍

**ନୂଆଦିଲ୍ଲୀ:** ଯଦି ଆପଣ ଧୂମ୍ରପାନ କରନ୍ତି ଓ ପୁରା ପ୍ୟାକେଟ୍ ? ବଦଳେ ଗୋଟିକିଆ ସିଗାରେଟ କିଣୁଥାନ୍ତି ତେବେ ଏହି ଖବର ଆପଣଙ୍କ ଲାଗି। ଆଗକୁ ଦେଶରେ ଖୁଚୁରା ସିଗାରେଟ୍ ମିଳିବନି। କେନ୍ଦ୍ର ସରକାର ଖୁଚୁରା ସିଗାରେଟ୍ ବିକ୍ରି ଉପରେ କଟକଣା ଲଗାଇବାକୁ ବିଚାର କରୁଛନ୍ତି। ଏଣୁ ଆଗାମୀ କିଛି ମାସ ମଧ୍ୟରେ ସିଙ୍ଗଲ ସିଗାରେଟ ବିକ୍ରି ଉପରେ କଟକଣା ଲାଗୁ ହୋଇପାରେ। ହୁଏତ ୧ ଫେବୃଆରୀ ୨୦୨୩ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବାର୍ଷିକ ବଜେଟ୍ ଉପସ୍ଥାପନ ପୂର୍ବରୁ ଏହି କଟକଣା ଲାଗୁ ହୋଇପାରେ।




ଗଣମାଧ୍ୟମ ରିପୋର୍ଟ ଅନୁସାରେ ସଂସଦ ସ୍ଥାୟୀ କମିଟି ଦେଶରେ ଖୁଚୁରା ସିଗାରେଟ ବିକ୍ରି ଉପରେ କଟକଣା ଲଗାଇବା ନିମନ୍ତେ ସୁପାରିଶ କରିଛନ୍ତି। ସଂସଦରେ ଆଗାମୀ ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ଏ ବାବଦେ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଛି। ସେହିପରି ଦେଶର ବିମାନ ବନ୍ଦରମାନଙ୍କରେ ଥିବା ସ୍ମୋକିଂ ଜୋନ ହଟାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହା ହେଲେ ବିମାନ ବନ୍ଦରରେ ଯାତ୍ରୀଙ୍କ ସିଗାରେଟ ପାନ ଉପରେ କଟକଣା ଲାଗିପାରେ। ଦେଶରେ ତମାଖୁ ଉତ୍ପାଦ ଉପରେ ରୋକ ଲଗାଇବା ପାଇଁ ଏହି ସୁପାରିଶ କରାଯାଇଛି। ଦେଶରେ କେନ୍ଦ୍ର ସରକାର ଚଳାଉଥିବା ତମାଖୁ ନିୟନ୍ତ୍ରଣ ଅଭିଯାନ ଲାଗି ସିଙ୍ଗଲ ସିଗାରେଟ୍ ବିକ୍ରି ଖୋଲା ଚାଲେଞ୍ଜ କରୁଛି। କେବଳ ଏତିକି ନୁହେଁ ସଂସଦ ସ୍ଥାୟୀ କମିଟି ଦେଶର ବିମାନ ବନ୍ଦରମାନଙ୍କରେ ଥିବା ସ୍ମୋକିଙ୍ଗ ଜୋନକୁ ହଟାଇବା ଲାଗି ମଧ୍ୟ ସୁପାରିଶ କରିଛନ୍ତି। ଯେହେତୁ କେନ୍ଦ୍ର ସରକାର ସଂସଦ ସ୍ଥାୟୀ କମିଟିଙ୍କ ସୁପାରିଶକୁ ଗ୍ରହଣ କରିଥାନ୍ତି, ଏଣୁ ଦେଶରେ ଖୁଚୁରା ସିଗାରେଟ ବିକ୍ରି ସହ ବିମାନ ବନ୍ଦରରେ ଥିବା ସ୍ମୋକିଂ ଜୋନ ମଧ୍ୟ ହଟିବ ବୋଲି ଏବେ ଆକଳନ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ ୩ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରାଳୟଙ୍କ ଦ୍ୱାରା ଇ-ସିଗାରେଟ ନିଷିଦ୍ଧ ଲାଗି ସୁପାରିଶ କରାଯାଇଥିଲା। ଏହି ସୁପାରିଶ ଆଧାରରେ ଦେଶରେ ଇ-ସିଗାରେଟର ବିକ୍ରି ବନ୍ଦ ହୋଇଯାଇଛି। କେନ୍ଦ୍ର ସରକାର ତମାଖୁ ଉପରେ ସର୍ବାଧିକ ଜିଏସଟି ଲାଗୁ କରିଛନ୍ତି। ଏହା ସତ୍ତ୍ୱେ ଦେଶରେ ତମାଖୁ ଉତ୍ପାଦର ମୂଲ୍ୟ ଉପରେ ସେପରି କୌଣସି ପ୍ରଭାବ ପଡୁ ନାହିଁ।

## ୨୦୨୫ ସୁଦ୍ଧା ଆଇଫୋନ ହେବ ମେଡ୍ ଇନ୍ ଇଣ୍ଡିଆ !

**ନୂଆଦିଲ୍ଲୀ:** ଚୀନର କରୋନା ନୀତି ଏବଂ ଭାରତରେ ବ୍ୟବସାୟ ପାଇଁ ଅନୁକୂଳ ପରିସ୍ଥିତି ଦେଖି ଆପଲ, ଭାରତରେ ଅଧିକରୁ ଅଧିକ ଉତ୍ପାଦନ କରିବା ଯୋଜନା ଉପରେ କାମ କରୁଛି । ଏହାର ଏକ ପ୍ରମୁଖ କାରଣ ଆପଲର ପ୍ରିମିୟର ସ୍ମାର୍ଟଫୋନ ଆଇଫୋନ ୧୪ ପ୍ରୋର ଯୋଗାଣ ଶୃଙ୍ଖଳାରେ ଅଭାବ ଥିବା କୁହାଯାଉଛି। ୱାଲ ଷ୍ଟ୍ରିଟ୍ ଜର୍ନାଲ ଅନୁସାରେ କମ୍ପାନି ଫକ୍ସକନର ନେତୃତ୍ୱରେ ତାଇୱାନର ଆସେମବଲର୍ସ ଉପରେ ନିର୍ଭରତା କମ କରିବା ପାଇଁ ନିଜ ସପ୍ଲାୟର୍ସକୁ ଭାରତ ଏବଂ ଭିଏତନାମରେ ଅଧିକ ସକ୍ରିୟ ରହିବାକୁ କହୁଛି ।

ବଜାର ବିଶେଷଜ୍ଞ ମିଙ୍ଗ ଚି କୁଓଙ୍କ ଅନୁସାରେ, ଆପଲ ଭାରତରୁ ୪୦ରୁ ୪୫ ପ୍ରତିଶତ ଆଇଫୋନ ରପ୍ତାନୀ ନେଇ ଯୋଜନା କରୁଛି । ଚଳିତ ବର୍ଷ ଶେଷ ତ୍ରୈମାସରେ କେବଳ ୭୦ରୁ ୭୫ ମିଲିୟନ ୟୁନିଟ୍ ଆଇଫୋନର ଶିପମେଣ୍ଟ ହୋଇଛି । ଯାହା ଚୀନର କରୋନା ନୀତି ପୂର୍ବର ବଜାର ଆବଶ୍ୟକତାରଠାରୁ ୧୦ ମିଲିୟନ ୟୁନିଟ୍ କମ । ଏହି କାରଣରୁ କମ୍ପାନିର ଆଇଫୋନ ୧୪ ପ୍ରୋ ଏବଂ ଆଇଫୋନ ୧୪ ପ୍ରୋ ମ୍ୟାକ୍ସ ମଡେଲର ସପ୍ଲାଇ ଚେନକୁ ବେଶି କ୍ଷତି ସହିବାକୁ ପଡିଛି । ଅନ୍ୟପଟେ ଜେପି ମାର୍ଗନଙ୍କ ଅନୁସାରେ ୨୦୨୫ ସୁଦ୍ଧା ପ୍ରତି ଚାରୋଟିରୁ ଗୋଟିଏ ଆଇଫୋନ ମେଡ୍ ଇନ୍ ଇଣ୍ଡିଆ ହେବ ।



ମାର୍କେଟ୍ ଇଣ୍ଟେଲିଜେନ୍ସି ଫାର୍ମ, ସାଇବର ମିଡିଆ ରିସର୍ଚ୍ଚ ଅନୁସାରେ ୨୦୨୨ ମସିହାରେ ଆଇଫୋନର ଇଣ୍ଡିଆକୁ ଆମଦାନୀ ହ୍ରାସ ହୋଇ ୧୫ ପ୍ରତିଶତରେ ପହଞ୍ଚିଛି । ୨୦୧୯ରେ ଏହା ୫୦ ପ୍ରତିଶତ ଥିଲା । ଅନ୍ୟପଟେ ଭାରତରେ ଆଇଫୋନର ଉତ୍ପାଦନ ୨୦୨୧ ମସିହାରେ ୭ ମିଲିୟନ ଥିଲା, ଯାହା ୨୦୨୨ରେ ବଢି ୧୨ରୁ ୧୩ ମିଲିୟନ ହୋଇଛି ।

## ଆୟକର ବିଭାଗର ଚେତାବନୀ
## ମାର୍ଚ୍ଚ ୩୧ ସୁଦ୍ଧା ପାନ୍ ଆଧାର ଲିଙ୍କ୍

**ନୂଆଦିଲ୍ଲୀ :** ପାନ୍-ଆଧାର ଲିଙ୍କ୍ ନେଇ ଆୟକର ବିଭାଗର ବଡ଼ ଚେତାବନୀ। ଯଦି ଆପଣ ପାନ୍ କାର୍ଡକୁ ଆଧାର ସହ ଲିଙ୍କ୍ କରିନାହାନ୍ତି ତେବେ ଏହା ଆପଣଙ୍କ ପାଇଁ ଶେଷ ସୁଯୋଗ। ଆୟକର ବିଭାଗ ୩୧ ମାର୍ଚ୍ଚ ୨୦୨୩ ପୂର୍ବରୁ ପାନ୍ ଆଧାର ଲିଙ୍କ୍ କରାଇନେବାକୁ କହିଛନ୍ତି।




ଇନକମ୍ ଟ୍ୟାକ୍ସ ବିଭାଗ ଟ୍ୱିଟ୍ କରି ଏନେଇ ସୂଚନା ଦେଇ କହିଛନ୍ତି ଯେ, ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ପାନ୍‌କୁ ଆଧାର ସହ ଯୋଡ଼ିବା ବାଧ୍ୟତାମୂଳକ କରାଯାଇଛି। ୧ ଏପ୍ରିଲ ୨୦୨୩ ସୁଦ୍ଧା ଯେଉଁ ପାନ୍ ଆଧାର ସହ ଲିଙ୍କ୍ ହୋଇନଥିବ ତାହା ନିଷ୍କ୍ରିୟ ହୋଇଯିବ। ସୂଚନାଯୋଗ୍ୟ, ପ୍ରମାଣପତ୍ର ସହ ଭିନ୍ନ ଭିନ୍ନ ସରକାରୀ କାମ ପାଇଁ ପାନ୍ କାର୍ଡର ଆବଶ୍ୟକତା ପଡ଼ିଥାଏ। ଖାସ୍ କରି ଆର୍ଥିକ ନେଣଦେଣ ପାଇଁ ପାନ୍ କାର୍ଡର ଆବଶ୍ୟକତା ରହିଥାଏ।

# ଦୀର୍ଘ ୧୧ ମାସ ପରେ ହ୍ରାସ ହେଲା ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ:** ବହୁଦିନର ଅପେକ୍ଷା ପରେ ଭାରତୀୟ ଅର୍ଥନୀତି ପାଇଁ ଶୁଭ ସଂକେତ ଆସିଛି। ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ୫.୮୮ ପ୍ରତିଶତକୁ ଖସିଆସିଛି। ଗତ ୧୧ ମାସରେ ଏହା ସବୁଠାରୁ ତଳକୁ ଖସିଛି। ଡିସେମ୍ବର ୨୦୨୧ରେ ମହଙ୍ଗା ସ୍ଥିତି ୫.୫୯ ପ୍ରତିଶତ ଥିଲା। ଏହାପର ଠାରୁ ଲଗାତର ୬ ପ୍ରତିଶତରୁ ଅଧିକ ଖୁଚୁରା ମୁଦ୍ରାସ୍ଫୀତି ରହୁଥିଲା। ସେପ୍ଟେମ୍ବର ମାସରେ ଏହା ୭.୪୧ ପ୍ରତିଶତକୁ ଛୁଇଁଥିଲା। ତେବେ ନଭେମ୍ବର ୨୦୨୧ରେ ମୁଦ୍ରାସ୍ଫୀତି ୪.୯୧ ହୋଇଥିଲା। ଲଗାତର ଦ୍ୱିତୀୟ ମାସ ହେଲା ସିପିଆଇ(ଉପଭୋକ୍ତା ମୂଲ୍ୟ ସୂଚକାଂକ) ହ୍ରାସ ପାଇଛି।

ପନିପରିବା ମୂଲ୍ୟ ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ହୋଇଛି। ନଭେମ୍ବର ମାସରେ ଖାଦ୍ୟସାମଗ୍ରୀର ମହଙ୍ଗା ସ୍ଥିତି ଅକ୍ଟୋବର ୭.୧ ପ୍ରତିଶତ ଠାରୁ ହ୍ରାସ ହୋଇ ୪.୬୭ ପ୍ରତିଶତ ହୋଇଯାଇଥିବା ବେଳେ ପନିପରିବାର ମହଙ୍ଗା ସ୍ଥିତି ଅକ୍ଟୋବରର ୭.୭୭ରୁ ହ୍ରାସ ହୋଇ -୮.୦୮ ପ୍ରତିଶତ ହୋଇଯାଇଛି।

**● ମହଙ୍ଗା ସ୍ଥିତିର ପ୍ରଭାବ କେମିତି ପଡ଼ିଥାଏ ?**

ଦେଶର ମହଙ୍ଗା ସ୍ଥିତି ଜନତାଙ୍କ ପର୍ଚ୍ଚେଜିଂ ପାୱାର ବା କିଣାକିଣି କ୍ଷମତା ଉପରେ ନିର୍ଭର କରିଥାଏ। ଉଦାହରଣ ସ୍ୱରୁପ ଯଦି ମହଙ୍ଗା ସ୍ଥିତି ୭ ପ୍ରତିଶଥ ରହିଛି ତେବେ ପାଖରେ ଥିବା ୧୦୦ ଟଙ୍କାର ମୂଲ୍ୟ କେବଳ ୯୩ ଟଙ୍କା ରହିବ। ଏଥିରୁ ୭ଟଙ୍କାର ମୂଲ୍ୟ ମହଙ୍ଗା ସ୍ଥିତିରେ ଚାଲିଯିବ। ତେଣୁ ମହଙ୍ଗା ସ୍ଥିତିକୁ ଦେଖି ନିବେଶ କରିବା ଉଚିତ୍। ନହେଲେ ଆପଣଙ୍କ ଟଙ୍କାର ମୂଲ୍ୟ କମିଯିବ।

ଦେଶର ମହଙ୍ଗା ସ୍ଥିତି ଜନତାଙ୍କ ପର୍ଚ୍ଚେଜିଂ ପାୱାର ବା କିଣାକିଣି କ୍ଷମତା ଉପରେ ନିର୍ଭର କରିଥାଏ। ଉଦାହରଣ ସ୍ୱରୁପ ଯଦି ମହଙ୍ଗା ସ୍ଥିତି ୭ ପ୍ରତିଶଥ ରହିଛି ତେବେ ପାଖରେ ଥିବା ୧୦୦ ଟଙ୍କାର ମୂଲ୍ୟ କେବଳ ୯୩ ଟଙ୍କା ରହିବ। ଏଥିରୁ ୭ଟଙ୍କାର ମୂଲ୍ୟ ମହଙ୍ଗା ସ୍ଥିତିରେ ଚାଲିଯିବ। ତେଣୁ ମହଙ୍ଗା ସ୍ଥିତିକୁ ଦେଖି ନିବେଶ କରିବା ଉଚିତ୍। ନହେଲେ ଆପଣଙ୍କ ଟଙ୍କାର ମୂଲ୍ୟ କମିଯିବ।

**● ଜନ ଜୀବନକୁ କେମିତି ପ୍ରଭାବିତ କରେ ମହଙ୍ଗା ସ୍ଥିତି ?**

ମହଙ୍ଗା ସ୍ଥିତିର ସିଧା ସମ୍ପର୍କ ପର୍ଚ୍ଚେଜିଂ ପାୱାର ବା କ୍ରୟ କ୍ଷମତା ସହ ଜଡ଼ିତ। ଉଦାହରଣ ସ୍ୱରୁପ- ଯଦି ମହାଙ୍ଗା ଦର ୭% ଅଛି ତେବେ ପାଖରେ ଥିବା ୧୦୦ ଟଙ୍କାର ମୂଲ୍ୟ ମାତ୍ର ୯୭ ଟଙ୍କା ହେବ। ମହଙ୍ଗା ସ୍ଥିତିରେ ଟଙ୍କା ମୂଲ୍ୟ କମୁଥିବାରୁ ସ୍ଥିତି



ଦେଖି ନିବେଶ କରିବା ଉଚିତ୍ ବୋଲି କୁହାଯାଏ। ରଷ ଓ ବ୍ରାଜିଲ୍‌କୁ ଛାଡ଼ିଦେଲେ ପାଖାପାଖି ଅନେକ ଦେଶର ସୁଧ ହାର ନେଗେଟିଭ୍ ରହିଛି। ଯାହାର ଅର୍ଥ ହେଲା ଫିକ୍ସ୍ଡ ଡିପୋଜିଟ୍‌ରେ ମହଙ୍ଗା ସ୍ଥିତି ଠାରୁ କମ ସୁଧ ମିଳିବା।

**● ମହଙ୍ଗା ଦର କେମିତି ବଢ଼େ ଓ କମେ ?**

ମହଙ୍ଗା ଦର ବଢ଼ିବା ଓ କମିବା ସାମଗ୍ରୀର ଚାହିଦା ଓ ସେହି ଅନୁସାରେ ରପ୍ତାନୀ ହେଉଛି କି ନାହିଁ ତା ଉପରେ ନିର୍ଭରେ କରେ। ଯଦି ଲୋକଙ୍କ ପାଖରେ ଅଧିକ ଟଙ୍କା ହେବ, ତେବେ ସେମାନେ ଅଧିକ କିଣାକିଣି କରିବେ। ଅଧିକ ସମାଗ୍ରୀ କିଣିବା ଦ୍ୱାରା ସାମଗ୍ରୀର ଚାହିଦା ବୃଦ୍ଧି ହେବ। ଆଉ ଯଦି ଚାହିଦା ଅନୁସାରେ ରପ୍ତାନୀ ଠିକ୍ ଭାବେ ହେଲାନି ତେବେ ଯାଇ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟେ।

ଫଳରେ ବଜାରରେ ମହଙ୍ଗା ସ୍ଥିତି ଉପୁଜିଥାଏ। ସରଳ ଭାଷାରେ କହିବାକୁ ଗଲେ ବଜାରରେ ଅତ୍ୟଧିକ ଖର୍ଚ୍ଚ କିମ୍ବା ସାମଗ୍ରୀର ଅଭାବ ହିଁ ଦରବୃଦ୍ଧିର କାରଣ ହୋଇଥାଏ। ସେହିପରି ଦର ହ୍ରାସ ହେବାର କୌଶଳ ଏହାର ଓଲଟା। ଅର୍ଥାତ ରପ୍ତାନୀ ଅନୁସାରେ ଚାହିଦା ନ ରହିଲେ ସାମଗ୍ରୀର ମୂଲ୍ୟ କମିଯିବ। ଫଳରେ ସାମଗ୍ରୀକ ମହଙ୍ଗା ଦର ବି ହ୍ରାସପାଇବ।

**● ଦରବୃଦ୍ଧିକୁ ନିୟନ୍ତ୍ରଣ କରିଥାଏ RBI**

ଦର ବୃଦ୍ଧିକୁ ରୋକିବାକୁ ହେଲେ ବଜାରରେ ଅତ୍ୟଧିକ ଖର୍ଚ୍ଚକୁ କମାଇବାକୁ ପଡ଼ିଥାଏ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା RBI ରେପୋ ରେଟ୍ ବଢ଼ାଏ। ନିକଟରେ ମହଙ୍ଗା ସ୍ଥିତିକୁ ଦେଖି ଚିନ୍ତା ପ୍ରକଟ କରି ଜଇଓ ରେପୋରେଟକୁ ୦.୫୦% ବଢ଼ାଇଥିଲା। ଏଥିରେ ରେପୋରେଟ୍ ୪.୪୦%ରୁ ବଢ଼ି ୪.୯୦% ହୋଇଥିଲା। ଫଳରେ ବ୍ୟାଙ୍କଗୁଡ଼ିକ ହୋମଲୋନ ଠାରୁ ଆରମ୍ଭ କରି ଅଟୋ ଓ ବ୍ୟକ୍ତିଗତ ରଣକୁ ମହଙ୍ଗା କରିଦେଲେ। ସୁଧ ବଢ଼ିବା କାରଣରୁ ଉପଭୋକ୍ତାମାନେ ବ୍ୟାଙ୍କରୁ କମ ରଣ ନିଅନ୍ତି। ଟଙ୍କା କମ ହେବାରୁ ଚାହିଦା କମ୍ ଓ ରପ୍ତାନୀ ବଢ଼ିଯାଏ। ତେଣୁ ଗଚ୍ଛିତ ବସ୍ତୁର ବ୍ୟବହାର ପାଇଁ ଏହାର ମୂଲ୍ୟ କମାଇ ଦିଆଯାଇଥାଏ। ଫଳରେ ଉପଭୋକ୍ତା ସହଜରେ କିଣିପାରିଥାଏ।

**● ଏବେ ବୁଝନ୍ତୁ ସିପିଆଇ (ଗ୍ରାହକ ମୂଲ୍ୟ ସୂଚକାଙ୍କ) କଣ ?**

ବିଶ୍ୱରେ ମହଙ୍ଗା ଦରକୁ ମାପିବା ପାଇଁ WPI (ହୋଲ୍‌ସେଲ୍ ପ୍ରାଇସ୍ ଇଣ୍ଡେକ୍ସ)ର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ଭାରତରେ ଏମିତି ହୁଏ ନାହିଁ। ଆମ ଦେଶରେ ଡବ୍ଲ୍ୟୁପିଆଇ ସହ ଡବ୍ଲ୍ୟୁପିଆଇକୁ ବି ମହଙ୍ଗାଦର ଆକଳନ ପାଇଁ ବ୍ୟବହାର କରାଯାଇଥାଏ। ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ଓ କ୍ରେଡିଟ୍ ସହ ଜଡ଼ିତ ଆର୍ଥିକ ନୀତିକୁ ନିର୍ଦ୍ଧାରିତ କରିବା ପାଇଁ ହୋଲ୍‌ସେଲ୍ ମୂଲ୍ୟ ନୁହେଁ ବରଂ ଖୁଚୁରା ମହଙ୍ଗା ଦରକୁ ମୁଖ୍ୟ ମାନକ (ମ୍ୟାନ୍ ଷ୍ଟାଣ୍ଡାର୍ଡ) ବୋଲି ବିବେଚନା କରିଥାଏ। ଅର୍ଥ ବ୍ୟବସ୍ଥାରେ ଡବ୍ଲ୍ୟୁପିଆଇ ଓ ଡବ୍ଲ୍ୟୁପିଆଇ ପରସ୍ପରକୁ ପ୍ରଭାବିତ କରିଥାଏ। ତେଣୁ ଯଦି ଡବ୍ଲ୍ୟୁପିଆଇ ବଢ଼େ ତେବେ ଡବ୍ଲ୍ୟୁପିଆଇ ବି ବଢିବ।

**● ଖୁଚୁରା ମହଙ୍ଗା ଦର କେମିତି ନିର୍ଦ୍ଧାରିତ କରାଯାଇଥାଏ ?**

ଅଶୋଧିତ ତୈଳ, ସାମଗ୍ରୀର ମୂଲ୍ୟ, ନିର୍ମାଣ ମୂଲ୍ୟ ବ୍ୟତୀତ ଅନ୍ୟ କେତେକ ସାମ୍ରୀକୁ ନେଇ ଖୁଚୁରା ମହଙ୍ଗା ଦର ନିର୍ଦ୍ଧାରିତ କରାଯାଇଥାଏ। ଏପରି ପ୍ରାୟ ୨୯୯ ସାମଗ୍ରୀ ରହିଛି ଯେଉଁଗୁଡ଼ିକର ମୂଲ୍ୟ ବୃଦ୍ଧିକୁ ନେଇ ରିଟେଲ୍ ମହଙ୍ଗା ଦର ନିର୍ଦ୍ଧାରିତ କରାଯାଇଥାଏ।

# ଫିଫା ବିଶ୍ୱକପରେ ମେସିଙ୍କ ରେକର୍ଡ



ଦୋହା: ସମ୍ଭବତଃ ନିଜ ଫୁଟବଲ କ୍ୟାରିୟରର ଶେଷ ବିଶ୍ୱକପ ଖେଳୁଥିବା ଲିଓନେଲ ମେସି ଆର୍ଜେଣ୍ଟିନା ପାଇଁ ରେକର୍ଡ କରିଛନ୍ତି । ଚଳିତ ବର୍ଷ କତାରରେ ଖେଳାଯାଉଥିବା ଫିଫା ଫୁଟବଲ ବିଶ୍ୱକପର ପ୍ରଥମ ସେମି ଫାଇନାଲରେ ମେସିଙ୍କ ଆର୍ଜେଣ୍ଟିନା ୩-୦ରେ ୨୦୧୮ର ରନର୍ସ ଅପ କ୍ରୋଏସିଆକୁ ହରାଇଛି ।

ଏହି ମ୍ୟାଚ୍‌ରେ ମେସି ମଧ୍ୟ ଗୋଟିଏ ଗୋଲ ସ୍କୋର କରିଛନ୍ତି । ସେହିପରି ଆଉ ଗୋଟିଏ ଗୋଲରେ ସେ ସହଯୋଗ କରିଛନ୍ତି । ତେବେ ସେ କ୍ରୋଏସିଆ ବିପକ୍ଷରେ ଗୋଲ ଦେବା ପରେ ଆର୍ଜେଣ୍ଟିନା ପାଇଁ ବିଶ୍ୱକପରେ ରେକର୍ଡ ସୃଷ୍ଟି କରିଛନ୍ତି ।

ବର୍ତ୍ତମାନ ମେସି ବିଶ୍ୱକପରେ ଆର୍ଜେଣ୍ଟିନା ପାଇଁ ସର୍ବାଧିକ ଗୋଲ ସ୍କୋର କରିଥିବା ଖେଳାଳି ହୋଇଯାଇଛନ୍ତି । ଏଥିସହ ଚଳିତ ବିଶ୍ୱକପରେ ୫ମ ଗୋଲ ସ୍କୋର କରି ସେ ଗୋଲଡେନ ବୁଟ ପାଇବା ଦୌଡ଼ରେ ନିଜକୁ ସାମିଲ କରିଛନ୍ତି । ତାଙ୍କ ସହ ଏହି ଦୌଡ଼ରେ ଫ୍ରାନ୍ସର କାୟଲିଆନ ଏମବାପେ ମଧ୍ୟ ରହିଛନ୍ତି ।

ମେସିଙ୍କ ପୂର୍ବରୁ ଆର୍ଜେଣ୍ଟିନା ପାଇଁ ବିଶ୍ୱକପରେ ଗାବ୍ରିଏଲ ବାଟିଷ୍ଟୁଟା ୧୦ଟି ଗୋଲ ସ୍କୋର କରିଥିଲେ । ସେ ୧୯୯୪, ୧୯୯୮ ଓ ୨୦୦୨ ବିଶ୍ୱକପରେ ଅଂଶ ଗ୍ରହଣ କରି ୧୦ଟି ଗୋଲ ଦେଇଥିଲେ ।

ମେସି ଏଯାଏ ବିଶ୍ୱକପରେ ଆର୍ଜେଣ୍ଟିନା ପାଇଁ ୨୫ଟି ମ୍ୟାଚ୍ ଖେଳିଥିବା ବେଳେ ୧୧ଟି ଗୋଲ ଦେଇଛନ୍ତି । ଏଥିସହ ସେ ହଙ୍ଗେରୀର ସାଣ୍ଡୋର କୋସିସ୍ ଓ ଜର୍ମାନୀର ଗୋଲ ମେସିନ ଜୁରଗେନ କ୍ଲିନସମାନ୍ନଙ୍କ ସମକକ୍ଷ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମେସି ଜର୍ମାନୀର ଲୋଥାର ମାଥୁହାସଙ୍କ ପରେ ବିଶ୍ୱକପରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି । ସେ ଏଯାଏ ୨୫ଟି ମ୍ୟାଚ୍ ଦେଶ ପାଇଁ ଖେଳି ସାରିଲେଣି । ଫାଇନାଲ ମ୍ୟାଚ ପାଇଁ ସେ ପଡ଼ିଆକୁ ଓହ୍ଲାଇବା କ୍ଷଣି ଏହି ସଂଖ୍ୟା ୨୬ରେ ପହଞ୍ଚି ଯିବ ।

ଏବେ ଅଧିକ ଗୋଲ ସ୍କୋର କରିବା ତାଲିକାରେ ମେସିଙ୍କ ଉପରେ ପେଲେ(୧୨), ଜଷ୍ଟ ଫୋଣ୍ଟାଇନ(୧୩), ଗ୍ରେଡ ମୁଲ୍ଲର(୧୪), ବ୍ରାଜିଲର ରୋନାଲଡ୍ଡୋ(୧୫) ଓ ଜର୍ମାନୀର ମିରୋସ୍ଲାଭ କ୍ଲୋସେ(୧୬) ରହିଛନ୍ତି । ମେସିଙ୍କ ପ୍ରଥମ ବିଶ୍ୱକପ ଗୋଲ ୨୦୦୬ରେ ଆସିଥିଲା । ଏହା ତାଙ୍କର ପ୍ରଥମ ବିଶ୍ୱକପ ଥିଲା । ସେ ସବଷ୍ଟିଚ୍ୟୁଟ ହୋଇ ଅସିବା ସହ ସବିୟା ବିରୋଧରେ ଗୋଲ ସ୍କୋର କରିଥିଲେ । ଏହାର ୪ ବର୍ଷ ପରେ ମେସି ଦ୍ୱିତୀୟ ବିଶ୍ୱକପ ଖେଳିଥିଲେ । କିନ୍ତୁ ପୂରା ଟୁର୍ଣ୍ଣାମେଣ୍ଟରେ ସେ ଗୋଟିଏ ବି ଗୋଲ ସ୍କୋର କରିପାରି ନଥିଲେ । ଆର୍ଜେଣ୍ଟିନା ମଧ୍ୟ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଠାରୁ ୪-୦ରେ ହାରି ବିଶ୍ୱକପରୁ ବିଦାୟ ନେଇଥିଲା ।

୨୦୧୪ରେ ମେସିଙ୍କ ଯାଦୁ ଚାଲିଥିଲା । ଟୁର୍ଣ୍ଣାମେଣ୍ଟର ପ୍ରଥମ ୩ ମ୍ୟାଚ୍‌ରେ ମେସି ୪ ଗୋଲ ସ୍କୋର କରିଥିଲେ । ଆର୍ଜେଣ୍ଟିନା ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲା । ହେଲେ ଫାଇନାଲରେ ଦଳ ପୁଣି ଜର୍ମାନୀ ଠାରୁ ହାରିଥିଲା । ୨୦୧୮ ବିଶ୍ୱକପରେ ସେ ଗୋଟିଏ ଗୋଲ ଦେଇଥିବା ବେଳେ ଏବେ ୨୦୨୨ ବିଶ୍ୱକପରେ ସେ ୫ ଗୋଲ ସ୍କୋର କରିସାରିଲେଣି । ଆର୍ଜେଣ୍ଟିନା ପାଇଁ ମୋଟ ୧୬୯ଟି ମ୍ୟାଚ ଖେଳିଥିବା ମେସି ୯୪ଟି ଗୋଲ ଦେଇଛନ୍ତି ।

ମେସି ଚଳିତ ବିଶ୍ୱକପ ପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବେ । ତେଣୁ ଦଳ ତାଙ୍କୁ ବିଜୟ ସହ ବିଦାୟ ଜଣାଇବାକୁ ଲକ୍ଷ୍ୟ ରଖିଛି । ୨୦୧୪ରେ ମଧ୍ୟ ମେସିଙ୍କ ଆର୍ଜେଣ୍ଟିନା ଫିଫା ଫୁଟବଲ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଥିଲା । କିନ୍ତୁ ଦଳକୁ ୧-୦ରେ ଜର୍ମାନୀ ଠାରୁ ହାରିବାକୁ ପଡ଼ିଥିଲା ।

ଏବେ ପୁଣିଥରେ ଦଳ ପାଖରେ ବିଶ୍ୱକପ ଜିତିବାର ସୁଯୋଗ ସୃଷ୍ଟି ହୋଇଛି । ୧୯୮୬ରେ ମାରାଡୋନା ଶେଷଥର ପାଇଁ ଆର୍ଜେଣ୍ଟିନାକୁ ବିଶ୍ୱକପ ବିଜେତା କରିଥିଲେ । ହେଲେ ଏହାପରେ ଦଳ ଆଉ ବିଶ୍ୱକପ ଜିତିନି । ଯଦି କତାରରେ ଦଳ ବିଶ୍ୱକପ ଜିତିବ, ତା'ହେଲେ ତୃତୀୟ ଥର ପାଇଁ ବିଶ୍ୱ ବିଜେତା ହେବ । ବ୍ରାଜିଲ ସର୍ବାଧିକ ୫ଥର ବିଶ୍ୱକପ ଜିତିଥିବା ବେଳେ ଇଟାଲୀ ୪ଥର ଓ ଜର୍ମାନୀ ୪ଥର ବିଶ୍ୱକପ ଜିତିଛନ୍ତି । ଫ୍ରାନ୍ସ ଓ ଆର୍ଜେଣ୍ଟିନା ୨ଥର ବିଶ୍ୱ ବିଜେତା ହୋଇଛନ୍ତି ।

## ଦିନିକିଆରେ ଈଶାନ କିଶନଙ୍କ ବିଶ୍ୱ ରେକର୍ଡ

ଢାକା: ବିଶ୍ୱ କ୍ରିକେଟରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି ଈଶାନ କିଶନ । ସେ ବାଂଲାଦେଶ ବିପକ୍ଷ ତୃତୀୟ ଦିନିକିଆରେ ଦ୍ୱିତଶତକ ହାସଲ କରିଛନ୍ତି । ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ ଓ ରୋହିତ ଶର୍ମାଙ୍କ ପରେ ଈଶାନ କିଶନ ୪ର୍ଥ ଭାରତୀୟ ଭାବେ ଦିନିକିଆରେ ଡବଲ ଟନ୍? ହାସଲ କରିଛନ୍ତି । ସେ ମାତ୍ର ୧୨୬ ବଲରେ ଏପରି ଦୁଇ ଶତକ ହାସଲ କରି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ କେହି ବି ଏତେ କମ ବଲରେ ଦୁଇ ଶତକ ହାସଲ କରି ନଥିଲେ । ସେ ଦିନିକିଆ କ୍ରିକେଟରେ ଦ୍ରୁତତମ ଦୁଇ ଶତକ ହାସଲ କରିଥିବା ପ୍ରଥମ ଖେଳାଳି ହୋଇଛନ୍ତି । ୨୦୧୫ରେ କ୍ରିସ



ଗେଲ ଜିମ୍ବାୱେ ବିପକ୍ଷ ୨୦୧୫ ବିଶ୍ୱକପରେ ମାତ୍ର ୧୩୮ ବଲରେ ଦୁଇ ଶତକ ହାସଲ କରିଥିଲେ । ଏଯାଏ ତାଙ୍କ ରେକର୍ଡକୁ କେହି ବି କାଟି ମାରି ନଥିଲେ । କିନ୍ତୁ ଆଜି ଈଶାନ କିଶନ ଏହାକୁ ଭାଙ୍ଗି ଦେଇଛନ୍ତି । ରୋହିତ ଶର୍ମା ଆହତ ହେବାରୁ ଈଶାନ କିଶନଙ୍କୁ ଆଜି ବାଂଲାଦେଶ ବିପକ୍ଷ ତୃତୀୟ ଦିନିକିଆରେ ସୁଯୋଗ ମିଳିଥିଲା । ସେ ଆରମ୍ଭରୁ ହିଁ ଆଟାକିଂ ଶଟ୍ ଖେଳି ପ୍ରଥମେ ୮୫ ବଲରେ ନିଜର ଶତକ ହାସଲ କରିଥିଲେ । ଏହାପରେ ୧୨୬ ବଲରେ ନିଜର ଦୁଇ ଶତକ ହାସଲ କରିଛନ୍ତି । ଦୁଇ ଶତକ ହାସଲ କରିବା ପରେ ସେ ଗୋଟିଏ ଛକା ଓ ଗୋଟିଏ ଚୌକା ମାରି ଟସ୍କିନ ଅହମଦ ବଲରେ ଆଉଟ ହୋଇଛନ୍ତି । ଈଶାନ କିଶନ ୧୩୧ ବଲରେ ୨୧୦ ରନ କରିଛନ୍ତି । ଏହି ଇନିଂସରେ ୧୦ଟି ବିଶାଳ ଛକା ଓ ୨୪ଟି ଚୌକା ମାରିଛନ୍ତି । ତାଙ୍କ ଷ୍ଟ୍ରାଇକ ରେଟ ୧୬୦.୩ ରହିଛି ।

### ଅଣ୍ଡର ୧୯ ମହିଳା ବିଶ୍ୱକପ

## ଶେଫାଳି ବର୍ମା ନେବେ ଭାରତର ନେତୃତ୍ୱ



ନୂଆଦିଲ୍ଲୀ: ଭାରତର ସିନିୟର ସ୍କ୍ୱାଡରେ ସାମିଲ ହୋଇ ଏକାଧିକ ମ୍ୟାଚ୍ ଖେଳି ସାରିଥିବା ଶେଫାଳି ବର୍ମା ଏବେ ଅଣ୍ଡର ୧୯ ମହିଳା ବିଶ୍ୱକପରେ ଟିମ୍‌ର ନେତୃତ୍ୱ ନେବେ । ଦକ୍ଷିଣ ଆଫ୍ରିକାରେ ପ୍ରଥମଥର ଅଣ୍ଡର ୧୯ ଟି-୨୦ ମହିଳା ବିଶ୍ୱକପ ଖେଳାଯିବ । ଏହି ବିଶ୍ୱକପରେ ଭାରତୀୟ ଅଣ୍ଡର ୧୯ ଟିମ ଶେଫାଳି ବର୍ମାଙ୍କ କ୍ୟାପ୍ଟେନ୍ସିରେ ଖେଳିବ । ଶେଫାଳି ସିନିୟର ଟିମ ସହ ଖେଳୁଥିବାରୁ ଅଣ୍ଡର ୧୯ ବିଶ୍ୱକପରେ ଏହା ଭାରତୀୟ ମହିଳା ଦଳକୁ ନିଶ୍ଚିତ ଭାବେ ଫାଇଦା ଦେବ ବୋଲି ଆଶା କରାଯାଉଛି । ଶେଫାଳି ବର୍ମାଙ୍କ ବ୍ୟତୀତ ସିନିୟର ଟିମ ସହ ଖେଳିଥିବା ରିଚା ଘୋଷଙ୍କ ନାଁ ମଧ୍ୟ ଅଣ୍ଡର ୧୯ ଟି-୨୦ ବିଶ୍ୱକପ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ରହିଛି ।

ଅଲଇଣ୍ଡିଆ ୱେମନ ସିଲେକସନ କମିଟି ଭାରତର ଅଣ୍ଡ ୧୯ ମହିଳା ଟି-୨୦ ବିଶ୍ୱକପ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିପାକ୍ଷିକ ସିରିଜ ପାଇଁ ଖେଳାଳିଙ୍କ ନାଁ ଘୋଷଣା କରିଛି । ଏହି ସ୍କ୍ୱାଡରେ ଶେଫାଳିଙ୍କୁ କ୍ୟାପଟ୍ଟେନ ଭାବେ ନିଯୁକ୍ତି ମିଳିଥିବା ବେଳେ ଶ୍ୱେତା ଶେରାୱତ ଉପ ଅଧିନାୟକ ହୋଇଛନ୍ତି । ରିଚା ଘୋଷ ଉଭୟ ଟି-୨୦ ବିଶ୍ୱକପ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ୱିକେଟ କିପର ଦାୟିତ୍ୱରେ ରହିବେ ।

ପ୍ରଥମଥର ପାଇଁ ଅଣ୍ଡର ୧୯ ମହିଳା ଟି-୨୦ ବିଶ୍ୱକପ ଖେଳାଯିବାକୁ ଥିବା ବେଳେ ଏଥିରେ ମୋଟ ୧୬ଟି ଟିମ ଭାଗ ନେବେ । ଜାନୁଆରୀ ୧୪ରୁ ୨୯ ତାରିଖ ଯାଏ ଦକ୍ଷିଣ ଆଫ୍ରିକାରେ ଟି-୨୦ ବିଶ୍ୱକପ ଖେଳାଯିବ । ଭାରତୀୟ ମହିଳା ଟିମ ଗ୍ରୁପ ଡି'ରେ ରହିଛି । ଏହି ଗ୍ରୁପରେ ଭାରତ ବ୍ୟତୀତ ଆୟୋଜକ ଦକ୍ଷିଣ ଆଫ୍ରିକା, ୟୁଏଇ ଓ ସ୍କଟଲ୍ୟାଣ୍ଡ ରହିଛନ୍ତି ।

ପ୍ରତି ଗ୍ରୁପରୁ ଟପ ୩ଟି ଲେଖାଏ ଦଳ ସୁପର ସିକ୍ସକୁ ଯିବେ । ସେଠାରେ ୬ଟି ଲେଖାଏ ଦଳକୁ ନେଇ ୨ଟି ଗ୍ରୁପ ତିଆରି ହେବ । ପ୍ରତି ଗ୍ରୁପରୁ ଟପ୍ ୨ଟି ଲେଖାଏ ଦଳ ସେମି ଫାଇନାଲକୁ ଯିବେ । ୨୭ ତାରିଖରେ ୨ଟି ଯାକ ସେମି ଫାଇନାଲ ଓ ୨୯ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ।

ବିଶ୍ୱକପ ପୂର୍ବରୁ ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଡିସେମ୍ବର ୨୭, ୨୯, ୩୧, ଜାନୁଆରୀ ୨ ଓ ୪ରେ ୫ଟି ଟି-୨୦ ମ୍ୟାଚ୍ ଖେଳିବ ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ସ୍କ୍ୱାଡ୍:** ଶେଫାଳି ବର୍ମା(ଅଧିନାୟକ), ଶ୍ୱେତା ଶେରାୱତ(ଉପ ଅଧିନାୟକ), ରିଚା ଘୋଷ (ୱିକେଟ କିପର), ଜି ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହଦିୟା, ହୁରଲେୟ ଗାଲା, ହର୍ଷିତା ବାସୁ(ୱିକେଟ କିପର), ସୋନମ ଯାଦବ, ମନତ କଶ୍ୟପ, ଅର୍ଚ୍ଚନା ଦେବୀ, ପରଶବୀ ଚୋପ୍ରା, ତିତାସ ସାଧୁ, ଫଲକ ନାଜ, ଶବନମ ମହମ୍ମଦ, ଶିଖା, ନଜଲା ସିଏମସି ଓ ଯଶଶ୍ରୀ ।

**ଟି-୨୦ ବିଶ୍ୱକପ ପାଇଁ ସ୍କ୍ୱାଡ:** ଶେଫାଳି ବର୍ମା (ଅଧିନାୟକ), ଶ୍ୱେତା ଶେରାୱତ (ଉପ ଅଧିନାୟକ), ରିଚା ଘୋଷ (ୱିକେଟ କିପର), ଜି ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହଦିୟା, ହୁରଲେୟ ଗାଲା, ହର୍ଷିତା ବାସୁ (ୱିକେଟ କିପର), ସୋନମ ଯାଦବ, ମନତ କଶ୍ୟପ, ଅର୍ଚ୍ଚନା ଦେବୀ, ପରଶବୀ ଚୋପ୍ରା, ତିତାସ ସାଧୁ, ଫଲକ ନାଜ, ଶବନମ ମହମ୍ମଦ ।

**ଷ୍ଟାଣ୍ଡବାଇ ଖେଳାଳି:** ଶିଖା, ନଜଲା ସିଏମସି ଓ ଯଶଶ୍ରୀ ।

## ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରୁ ବାଦ ପଡ଼ିବେ ରାହାଣେ ଓ ଈଶାନ୍ତ ଶର୍ମା !

ନୂଆଦିଲ୍ଲୀ: ଖେଳାଳିଙ୍କ ସହ ବିସିସିଆଇ କରୁଥିବା କେନ୍ଦ୍ରୀୟ ଚୁକ୍ତିରେ ବଡ଼ଧରଣର ଅଦଳବଦଳ ଦେଖିବାକୁ ମିଳିବ । କେନ୍ଦ୍ରୀୟ ଚୁକ୍ତିରୁ ବାଦ ପଡ଼ିବେ ଟେଷ୍ଟ ସ୍ପେଶାଲିଷ୍ଟ ଅଜିଙ୍କ୍ୟ ରାହାଣେ ଓ ଦ୍ରୁତ ବୋଲର ଈଶାନ୍ତ ଶର୍ମା । ଖରାପ ଫର୍ମ ପାଇଁ ଏହି ଦୁଇ ଖେଳାଳି ଦୀର୍ଘ ଦିନ ହେଲା ଟିମ ଇଣ୍ଡିଆରୁ ବାହାରେ ରହିଛନ୍ତି । ଦିନକୁ ଦିନ ଯୁବ ଖେଳାଳି ଭଲ ପ୍ରଦର୍ଶନ କରୁଥିବାରୁ ଏହି ଦୁଇ ଭେଟରାନଙ୍କ କମବ୍ୟାକ ଆଶା ମଧ୍ୟ କ୍ଷୀଣ । ତେଣୁ ବିସିସିଆଇ ଖେଳାଳିମାନଙ୍କ ସହ କରୁଥିବା ବାର୍ଷିକ ଚୁକ୍ତିରୁ ରାହାଣେ ଓ ଈଶାନ୍ତ ଶର୍ମା ବାଦ ପଡ଼ିବେ ବୋଲି ଜଣାପଡ଼ିଛି । ସେହିପରି ସୀମିତ ଓଭର ସ୍ପେଶାଲିଷ୍ଟ ସୂର୍ଯ୍ୟ କୁମାର ଯାଦବ ଓ ଶୁବମନ ଗିଲ୍‌ଙ୍କୁ ୨୦୨୨-୨୩ ସିଜିନରେ ପ୍ରମୋସନ ମିଳିପାରେ । ଆସନ୍ତା ୨୧ ତାରିଖରେ ବିସିସିଆଇର ବୈଠକ ବସିବ । ଏହି ବୈଠକରେ ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତର ସମୀକ୍ଷା କରାଯିବ । ରାହାଣେ ଓ ଈଶାନ୍ତ ବାଦ ପଡ଼ିବାକୁ ଥିବା ବେଳେ ଟି-୨୦ର ଭାବୀ କ୍ୟାପଟ୍ଟେନ ହାର୍ଦ୍ଦିକ ପାଣ୍ଡ୍ୟା ଗ୍ରୁପ ସି'ରୁ ଗ୍ରୁପ ବି'କୁ ପ୍ରମୋସନ ପାଇବେ । ୨୧ ତାରିଖରେ ୧୨ଟି ବିଷୟବସ୍ତୁ ଉପରେ ଆଲୋଚନା ହେବାର ଅଛି । କିନ୍ତୁ ଟି-୨୦ ବିଶ୍ୱକପ ଓ ବାଂଲାଦେଶ ବିପକ୍ଷରେ ଦିନିକିଆ ସିରିଜ ହାରିବା ପ୍ରସଙ୍ଗ ବୈଠକର ଏଜେଣ୍ଡାରେ ନାହିଁ । କିନ୍ତୁ ଅଧକ୍ଷ ଚାହିଁଲେ ତାଲିକାଭୁକ୍ତ ହୋଇ ନଥିବା ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇପାରେ ।

ସେହିପରି ଘରୋଇ କ୍ରିକେଟ ପାଇଁ ଭି ଜୟଦେବାନ ପ୍ରସ୍ତୁତ କରିଥିବା ରେନ ରୁଲ ଫର୍ମୁଲା ପାଇଁ ୱାନ ଟାଇମ ପେମେଣ୍ଟ ଉପରେ ବୈଠକରେ ଆଲୋଚନା ହେବ । ଅନ୍ତର୍ଜାତୀୟ ସ୍ତରରେ ଆଇସିସି ଡିଏଲଏସ୍ ମେଥଡ ବ୍ୟବହାର କରୁଛି । କିନ୍ତୁ ମୁସ୍ତାକ ଅଲୀ ଟି-୨୦, ବିଜୟ ହାଜାରେ, ଦେଓଦର ଟ୍ରଫସି ଓ ଚ୍ୟାଲେଞ୍ଜର ଟ୍ରଫିରେ ଭିଜେଡି ନିୟମ ଲାଗୁ କରି ମ୍ୟାଚ୍?ର ରେଜଲ୍ଟ ବାହାର କରାଯାଉଛି । କେନ୍ଦ୍ରୀୟ ଚୁକ୍ତିରେ ପରିବର୍ତ୍ତନ ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ରହିଛି । ଉଭୟ ପୁରୁଷ ଓ ମହିଳା କ୍ରିକେଟରଙ୍କ କେନ୍ଦ୍ରୀୟ ଚୁକ୍ତି ଉପରେ ବୈଠକରେ ଆଲୋଚନା ହେବ । ଏହି ସମୟରେ ଟିମ ଇଣ୍ଡିଆର ପୂର୍ବତନ ଉପ ଅଧିନାୟକ ରାହାଣେ ଓ ଈଶାନ୍ତ ଶର୍ମାଙ୍କ ଚୁକ୍ତି ଆଉ ରିନ୍ୟୁ କରାଯିବ ନାହିଁ ।



## ଲେଡି ସିଙ୍ଘମ ହେବେ ଦୀପିକା

ମୁମ୍ବାଇ: ଏଥର ଆଉ ଲଟକେ ଝଟକେ ନୁହେଁ ପୁଲିସ ପୋଷାକରେ ହୁକୁମ ଚଳାଇବେ ମସ୍ତାନୀ ଗାର୍ଲ ଦୀପିକା ପାଦୁକୋନ୍ । ଡ୍ୟାନ୍ସ ନୁହେଁ ଏଥର ଦେଖାଇବେ ଆକ୍ସନ । ଲେଡି ସିଙ୍ଘମ ସାଜିବେ ଏହି ଡିମ୍ପଲ ଗାର୍ଲ । ବଲିଉଡର ଜଣାଶୁଣା ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ଲୋକପ୍ରିୟ ସିରିଜ୍ 'କପ୍ ୟୁନିଭର୍ସ'ରେ ଏଣ୍ଟ୍ରି କରିଛନ୍ତି ଦୀପିକା ପାଦୁକୋନ । ପ୍ରଥମ ଥର ପାଇଁ ଏହି କପ୍ ୟୁନିଭର୍ସ ସିରିଜରେ ଜଣେ ମହିଳା ପୁଲିସ ଭାବେ ସେ ନଜର ଆସିବେ ।

ସେହିପରି ଫିଲ୍ମ 'ସିଙ୍ଘମ୍ ଏଗେନ୍'ରେ ପୁଣିଥରେ ବାଜିରାଓ ସିଙ୍ଘମ ଭୂମିକାରେ ନଜର ଆସିବେ ଅଜୟ ଦେବଗନ । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅଜୟ ଓ ଦୀପିକା ଏକାଠି ନଜର ଆସିବେ । ଦୀପିକାଙ୍କୁ ଏଥିରେ ଲେଡି ସିଙ୍ଘମ ଭୂମିକାରେ ଦେଖିବାକୁ ମିଳିଛି । ଏହି ଖବର ସାମ୍ନାକୁ ଆସିବା ପରେ ଦୀପିକାଙ୍କ ଫ୍ୟାନ୍‌ମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି ।

୨୦୧୧ରେ ଅଜୟ ଦେବଗନ୍‌ଙ୍କ ଫିଲ୍ମ ସିଙ୍ଘମରୁ କପ୍ ୟୁନିଭର୍ସ ସିରିଜର ଆରମ୍ଭ ହୋଇଥିଲା । ଏଥିରେ ସେ ବାଜିରାଓ ସିଂଘମଙ୍କ ଭୂମିକାରେ ଅଭିନୟ କରି ସାରା ଦେଶରେ ନିଜର ଏକ ନୂଆ ପରିଚୟ ସୃଷ୍ଟି କରିଥିଲେ । ୨୦୧୪ରେ 'ସିଂଘମ ରିଟର୍ଣ୍ଣସ' ବି ଆସିଲା । ଏଥିରେ ଅଜୟଙ୍କ ସହ ନଜର ଆସିଥିଲେ କରୀନା କପୁର ଖାନ୍ । ତେବେ କରୀନା ସେଥିରେ କେବଳ ଜଣେ ଅଭିନେତ୍ରୀ ଭାବେ ନଜର ଆସିଥିଲେ । ପ୍ରଥମ ଥର ପାଇଁ ଜଣେ ମହିଳା ରୋହିତଙ୍କ ଏହି 'କପ୍ ୟୁନିଭର୍ସ'ରେ ପୁଲିସ୍ ଭୂମିକା ଅଭିନୟ କରିବାକୁ ଯାଉଥିବାରୁ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି ।

ଦୀପିକାଙ୍କ ପୂର୍ବରୁ ରଣବୀର ସିଂହ ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ସିମ୍ବା'ରେ ସଂଗ୍ରାମ ଭାଲିରାଓ ଭୂମିକାରେ ନଜର ଆସିଥିଲେ । ସେହିପରି ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ପୁଲିସ୍ ଭୂମିକାରେ ନଜର ଆସିଥିଲେ ଅକ୍ଷୟ କୁମାର ।

## ପୁଣି ପ୍ରେମରେ ପଡ଼ିଲେ ରିଆ !



ମୁମ୍ବାଇ: ପୁଣି ଚର୍ଚ୍ଚାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ । ତେବେ ଏଥର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାକୁ ନେଇ ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସେ ଚର୍ଚ୍ଚାକୁ ଆସିଛନ୍ତି । ତାଙ୍କ ଜୀବନରେ ଏଣ୍ଟ୍ରି କରିଛନ୍ତି ଜଣେ ମିଷ୍ଟ୍ରି ମ୍ୟାନ୍ । ସୁଶାନ୍ତଙ୍କ ମୃତ୍ୟୁ ପରେ ପୁଣି ଥରେ ପ୍ରେମରେ ପଡିଛନ୍ତି ଏହି ଅଭିନେତ୍ରୀ । ଏଭଳି କିଛି ଖବର ଏବେ ଶୁଣିବାକୁ ମିଳିଛି ।

ରିଆ ଏବେ ନିଜ ଜୀବନରେ ଆଗକୁ ବଢ଼ିଛନ୍ତି । ସୁଶାନ୍ତଙ୍କ ମୃତ୍ୟୁ ପରେ ଏବେ ରିଆ ପୁଣି ଥରେ ଆଉ ଜଣଙ୍କୁ ନିଜ ମନ ଦେଇଛନ୍ତି । ସେ ସୀମା ସଜଦେହଙ୍କ ଭାଇ ବଣ୍ଟି ସଜଦେହଙ୍କୁ ଡେଟ୍ କରୁଥିବା ଶୁଣିବାକୁ ମିଳିଛି । ଏଦୁହେଁ ଲିଭ୍ ଇନ୍‌ରେ ରହୁଥିବା ମଧ୍ୟ କୁହାଯାଉଛି । ତେବେ ରିଆ ନିଜର ଏହି ସମ୍ପର୍କକୁ ପୂରାପୁରି ବ୍ୟକ୍ତିଗତ ରଖିବାକୁ ଚାହୁଁଛନ୍ତି । ବଣ୍ଟି ସ୍ପୋର୍ଟସ୍ ଏବଂ ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରିର ଏକ ଟ୍ୟାଲେଣ୍ଟେଡ ସଂସ୍ଥାର ମାଲିକ । ଏକ ରିପୋର୍ଟରୁ ଜଣାପଡିଛି ଯେ, ବଣ୍ଟି ଓ ରିଆ ଏବେ ଏକାଠି ଅଛନ୍ତି । ଗତ କିଛି ବର୍ଷ ମଧ୍ୟରେ ରିଆ ଯେଉଁ ପରିସ୍ଥିତି ଦେଇ ଗତି କରିଛନ୍ତି, ଏଭଳି ସ୍ଥିତିରେ ବଣ୍ଟି ଏବେ ତାଙ୍କର ସପୋର୍ଟ ସିଷ୍ଟମ ପାଲଟି ଯାଇଛନ୍ତି । କହିବାକୁ ଗଲେ ବଣ୍ଟି ହେଉଛନ୍ତି, ସୋହେଲ ଖାନ୍‌ଙ୍କ ପୂର୍ବତନ ପତ୍ନୀ ସୀମା ସଜଦେହଙ୍କ ଭାଇ । ସେ କର୍ଣ୍ଣରଷ୍ଟୋନ୍ ସ୍ପୋର୍ଟର ସିଇଓ ଅଟନ୍ତି ।

ଉଲ୍ଲେଖଯୋଗ୍ୟ, ୨୦୨୦ରେ ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରେ ରିଆ ଚକ୍ରବର୍ତ୍ତୀଙ୍କ ଅଡୁଆ ବଢ଼ିଥିଲା । ତାଙ୍କ ମୃତ୍ୟୁରେ ସାମ୍ନାକୁ ଆସିଥିବା ଡ୍ରଗ୍ସ ମାମଲାରେ ରିଆଙ୍କ ହାତ ଥିବା ଖବର ସାମ୍ନାକୁ ଆସିଥିଲା । ସୁଶାନ୍ତଙ୍କ ପରିବାର ଲୋକେ ମଧ୍ୟ ପୁଅ ମୃତ୍ୟୁ ପାଇଁ ରିଆଙ୍କୁ ଦାୟୀ କରିଥିଲେ । ଏହାପରେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଗିରଫ ମଧ୍ୟ କରାଯାଇଥିଲା । ଦୀର୍ଘ ଏକ ମାସ ଜେଲ୍‌ରେ ରହିବା ପରେ ସେ ଜାମିନ୍‌ରୁ ଜେଲ୍‌ରୁ ମୁକୁଳିଥିଲେ । ଏହାପରେ ମିଡିଆ ସାମ୍ନାକୁ ସେ ଆସୁନଥିଲେ ।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty